# ନିତିଦିନ NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 12 PAGES • ₹ 6/-

www.nitidin.com | twitter.com/nitidintoday | facebook.com/nitidintoday

SATURDAY 21 SEPTEMBER 2024 | ଶନିବାର ୨୧ ସେପ୍ଟେମ୍ବର ୨୦୨୪

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 • ISSUE 125 BHUBANESWAR I BERHAMPUR I SAMBALPUR I BALASORE I JAJPUR | ବର୍ଷ ୧୦ • ସଂଖ୍ୟା ୧୨୫ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର


## ସରୋଜିନୀ ସାହୁ ପାଇବେ ୪୫ତମ ଶାରଳା ପୁରସ୍କାର

**ଭୁବନେଶ୍ୱର,୨୦।୯/ଏନ୍ଏନ୍ଏସ୍:**

ଶ୍ରେଷ୍ଠ ସାହିତ୍ୟ କୃତି ପାଇଁ ପ୍ରତି ବର୍ଷ ଇମ୍ପାଚାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ପ୍ରଦାନ କରାଯାଉଥିବା ମର୍ଯ୍ୟାଦାଜନକ 'ଶାରଳା ପୁରସ୍କାର' ଚଳିତ ବର୍ଷ ବିଶିଷ୍ଟ ବାମାବାଦୀ ଲେଖିକା ସରୋଜିନୀ ସାହୁଙ୍କୁ ପ୍ରଦାନ କରାଯିବ। ୨୦୧୯ ମସିହାରେ ସୃଜନ ଇଣ୍ଡିଆ ଦ୍ୱାରା ପ୍ରକାଶିତ ତାଙ୍କ ଉପନ୍ୟାସ 'ଅସ୍ଥିର ପାଦ' ପାଇଁ ସେ ଏହି ପୁରସ୍କାର ଲାଭ କରିବେ। ଆଗାମୀ ଅକ୍ଟୋବର ୨୬ ତାରିଖରେ ଏକ ବର୍ଣ୍ଣାଢ୍ୟ ସାରସ୍ୱତ ସମାବେଶରେ ଲେଖକଙ୍କୁ ଉତ୍ତରୀୟ, ସମ୍ମାନପତ୍ର, ଫଳକ ସହିତ ପାଞ୍ଚଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ।



ସରୋଜିନୀ ସାହୁଙ୍କ 'ଅସ୍ଥିର ପାଦ' ସହିତ ଚୂଡ଼ାନ୍ତ ପର୍ଯ୍ୟାୟ ବିଚାର ପ୍ରକ୍ରିୟାରେ ସାମିଲ ହୋଇଥିବା ଅନ୍ୟ ପୁସ୍ତକଗୁଡ଼ିକ ଥିଲା ଅପର୍ଣ୍ଣା ମହାନ୍ତିଙ୍କ 'ଅଗ୍ନି କମଳିନୀ', ଆଶୁତୋଷ ପରିଡ଼ାଙ୍କ 'ଅପ୍ରସ୍ତୁତ ମୃତ୍ୟୁ', ଦାଶ ବେନହୁରଙ୍କ 'ଅବଧାରିତ ଓ ଅନ୍ୟାନ୍ୟ ଗଳ୍ପ', ବିଜୟ କୁମାର ଶତପଥୀଙ୍କ 'କଂକଣଦାସୀ କଥା', ବିୟତପ୍ରଜ୍ଞା ତ୍ରିପାଠୀଙ୍କ 'ମାୟା' ଏବଂ ପଦ୍ମଜ ପାଳଙ୍କ 'ସୀତା ମୁଁ ସୀତା'। ପ୍ରାଥମିକ ପୁସ୍ତକଚୟନ ମଣ୍ଡଳୀରେ ଡ. ବିରଞ୍ଚି କୁମାର ସାହୁ, ମଧୁସୁଦନ ଦାସ, ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ରତ୍ନମାଳାସ୍ୱାଇଁ, ଡ. ଜ୍ଞାନୀ ଦେବାଶିଷ ମିଶ୍ର ବିଚାରକ ଥିଲାବେଳେ ଚୂଡ଼ାନ୍ତ ପର୍ଯ୍ୟାୟରେ ବିଚାରକମାନେ ଥିଲେ ଡ. ଭଗବାନ ଜୟସିଂହ, ପ୍ରଫେସର କାଳୀଦାସ ମିଶ୍ର, ଡ. ଗୌରହରି ଦାସ, ସଦାନନ୍ଦ ତ୍ରିପାଠୀ, ବୈଜୟନ୍ତୀ ମିଶ୍ର, ସଂଯୁକ୍ତା ମହାନ୍ତି ଏବଂ ତାପସ କୁମାର ସାମନ୍ତରାୟ। ▶▶ ୭

# ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯିବ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୦।୯/ଏନ୍ଏନ୍ଏସ୍:**

ଭରତପୁର ଥାନା ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ। ଉକ୍ତ ଘଟଣାରେ ଧାର୍ଯ୍ୟ ସମୟସୀମା ଭିତରେ ତଦନ୍ତ କରି ରିପୋର୍ଟ ଦେବାକୁ କ୍ରାଇମ ବ୍ରାଞ୍ଚଯାଞ୍ଚକୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ମିଳିବା ମାତ୍ରେ ଆଇନ ଅନୁଯାୟୀ ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯିବ। କାରଣ ରାଜ୍ୟସରକାର ମହିଳା ହିଂସା ବିରୁଦ୍ଧରେ 'ଶୂନ୍ୟ ସହନଶୀଳତା' ନୀତି ଅବଲମ୍ବନ କରୁଛନ୍ତି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଅନ୍ୟପକ୍ଷରେ ଏମ୍ସରେ ପୀଡ଼ିତାକୁ ଭେଟିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।



### ଭରତପୁର ଥାନା ଘଟଣା

ଶୁକ୍ରବାର ଟ୍ୱିଟ୍(ଏକ୍ସ) ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବିବୃତି ଦେଇଛନ୍ତି। ସେ କହିଛନ୍ତି ଯେ ମହିଳା ନିର୍ଯ୍ୟାତନାକୁ କୌଣସି ପ୍ରକାରେ ବରଦାସ୍ତ କରାଯିବ ନାହିଁ। ଭରତପୁର ଥାନାରେ ସେନା ଅଧିକାରୀ ଓ ତାଙ୍କ ସହିତ ଥିବା ଜଣେ ମହିଳାଙ୍କୁ ଅସଦାଚରଣ ତଥା ଆକ୍ରମଣ ଅଭିଯୋଗକୁ ସରକାର ଅତ୍ୟନ୍ତ ଗୁରୁତର ଭାବେ ଗ୍ରହଣ କରିଛନ୍ତି। ▶▶ ୭

### ଏମ୍ସରେ ପୀଡ଼ିତାଙ୍କୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା



### ରାହୁଲ ଓ ପ୍ରିୟଙ୍କାଙ୍କ ତୀବ୍ର ପ୍ରତିକ୍ରିୟା

## ବିଜେପି ଶାସନରେ ମହିଳା ବିରୋଧୀ ଅପରାଧ ବଢୁଛି

**ନୂଆଦିଲ୍ଲୀ, ୨୦।୯/ଏଜେନ୍ସି:**

ଓଡ଼ିଶା ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ଭରତପୁର ଘଟଣାକୁ ନେଇ ଏବେ ଦେଶବ୍ୟାପୀ ତୀବ୍ର ଆଲୋଡନ ସୃଷ୍ଟି ହୋଇଛି। ଭରତପୁର ଥାନାରେ ଜଣେ ସେନା ଅଧିକାରୀ ଓ ତାଙ୍କ ଭାବି ପତ୍ନୀଙ୍କ ପ୍ରତି ହୋଇଥିବା ଅତ୍ୟାଚାର ଘଟଣାକୁ ଚାରିଆଡୁ ସମାଲୋଚନା କରାଯାଉଛି। ଏସବୁ ମଧ୍ୟରେ ଏହି ଘଟଣାକୁ କଂଗ୍ରେସ ଏବେ ଏକ ରାଜନୈତିକ ପ୍ରସଙ୍ଗ କରିଛି। କଂଗ୍ରେସ ସାଂସଦ ତଥା ଲୋକସଭାରେ ବିରୋଧୀ ଦଳ ନେତା ଥିବା ରାହୁଲ ଗାନ୍ଧୀ ଶୁକ୍ରବାର ନିଜ ସୋସିଆଲ ମିଡିଆ ଏକ୍ସ' ଆକାଉଣ୍ଟ ଯୋଗେ ଏକ ଟ୍ୱିଟ୍ କରି ବିଜେପି ଏବଂ ବିଜେପି ଶାସିତ ରାଜ୍ୟଗୁଡ଼ିକୁ ସମାଲୋଚନା କରିଛନ୍ତି।



ରାହୁଲ କହିଛନ୍ତି, ଓଡ଼ିଶାରେ ଘଟିଥିବା ଏହି ଭୟଙ୍କର ଘଟଣା ଦେଶର ଆଇନ ଶୃଙ୍ଖଳା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଜେପି ଶାସିତ ରାଜ୍ୟଗୁଡ଼ିକରେ ଏପ୍ରକାର ମହିଳା ବିରୋଧୀ ଅପରାଧ ବଢ଼ିବାରେ ଲାଗିଛି। ପୁଲିସର ସହାୟତା ଲୋଡ଼ିଥିବା ଜଣେ ସାମରିକ ଅଧିକାରୀଙ୍କୁ ଅତି ନିର୍ମମ ଭାବେ ମାଡ଼ ମରାଯାଇଥିଲା ଏବଂ ତାଙ୍କ ଭାବି ପତ୍ନୀଙ୍କୁ ପୁଲିସ୍ ହାଜତରେ ଆକ୍ରମଣ କରାଯାଇଥିଲା। ଏପ୍ରକାର ଅମାନବୀୟ ଘଟଣା ସମଗ୍ର ମଣିଷ ପଣିଆ ପ୍ରତି ଲଜ୍ଜାଜନକ। ଯେତେବେଳେ ସରକାରୀ ବ୍ୟବସ୍ଥାରେ ଏପ୍ରକାର ଅନ୍ୟାୟ, ବ୍ୟଭିଚାର ରହିଛି ସେତେବେଳେ ସାଧାରଣ ନାଗରିକ କିପରି ସହାୟତା ଓ ନ୍ୟାୟ ପାଇବେ ବୋଲି ବିଶ୍ୱାସ କରିପାରିବେ? ଏହି ଘଟଣା ପାଇଁ ଯେଉଁମାନେ ଦାୟୀ ସେମାନେ ସମସ୍ତେ କଠୋର ଆଇନଗତ ଦଣ୍ଡ ପାଇବା ଉଚିତ୍। ▶▶ ୭

## ନିଜ ଆଡୁ ତଦନ୍ତ କଲେ ମହିଳା କମିଶନ

**ଭୁବନେଶ୍ୱର,୨୦।୯/ଏନ୍ଏନ୍ଏସ୍:**

ଭରତପୁର ଥାନାରେ ଆର୍ମି ମେଜର ଗୁରୁବଂଶ ସିଂ ଓ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କୁ ହୋଇଥିବା ନିର୍ଯାତନା ଘଟଣାରେ ହସ୍ତକ୍ଷେପ କରି ନିଜ ଆଡୁ ତଦନ୍ତ କରିଛନ୍ତି ରାଜ୍ୟ ମହିଳା କମିଶନ। ଦୋଷୀ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ପୁଲିସ୍ ଡିସିପିଙ୍କୁ ଚିଠି ଲେଖିଛନ୍ତି। ଅନ୍ୟପକ୍ଷରେ ଜାତୀୟ ମହିଳା କମିସନ(ଏନସିଡବ୍ଲ୍ୟୁ) ଏହାକୁ ଗୁରୁତ୍ତର ସହ ନେଇଛି। ଶୁକ୍ରବାର ମହିଳା କମିଶନ ଅଧ୍ୟକ୍ଷା ଶ୍ରୀମତୀ ବେହେରା ଗଣମାଧ୍ୟମକୁ କହିଛନ୍ତି ଯେ, ଭରତପୁର ଘଟଣାକୁ ହାଲୁକା ଭାବରେ ନେଇହେବ ନାହିଁ। ସେଥିପାଇଁ କମିଶନ ପକ୍ଷରୁ ଏକ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ନିଶ୍ଚିତ ଭାବରେ ପୀଡ଼ିତାଙ୍କୁ ନ୍ୟାୟ ମିଳିବ। ସେହିପରି କମିସନରେଟ୍ ପୁଲିସ୍ କି ପଦକ୍ଷେପ ନେଇଛି, ସେସବୁର ବିସ୍ତୃତ ରିପୋର୍ଟ ତିନି ଦିନ ଭିତରେ ଦେବାକୁ ଜାତୀୟ ଏନସିଡବ୍ଲ୍ୟୁ ନୋଟିସ୍ ଜରିଆରେ ଡିଜିପି ୱାଇ ବି ଖୁରାନିଆଙ୍କୁ ରିପୋର୍ଟ ତଲବ କରିଛି। ଫଳରେ ଘଟଣାଟି ଏବେ ଭିନ୍ନ ମୋଡ଼ ନେଇଛି।

## ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଚିଠି ଲେଖିଲେ ସେନାଧିକାରୀ

**ଭୁବନେଶ୍ୱର,୨୦।୯/ଏନ୍ଏନ୍ଏସ୍:** ଭରତପୁର ଥାନାରେ ସେନା ଅଧିକାରୀ ଗୁରୁବଂଶ ସିଂ ଓ ବାନ୍ଧବୀଙ୍କୁ ଉପରେ ହୋଇଥିବା ନିର୍ଯାତନା ଘଟଣାକୁ ନେଇ ସାରା ଦେଶର ନିନ୍ଦିତ ହେଉଛି ଓଡ଼ିଶା। ଯେପରି ଭାବେ ମେଜର ଓ ବାନ୍ଧବୀଙ୍କୁ ଥାର୍ଡ ଡିଗ୍ରୀ ଦିଆଗଲା, ନିର୍ଯାତନା ଦିଆଗଲା, ଅସଦାଚରଣ କରାଗଲା ତାକୁ ନେଇ ସେନା ପକ୍ଷରୁ ମଧ୍ୟ କ୍ଷୋଭ ପ୍ରକାଶ ପାଇଛି। ସେପଟେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂଙ୍କୁ ଚିଠି ଲେଖି ଏହି ମାମଲାରେ ନିଜଆଡୁ ହସ୍ତକ୍ଷେପ କରିବା ପାଇଁ ସେନାର ବରିଷ୍ଠ ଅଧିକାରୀ ସେଣ୍ଟ୍ରାଲ ଇଣ୍ଡିଆର କମାଣ୍ଡିଂ ଜେନେରାଲ ଅଫିସର ଲେଫ୍ଟନାଣ୍ଟ ଜେନେରାଲ ପିଏସ୍ ଶେଖାୱତ ଅନୁରୋଧ କରିଛନ୍ତି । ସେ କହିଛନ୍ତି ଥାନା ଭିତରେ ଘଟିଥିବା ଘଟଣା ଜଣେ ସେବାରତ ସେନାଅଧିକାରୀଙ୍କ ସ୍ୱାଭିମାନ ପ୍ରତି କ୍ଷତି ପହଞ୍ଚାଇଛି। ପୁଲିସ ଅଧିକାରୀଙ୍କ ଦ୍ୱାରା ଏପରି ଘଟଣା ଅତ୍ୟନ୍ତ ଅମାନବୀୟ। ମେଜରଙ୍କ ବାନ୍ଧବୀଙ୍କୁ ରକ୍ତାକ୍ତ ଆକ୍ରମଣ କରିବା ବର୍ବରତାର ପରିଚୟ ବୋଲି ସେ କହିଛନ୍ତି। ▶▶ ୭

# ଭିଜିଲାନ୍ସ ଜାଲରେ ଆରଡି ମୁଖ୍ୟଯନ୍ତ୍ରୀ

**ଭୁବନେଶ୍ୱର,୨୦।୯/ଏନ୍ଏନ୍ଏସ୍:**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାଲେଶ୍ୱର ଗ୍ରାମ୍ୟ ନିର୍ମାଣ ମଣ୍ଡଳର ମୁଖ୍ୟଯନ୍ତ୍ରୀ ଏନଭି ହରିହର ରାଓଙ୍କ ଘରେ ଶୁକ୍ରବାର ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଛି। ତାଙ୍କ ପୈତୃକ ଘର, ଅଫିସ, ଭୁବନେଶ୍ୱର, ବ୍ରହ୍ମପୁର, ବାଲେଶ୍ୱର, କେନ୍ଦୁଝର ଓ ଫୁଲବାଣୀ ଥିବା ଘର ସମେତ ମୋଟ ୧୧ଟି ସ୍ଥାନରେ ଭିଜିଲାନ୍ସ ଚଢ଼ଉ କରିଛି। ମୁଖ୍ୟଯନ୍ତ୍ରୀଙ୍କର ବ୍ରହ୍ମପୁର ଭାବିନିପୁରରେ ଥିବା ଦୁଇ ମହଲା ବିଶିଷ୍ଟ ଘର, ଭୁବନେଶ୍ୱର ସ୍ଥିତ ପାତ୍ରପଡ଼ାରେ ଥିବା ବିଲଡିଂ, ବ୍ରହ୍ମପୁର କମାପଲ୍ଲୀରେ ଏକ ଥ୍ରୀ ବିଏଚ୍କେ ଫ୍ଲାଟ, ଫୁଲବାଣୀ ଓଲେନବାଟରେ ଥିବା ତାଙ୍କ ପୈତୃକ ଘର, ବାଲେଶ୍ୱର ଥିବା ସରକାରୀ ବାସଭବନ ଓ ଅଫିସ, କେନ୍ଦୁଝରରେ ଥିବା ଅଫିସ ଚାମ୍ବର, ବ୍ରହ୍ମପୁର ତୁଳସୀନଗର ଓ ଶାନ୍ତି ନଗରରେ ଥିବା ସଂପର୍କୀୟଙ୍କ ଘର ଓ କେନ୍ଦୁଝର ବଳଦେବଜିଉ କଲୋନୀରେ ଥିବା ତାଙ୍କର ଜଣେ ସହଯୋଗୀଙ୍କ ଘରେ ଏକ କାଳୀନ ଚଢ଼ଉ କରାଯାଇଛି। ଏହି ଚଢ଼ଉରେ ୧୧ ଜଣ ଡିଏସପି, ୭ ଜଣ ଇନସ୍ପେକ୍ଟର ଓ ୧୧ ଜଣ ଏଏସଆଇ ସାମିଲ୍ ହୋଇଛନ୍ତି।



**ବ୍ୟାଙ୍କରେ ୧.୧୧ କୋଟି ଜମା**

**ଶାଳକଙ୍କ ଘରୁ ମିଳିଲା ନଗଦ ୪୬.୪୫ ଲକ୍ଷ**

ମୁଖ୍ୟଯନ୍ତ୍ରୀ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ଘଟଣାର ତଦନ୍ତ କରି ଆଜି ସକାଳେ ଚଢ଼ଉ କରି ବିପୁଳ ସମ୍ପତ୍ତି ଠାବ କରିଛି। ତା' ମଧ୍ୟରେ ରହିଛି ୨ଟି କୋଠା, ଗୋଟିଏ ଫ୍ଲାଟ ଓ ୪ଟି ପ୍ଲଟ୍। ସେହିପରି ତାଙ୍କର ଦୁଇଟି ବେନାମୀ ଫ୍ଲାଟ ଠାବ କରାଯାଇଛି। ବ୍ୟାଙ୍କରେ ସେ ୧.୧୧ କୋଟି ଟଙ୍କା ଜମା ରଖିଥିବା ବେଳେ ତାଙ୍କର ଅନ୍ୟାନ୍ୟ ଜମା ଓ ନିବେଶ ନେଇ ଭିଜିଲାନ୍ସର ତଦନ୍ତ ଜାରି ରହିଛି। ମୁଖ୍ୟଯନ୍ତ୍ରୀ ଶ୍ରୀ ରାଓଙ୍କର ଗୋଟିଏ ଚାରି ଚକିଆ ଓ ଗୋଟିଏ ଦୁଇ ଚକିଆ ଗାଡ଼ି ଅଛି। ▶▶ ୭

### ଖାଇକୁ ଖସିଲା ବସ୍

## ୩ ବିଏସ୍ଏଫ୍ ଯବାନ ସହିଦ୍, ୩୨ ଆହତ

**ଶ୍ରୀନଗର, ୨୦।୯/ଏଜେନ୍ସି:**

ଜମ୍ମୁ ଓ କାଶ୍ମୀରରେ ହେବାକୁ ଥିବା ୨ୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଉଛି। ଏହି ପରିପ୍ରେକ୍ଷୀରେ ସୁରକ୍ଷା କର୍ମୀଙ୍କ ଗୋଟିଏ ସ୍ଥାନରୁ ଅନ୍ୟତ୍ର ଯାତାୟତ ପ୍ରକ୍ରିୟା ମଧ୍ୟ ଜାରି ରହିଛି। ଏହି ଯାତାୟତ ବେଳେବେଳେ ସୁରକ୍ଷା କର୍ମୀଙ୍କ ପାଇଁ ପ୍ରାଣଘାତୀ ସାବ୍ୟସ୍ତ ହେଉଥିବା ଦେଖିବାକୁ ମିଳୁଛି। ଶୁକ୍ରବାର ମଧ୍ୟ ଘାଟିରୁ ଏପ୍ରକାର ଏକ ଅଭାବନୀୟ ଘଟଣା ସମ୍ପର୍କରେ ସୂଚନା ମିଳିଛି। କିଛି ବିଏସ୍ଏଫ୍ ଯବାନଙ୍କୁ ନେଇ ଯାଉଥିବା ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୩ ଯବାନ ସହିଦ୍ ହୋଇଛନ୍ତି। ସେହିପରି ଏହି ଦୁର୍ଘଟଣାରେ ପ୍ରାୟ ୩୨ ଜଣ ଯବାନ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ▶▶ ୭




DSPL-116

ଓଡ଼ିଶା ସରକାର

## ପ୍ରାପ୍ତବୟସ୍କ ବ୍ୟକ୍ତିଙ୍କ ନିମନ୍ତେ ଯକ୍ଷ୍ମା ପ୍ରତିଷେଧକ ଟୀକାକରଣ

**ଶୁଭାରମ୍ଭ ତା.୨୧.୦୯.୨୦୨୪**

୨୦୨୫ ମସିହା ସୁଦ୍ଧା ଦେଶକୁ ଯକ୍ଷ୍ମାମୁକ୍ତ କରିବା ନିମନ୍ତେ ଭାରତ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ପୂର୍ବରୁ କେବଳ ଶିଶୁମାନଙ୍କୁ ଯକ୍ଷ୍ମା ପ୍ରତିଷେଧକ ବି.ସି.ଜି. ଟୀକା ଦିଆଯାଉଥିବା ବେଳେ ଏବେଠାରୁ ବୟସ୍କ ଲୋକମାନଙ୍କୁ ମଧ୍ୟ ସ୍ୱତନ୍ତ୍ର ଟୀକାକରଣ ଶିବିରରେ ଏହି ଟୀକା ଦିଆଯିବ। ଯେଉଁମାନେ ଏହି ଟୀକା ନେବାକୁ ଯୋଗ୍ୟ ସେମାନେ ହେଲେ –

- ୬୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବ୍ୟକ୍ତି
- ୧୮ ବର୍ଷରୁ ୬୦ ବର୍ଷ ବୟସ ମଧ୍ୟରେ ଥିବା ବ୍ୟକ୍ତି ଯିଏକି –
  - ବିଗତ ୫ ବର୍ଷ ମଧ୍ୟରେ ଯକ୍ଷ୍ମା ରୋଗୀ ଭାବେ ଚିହ୍ନଟ ଓ ଚିକିତ୍ସିତ ହୋଇଥିବେ,
  - ବିଗତ ୩ ବର୍ଷ ମଧ୍ୟରେ ଯକ୍ଷ୍ମା ରୋଗୀର ସଂସ୍ପର୍ଶରେ ଆସିଥିବେ,
  - ମଧୁମେହ ରୋଗୀ ହୋଇଥିବେ,
  - ଧୂମପାନ କରୁଥିବେ କିମ୍ବା
  - କୁପୋଷଣର ଶିକାର ହୋଇଥିବେ

ଏହି କାର୍ଯ୍ୟକ୍ରମ ପାଇଁ ଆମ ରାଜ୍ୟର ୧୫ଟି ଜିଲ୍ଲା (ବଲାଙ୍ଗୀର, ବାଲେଶ୍ୱର, ବୌଦ୍ଧ, କଟକ, ଢେଙ୍କାନାଳ, ଗଜପତି, ଝାରସୁଗୁଡା, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡା, ମୟୁରଭଞ୍ଜ, ନବରଙ୍ଗପୁର, ନୟାଗଡ, ରାୟଗଡା ଓ ସୁନ୍ଦରଗଡ) ଚିହ୍ନଟ ହୋଇଛି।

**କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆପଣମାନଙ୍କର ସହଯୋଗ ଏକାନ୍ତ କାମ୍ୟ।**

**ଆସନ୍ତୁ ସମସ୍ତେ ମିଶି ଏହାକୁ ସଫଳ କରିବା, ଦେଶକୁ ଯକ୍ଷ୍ମାମୁକ୍ତ କରିବା**

OIPR-10003/13/0068/2425

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା


### ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଢ଼ୋକ୍ତି

# କେନ୍ଦୁଝରକୁ କରିବୁ 'ସୁନାର କେନ୍ଦୁଝର'



**ଭୁବନେଶ୍ୱର,କେନ୍ଦୁଝର,୨୦।୯/ଏନ୍ଏନ୍ଏସ୍:**

କେନ୍ଦୁଝରର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ଖଣିଜ ସମ୍ପଦରେ ଭରପୁର କେନ୍ଦୁଝର ଓଡ଼ିଶା ପାଇଁ ଏକ ବରଦାନ ହେଲେ ମଧ୍ୟ ଏହାର ବିକାଶ ଆଗକୁ ବଢ଼ିନାହିଁ। କେନ୍ଦୁଝର ଦାରିଦ୍ର୍ୟ ମଧ୍ୟରେ ଅଛି। ତେଣୁ ବର୍ତ୍ତମାନ କେନ୍ଦୁଝରର ବିକାଶକୁ ଆଗେଇ ନିଆଯିବ। କେନ୍ଦୁଝରରେ ଏକ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହା ନିଶ୍ଚୟ ପ୍ରତିଷ୍ଠା ହେବ। ସୁନାର କେନ୍ଦୁଝର ଗଠନ ପାଇଁ ସମସ୍ତ ପଦକ୍ଷେପ ନିଆଯିବ। କେନ୍ଦୁଝରର ବିକାଶ ମୋ ଫୋକସ୍‌ରେ ଅଛି।

ତିନି ଦିନିଆ କେନ୍ଦୁଝର ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଏହି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେଲ୍ ଅଡିଟୋରିୟମରେ ଆୟୋଜିତ କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲାଇଫ୍ ସେଭର୍ସ ଗ୍ରୁପ ଟ୍ରଷ୍ଟର ତୃତୀୟ ବାର୍ଷିକୀ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦାୟିତ୍ୱ ନେବା ପରେ ଆଜି ମୁଁ ଦ୍ୱିତୀୟ ଥର ପାଇଁ ମୋ ଜନ୍ମ ମାଟି କେନ୍ଦୁଝରକୁ ଆସିଛି ଏବଂ କେନ୍ଦୁଝରରେ ମୋର ପ୍ରଥମ କାର୍ଯ୍ୟକ୍ରମ ଆପଣମାନଙ୍କ ସହିତ ରହିଛି। ଏହା ବାସ୍ତବିକ ଆମ ସମସ୍ତଙ୍କ ପାଇଁ ବହୁତ ଖୁସିର କଥା। ଆପଣମାନଙ୍କ ସହିତ ମିଶିବା, କଥା ହେବା ବହୁତ ଆନନ୍ଦଦାୟକ।

### ନିଶ୍ଚିତ ଭାବରେ ପ୍ରତିଷ୍ଠା ହେବ ମେଗା ଷ୍ଟିଲ ପ୍ଲାଣ୍ଟ

### ମୋ ଫୋକସରେ ଅଛି, ବିକାଶ ତ୍ୱରାନ୍ୱିତ ହେବ

ମୁଖ୍ୟମନ୍ତ୍ରୀ କେନ୍ଦୁଝରର ସମାଜ ସେବା ଅନୁଷ୍ଠାନ ଲାଇଫ୍ ସେଭର୍ସ ଗ୍ରୁପର ପ୍ରଶଂସା କରି କହିଛନ୍ତି ଯେ ସମାଜ ପ୍ରତି ଆପଣମାନଙ୍କ ଯେଉଁଭଳି ଅବଦାନ ରହିଛି, ତାହା ନିଶ୍ଚିତ ଭାବରେ ସମସ୍ତଙ୍କ ପାଇଁ ପ୍ରେରଣାଦାୟକ। ଏଭଳି ସାମାଜିକ ମୂଲ୍ୟବୋଧ ଯଦି ଓଡିଶାର ପ୍ରତ୍ୟେକ ସହର, ପ୍ରତ୍ୟେକ ଗାଁରେ ସୃଷ୍ଟି ହେବ, ତେବେ ଆମେ ନିଶ୍ଚୟ ଏକ ଆଦର୍ଶ ସମାଜ ଗଠନ କରିପାରିବୁ ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ସାମାଜିକ ସଂଗଠନ, ୧୦ ହଜାର ୟୁନିଟରୁ ଅଧିକା ରକ୍ତଦାନ କରି ଆବଶ୍ୟକ କରୁଥିବା ଲୋକଙ୍କୁ ଯୋଗାଇ ଦେଇଛି। ପ୍ରତି ବର୍ଷ ଆପଣମାନେ ୩ ରୁ ୪ଟି ରକ୍ତଦାନ ଶିବିର ଅନୁଷ୍ଠିତ କରି ଜିଲ୍ଲାରେ ରକ୍ତର ଅଭାବକୁ ପୂରଣ କରିବାର ପ୍ରଚେଷ୍ଟା କରୁଛନ୍ତି। ଏହା ବାସ୍ତବରେ ବହୁତ ପୁଣ୍ୟର କାମ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରକ୍ତଦାନ କରି ଗୋଟିଏ ଜୀବନ ବଞ୍ଚାଇବାର ଅନୁଭବ ଆମର ଉଚ୍ଚ ମାନବୀୟ ମୂଲ୍ୟବୋଧର ପରିଚୟ ପ୍ରଦାନ କରେ। ଏହି ପରିଚୟ ଆମକୁ ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର କରେ। ଆମର ମୂଳ ଲକ୍ଷ୍ୟ ହେଉଛି ରକ୍ତ ଅଭାବରୁ କୌଣସି ଜୀବନ ଅସମୟରେ ଝଡି ନପଡୁ। ଏ ଦିଗରେ ଆପଣାମାନଙ୍କର ଉଦ୍ୟମ ଓ ସହଯୋଗ ବାସ୍ତବିକ ପ୍ରଶଂସନୀୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ▶▶ ୭

# ପ୍ରତିଶୋଧ ନେଲା ହିଜବୁଲ୍ଲା

## ଉତ୍ତର ଇସ୍ରାଏଲ୍‌ରେ ରକେଟ୍ ବର୍ଷା, ବ୍ୟାପକ କ୍ଷୟକ୍ଷତି





**ଜେରୁଜେଲମ୍,ବେରୁଟ, ୨୦।୯/ଏଜେନ୍ସି:** ସଂଗଠନ ପକ୍ଷରୁ ବ୍ୟବହାର କରାଯାଉଥିବା ୱାକିଟକି, ପେଜର ଏବଂ ଅନ୍ୟାନ୍ୟ ଯାନ୍ତ୍ରିକ ଉପକରଣ ବିସ୍ଫୋରଣ ହେବା ଏବଂ ଏଥିରେ ନିଜର ଅନେକ ସଦସ୍ୟ ପ୍ରାଣ ହରାଇବା ଘଟଣାରେ ଉତ୍କ୍ଷିପ୍ତ ହୋଇପଡିଛି ହିଜବୁଲ୍ଲା। ବର୍ତ୍ତମାନ ସମୟରେ ହିଜବୁଲ୍ଲା, ଇସ୍ରାଏଲ୍ ଉପରେ ପ୍ରତିଶୋଧ ପରାୟଣ ହୋଇପଡିଛି। ରିପୋର୍ଟ ଅନୁସାରେ ହିଜବୁଲ୍ଲା ପକ୍ଷରୁ ଶୁକ୍ରବାର, ଇସ୍ରାଏଲ୍‌ର ଉତ୍ତର ଭାଗରେ ରକେଟ୍ ବର୍ଷା କରାଯାଇଛି। ପ୍ରାୟ ୧୪୦ରୁ ଅଧିକ ରକେଟ୍ ମାଡ଼ କରିଛି ହିଜବୁଲ୍ଲା। ଏଥିରେ ଇସ୍ରାଏଲ୍‌ର ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ସଠିକ୍ ସୂଚନା ମିଳିନଥିଲେ ମଧ୍ୟ ଏହାର ପରିମାଣ ଅତ୍ୟଧିକ ଥିବା ଅନୁମାନ କରାଯାଉଛି। ସୂଚନାଯୋଗ୍ୟ, ପେଜର ଏବଂ ୱାକିଟକି ବିସ୍ଫୋରଣ ଘଟଣାକୁ କେନ୍ଦ୍ର କରି ହିଜବୁଲ୍ଲା ମୁଖ୍ୟ ହସନ ନସରୁଲ୍ଲା ଇସ୍ରାଏଲ ଉପରେ ଭୟଙ୍କର ଆକ୍ରମଣ କରିବା ନେଇ ଆହ୍ୱାନ ଦେବାର ଦିନକ ପରେ ଏ ପ୍ରକାର ରକେଟ ମାଡ଼ ହୋଇଛି।

ଇସ୍ରାଏଲ ଓ ହିଜବୁଲ୍ଲା ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଯାଇଛି। ଗୋଟିଏ ପଟେ ଇସ୍ରାଏଲ୍ ସେନା ଗାଜା ଷ୍ଟ୍ରିପ୍‌ରେ ହମାସ ଉଗ୍ରବାଦୀ ସଂଗଠନ ସହ ଲଢ଼େଇ ଜାରି ରଖିଥିବା ବେଳେ ଏବେ ଲେବାନନ୍‌ରେ ଥିବା ହିଜବୁଲ୍ଲା ସଂଗଠନ ସହ ମଧ୍ୟ ଆମ୍ନାସାମ୍ନା ଲଢ଼େଇକୁ ଓହ୍ଲାଇଛି। ତେବେ ଏସବୁ ମଧ୍ୟରେ ହିଜବୁଲ୍ଲା ଉପରେ ଇସ୍ରାଏଲ୍ ଗୁଇନ୍ଦା ବିଭାଗ "ମାସୁଦ୍" ପେଜର ଏବଂ ୱାକିଟକି ବିସ୍ଫୋରଣ କରାଇବା ପରେ ହିଜବୁଲ୍ଲା ମଧ୍ୟ ପ୍ରତିଆକ୍ରମଣ କରିଛି। ହିଜବୁଲ୍ଲା ପକ୍ଷରୁ ଶୁକ୍ରବାର ହୋଇଥିବା ରକେଟ୍ ମାଡ଼ ଘଟଣାକୁ ଇସ୍ରାଏଲ୍ ମଧ୍ୟ ସ୍ୱୀକାର କରିଛି। ଶୁକ୍ରବାର ମଧ୍ୟାହ୍ନ ସମୟରେ ଲେବାନନ ସୀମାନ୍ତକୁ ଲାଗିଥିବା ଉତ୍ତର ଇସ୍ରାଏଲର ବିଭିନ୍ନ ସ୍ଥାନକୁ ଟାର୍ଗେଟ କରି ହେଜବୁଲ୍ଲା ରକେଟ ମାଡ଼ କରିଥିଲା। କିନ୍ତୁ ଇସ୍ରାଏଲ ସେନା ଅଧିକାଂଶ ରକେଟକୁ ଆକାଶ ମାର୍ଗରେ ହିଁ ଧ୍ୱଂସ କରି ଦେଇଥିବା କହିଛି। ଅନ୍ୟପକ୍ଷେ ହିଜବୁଲ୍ଲା କହିବାନୁସାରେ ଇସ୍ରାଏଲର ବିଭିନ୍ନ ସ୍ଥାନକୁ କାତ୍ୟୁସ୍ ରକେଟ୍ ଦ୍ୱାରା ଟାର୍ଗେଟ କରାଯାଇଛି। ଇସ୍ରାଏଲର ଏକାଧିକ ଏୟାର ଡିଫେନ୍ସ ବେସ୍ ସମେତ ଗୋଟିଏ ମୁଖ୍ୟାଳୟରେ ରକେଟ ମାଡ କରାଯାଇଛି। ଦକ୍ଷିଣ ଲେବାନନରେ ଥିବା ଗାଁ ଓ ଘରଗୁଡ଼ିକୁ ଇସ୍ରାଏଲ ସେନା ଟାର୍ଗେଟ କରିବା ଜବାବରେ ରକେଟ ମାଡ଼ କରାଯାଇଥିବା ହିଜବୁଲ୍ଲା କହିଛି।

ଅନ୍ୟ ଏକ ରିପୋର୍ଟ ଅନୁସାରେ ଶୁକ୍ରବାର ହିଜବୁଲ୍ଲା ପକ୍ଷରୁ ଇସ୍ରାଏଲ ଉପରେ ଆକ୍ରମଣ କରାଯିବା ପୂର୍ବରୁ ଇସ୍ରାଏଲ୍ ସେନା ପକ୍ଷରୁ ଲେବାନନ୍ ଉପରେ ଘନଘନ ଏୟାରଷ୍ଟ୍ରାଇକ୍ କରାଯାଇଛି। ଗୁରୁବାର ବିଳମ୍ବିତ ରାତିରେ ଇସ୍ରାଏଲର ଯୁଦ୍ଧ ବିମାନଗୁଡ଼ିକ ଦକ୍ଷିଣ ଲେବାନନ୍‌ରେ ଥିବା ହିଜବୁଲ୍ଲା ଉଗ୍ରବାଦୀଙ୍କ ଆଡ୍ଡା ଉପରେ ବୋମା ମାଡ କରିଛି ଯେଉଁଥିରେ ହିଜବୁଲ୍ଲା ବ୍ୟବହାର କରୁଥିବା ଶହଶହ ରକେଟ୍ ଲଞ୍ଚର ସହ ୧୦୦୦ ବ୍ୟାରେଲ୍ ଆଦି ନଷ୍ଟ ହୋଇଯାଇଛି। ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) କହିଛି ଯେ, ଆତଙ୍କବାଦୀ ସଂଗଠନ ହିଜବୁଲ୍ଲାର ଭିତ୍ତିଭୂମି ତଥା ସାମର୍ଥ୍ୟକୁ ହ୍ରାସ କରିବା ପାଇଁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରିବ। ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ ୟୋଆଭ ଗାଲାଣ୍ଟ ମଧ୍ୟ ଇସ୍ରାଏଲ ହିଜବୁଲ୍ଲା ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରଖିବ ବୋଲି କହିଛନ୍ତି। ହିଜବୁଲ୍ଲା ବିରୋଧୀ ଯୁଦ୍ଧକୁ ସେ 'ଯୁଦ୍ଧର ନୂଆ ପର୍ଯ୍ୟାୟ' ଭାବେ ଅଭିହିତ କରିଛନ୍ତି। ପ୍ରକାଶ, ଗତବର୍ଷ ଅକ୍ଟୋବର ୮ରୁ ଇସ୍ରାଏଲ ଗାଜାରେ ଆକ୍ରମଣ କରିବା ଦିନ ଠାରୁ ଲେବାନନ୍ ବେସିତ ହିଜବୁଲ୍ଲା ସହ ଏହାର ତିକ୍ତତା ଆରମ୍ଭ ହୋଇଛି। ଏବେ ତିକ୍ତତା ଚରମସୀମାରେ ପହଞ୍ଚିଛି। ଏବେ ବିଶ୍ୱସ୍ତରରେ ହମାସ-ଇସ୍ରାଏଲ-ହିଜବୁଲ୍ଲା ଯୁଦ୍ଧକୁ ବନ୍ଦ କରିବା ନେଇ ପ୍ରୟାସ ଆରମ୍ଭ ହୋଇଛି।

## ଇସ୍ରାଏଲର ଯୁଦ୍ଧ ସମାପ୍ତି ପ୍ରସ୍ତାବକୁ ହମାସର ପ୍ରତ୍ୟାଖ୍ୟାନ



**ଜେରୁଜେଲମ,୨୦।୯/ଏଜେନ୍ସି:** ଇସ୍ରାଏଲ-ହମାସ ଯୁଦ୍ଧ ମଧ୍ୟରେ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଯୁଦ୍ଧ ସମାପ୍ତ କରିବା ପାଇଁ ଇସ୍ରାଏଲ୍ ପକ୍ଷରୁ ଦିଆଯାଇଥିବା ଶାନ୍ତି ପ୍ରସ୍ତାବକୁ ହମାସ ପ୍ରତ୍ୟାଖ୍ୟାନ କରିଦେଇଛି। ଇସ୍ରାଏଲ ପ୍ରସ୍ତାବ ଅନୁସାରେ ଯଦି ସମସ୍ତ ବନ୍ଧକଙ୍କୁ ଏକାଠି ମୁକ୍ତ କରାଯାଏ ଏବଂ ଗାଜାକୁ ନିରସ୍ତ୍ର କରାଯାଏ, ତେବେ ୟାହୟା ସିନୱାରକୁ ଯିବାକୁ ଅନୁମତି ଦିଆଯିବ। ସିଧାସଳଖ କହିଲେ, ଇସ୍ରାଏଲ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବ ଅନୁସାରେ ଗାଜା ଷ୍ଟ୍ରିପରେ ଯୁଦ୍ଧ ସମାପ୍ତ ହେବ ଏବଂ ହମାସ ମୁଖ୍ୟ ୟାହୟା ସିନୱାରଙ୍କୁ ସେଠାରୁ ବାହାରିବା ପାଇଁ ଏକ ସୁରକ୍ଷିତ ଉପାୟ ଦିଆଯିବ। ଏହାର ପ୍ରତିବଦଳରେ, ଗାଜାରେ ଥିବା ସମସ୍ତ ବନ୍ଧକଙ୍କୁ ତୁରନ୍ତ ମୁକ୍ତ କରାଯିବ, ଏହି ଷ୍ଟ୍ରିପକୁ ସୈନ୍ୟ ମୁକ୍ତ କରାଯିବ ଏବଂ ସେଠାରେ ଏକ ବିକଳ୍ପ ଶାସକ ପ୍ରାଧିକରଣ ପ୍ରତିଷ୍ଠା କରାଯିବ।

ନିକଟରେ ୱାଶିଂଟନ୍‌ରେ ଆଲୋଚନା ହୋଇଥିବା ଇସ୍ରାଏଲ୍‌ର ଏହି ଶାନ୍ତି ପ୍ରସ୍ତାବକୁ ସବୁ ପକ୍ଷରୁ ସ୍ୱାଗତ ତଥା ପ୍ରଶଂସା କରାଯାଇଥିଲା। ଏପରିକି ଗାଜା ଷ୍ଟ୍ରିପ୍ ପାଇଁ ଇସ୍ରାଏଲର ଏପ୍ରକାର ଶାନ୍ତି ପ୍ରସ୍ତାବ ତଥା ନୂତନ ବ୍ୟବସ୍ଥାକୁ ବନ୍ଧକମାନଙ୍କର ସମ୍ପର୍କୀୟମାନେ ମଧ୍ୟ ସମର୍ଥନ କରିଥିଲେ। ଆଶା କରାଯାଉଥିବା ହମାସ ଯଦି ଇସ୍ରାଏଲର ଏହି ପ୍ରସ୍ତାବକୁ ଗ୍ରହଣ କରିନିଏ ତେବେ ହୁଏତ ହମାସ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧର ଅନ୍ତ ହୋଇପାରିବ। ତେବେ ହମାସ ଉଗ୍ରବାଦୀ ସଂଗଠନର ଜଣେ ବରିଷ୍ଠ କମାଣ୍ଡର ଇସ୍ରାଏଲର ଏହି ପ୍ରସ୍ତାବକୁ ହାସ୍ୟାସ୍ପଦ ବୋଲି କହି ଏହାକୁ ଖାରଜ କରିଦେଇଥିଲେ।

## ଆଜି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ ଅତିଶୀ

**ନୂଆଦିଲ୍ଲୀ, ୨୦।୯/ଏଜେନ୍ସି:** ଆସନ୍ତାକାଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବାକୁ ଯାଉଛନ୍ତି ଆମ୍ ଆଦ୍‌ମୀ ପାର୍ଟି ନେତ୍ରୀ ଅତିଶୀ ମାର୍ଲେନା। ଅରବିନ୍ଦ କେଜ୍ରିୱାଲ୍ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ଦଳ ପକ୍ଷରୁ ସହମତି ଭିତ୍ତିରେ ଅତିଶୀଙ୍କ ନାମ ମୁଖ୍ୟମନ୍ତ୍ରୀ ପଦ ପାଇଁ ସୁପାରିଶ୍ କରାଯାଇଥିଲା। ତେବେ ଶପଥଗ୍ରହଣ ସହ ଦିଲ୍ଲୀର ସବୁଠୁ କମ୍ ବୟସ୍କ ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିବେ ଅତିଶୀ। ଶପଥଗ୍ରହଣ ସମାରୋହ ପାଇଁ ସମସ୍ତ ପ୍ରସ୍ତୁତି ପ୍ରକ୍ରିୟା ଶେଷ ହୋଇଛି।



ରାଜଭବନରେ ଉପରାଜ୍ୟପାଳ ଭିକେ ସକ୍‌ସେନା, ଅତିଶୀଙ୍କୁ ଶନିବାର ଅପରାହ୍ନ ୪.୩୦ ମିନିଟ୍ ସମୟରେ ମୁଖ୍ୟମନ୍ତ୍ରୀ ପଦ ଓ ଗୋପନୀୟତାର ଶପଥ ପାଠ କରାଇବେ। ଅତିଶୀଙ୍କ ସହ ଆପ୍‌ର ଅନ୍ୟ ୫ ବିଧାୟକମାନେ ମଧ୍ୟ ମନ୍ତ୍ରୀ ଭାବେ ଶପଥଗ୍ରହଣ କରିବେ। ପ୍ରକାଶ, ଅତିଶୀ ଦିଲ୍ଲୀର ତୃତୀୟ ମହିଳା ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ତାଙ୍କ ପୂର୍ବରୁ ବିଜେପି ନେତ୍ରୀ ଦିବଂଗତ ସୁଷମା ସ୍ୱରାଜ ଏବଂ କଂଗ୍ରେସ ନେତ୍ରୀ ଶୀଲା ଦୀକ୍ଷିତ୍ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦରେ ଆସୀନ ହୋଇଥିଲେ। କେଜ୍ରିୱାଲ୍‌ଙ୍କ ଏକାନ୍ତ ବିଶ୍ୱସ୍ତ ଭାବେ ଜଣାଶୁଣା ଅତିଶୀଙ୍କୁ ଏବେ ବିଜେପି ବିରୋଧରେ ବୟାନ ବାଜି କରୁଥିବାର ଦେଖିବାକୁ ମିଳିଛି।

### ପୁଣି ଦୋହରାଇଲେ ସ୍ୱରାଷ୍ଟ୍ରମନ୍ତ୍ରୀ: ନକ୍ସଲଙ୍କ ପାଇଁ ଡେଡ୍‌ଲାଇନ୍ ୨୦୨୬ ମାର୍ଚ୍ଚ ୩୧

## ହିଂସା ଛାଡ଼ି ଆତ୍ମସମର୍ପଣ କର

**ନୂଆଦିଲ୍ଲୀ,୨୦।୯/ଏଜେନ୍ସି:** "୨୦୨୬ ମାର୍ଚ୍ଚ ସୁଦ୍ଧା ଭାରତ ନକ୍ସଲ ମୁକ୍ତ ହେବ। ଦେଶର କେତେକ ପ୍ରାନ୍ତରେ ସ୍ଥିତି ଜାହିର କରୁଥିବା ନକ୍ସଲଙ୍କ ପାଇଁ ୨୦୨୬, ମାର୍ଚ୍ଚ ୩୧ ତାରିଖକୁ ଡେଡ୍‌ଲାଇନ୍ ଭାବେ ଫିକ୍ସ (ଚୂଡାନ୍ତ) କରାଯାଇଛି। ଏହି ସମୟ ପୂର୍ବରୁ ହିଁ ଦେଶରୁ ନକ୍ସଲବାଦର ମୂଳୋତ୍ପାଟନ କରିଦିଆଯିବ। ଏହି ସମୟ ପୂର୍ବରୁ ନକ୍ସଲଙ୍କୁ ବନ୍ଧୁକ ତଥା ହିଂସାର ମାର୍ଗ ଛାଡି ଶାନ୍ତିର ମାର୍ଗକୁ ଫେରିବାକୁ ଅନୁରୋଧ କରାଯାଉଛି।" ଶୁକ୍ରବାର ନକ୍ସଲ ପୀଡ଼ିତଙ୍କ ସହ ଆଲୋଚନା କରିବା ସମୟରେ ଏପ୍ରକାର ନିଜ ପୁରୁଣା କଥାକୁ ଦୋହରାଇଛନ୍ତି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ। ଛତିଶଗଡ଼ ରାଜଧାନୀ ରାୟପୁରରେ ଏକ ନକ୍ସଲ ବିରୋଧୀ ସଭାକୁ ସମ୍ବୋଧିତ କରିବା ବେଳେ ଶାହ ଏହା କହିଥିଲେ।

ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ନୂଆଦିଲ୍ଲୀ ସ୍ଥିତ ବାସଭବନକୁ ଆସି ସାକ୍ଷାତ କରିଥିବା ପ୍ରାୟ ୫୫ଜଣ ଛତିଶଗଡ଼ ପ୍ରାନ୍ତୀୟ ନକ୍ସଲ ପୀଡ଼ିତ ସେମାନଙ୍କ ଯନ୍ତ୍ରଣାସିକ୍ତ ଜୀବନ ସମ୍ପର୍କରେ ଶାହଙ୍କୁ ଅବଗତ କରାଇଛନ୍ତି। ବସ୍ତର ଶାନ୍ତି କମିଟି ତତ୍ତ୍ୱାବଧାନରେ ଛତିଶଗଡ଼ର ଏଲଡବ୍ଲ୍ୟୁଇ ପ୍ରଭାବିତ ଅଞ୍ଚଳର ନକ୍ସଲ ହିଂସାରେ ପ୍ରଭାବିତ ଏହି ୫୫ ଜଣଙ୍କ ସମସ୍ୟା ସମ୍ପର୍କରେ ଶୁଣିସାରିବା ପରେ ସେମାନଙ୍କୁ ଆଶ୍ୱସ୍ତ କରିବାକୁ ଯାଇ ଶାହ ଉପରୋକ୍ତ ବିବୃତି ଦେଇଛନ୍ତି। ଶାହ କହିଛନ୍ତି, ମାଓବାଦୀମାନେ ଥରେ ପଶୁପତିନାଥ (ନେପାଳ)ରୁ ତିରୁପତି (ଆନ୍ଧ୍ରପ୍ରଦେଶ) ପର୍ଯ୍ୟନ୍ତ ଏକ କରିଡର ପ୍ରତିଷ୍ଠା କରିବାକୁ ଯୋଜନା କରିଥିଲେ କିନ୍ତୁ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଏପରି କରିବାକୁ ଦେଇନାହାନ୍ତି। ସେମାନଙ୍କ ସବୁ ଯୋଜନାକୁ ବିଫଳ କରାଯାଇଛି। ତେବେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଖୁବ ଶୀଘ୍ର ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରକ୍ଷା ପୂର୍ବକ ଛତିଶଗଡର ନକ୍ସଲ ହିଂସା ପ୍ରଭାବିତ ଲୋକଙ୍କ ପାଇଁ ଏକ କଲ୍ୟାଣକାରୀ ଯୋଜନା ପ୍ରସ୍ତୁତ କରିବ। ଚାକିରୀ, ସ୍ୱାସ୍ଥ୍ୟସେବା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଆମର କଲ୍ୟାଣମୂଳକ ପଦକ୍ଷେପ ମାଧ୍ୟମରେ ଆମେ ଯେକୌଣସି ଉପାୟରେ ସାହାଯ୍ୟ କରାଯିବ। ସେହିପରି ହିଂସାମାର୍ଗକୁ ଆପଣାଇଥିବା ନକ୍ସଲଙ୍କ ପାଇଁ ମଧ୍ୟ କେନ୍ଦ୍ର ସରକାର ଏକ ନୂଆ ଆତ୍ମସମର୍ପଣ ନୀତି ଆସନ୍ତା ୨ ମାସ ମଧ୍ୟରେ ଆଣିବେ। ଏହି ପରିପ୍ରେକ୍ଷୀରେ ଶାହ, ହିଂସାର ମାର୍ଗ ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ବାମପନ୍ଥୀ ଉଗ୍ରବାଦୀଙ୍କୁ ନିବେଦନ କରିଛନ୍ତି। ୨୦୨୬ ମାର୍ଚ୍ଚ ସୁଦ୍ଧା ବାମପନ୍ଥୀ ଉଗ୍ରବାଦର ସମ୍ପୂର୍ଣ୍ଣ ଉଚ୍ଛେଦ ପରେ ବସ୍ତର ପୁଣି ଥରେ ସୁନ୍ଦର, ଶାନ୍ତିପୂର୍ଣ୍ଣ ଏବଂ ବିକଶିତ ହେବ ବୋଲି ସେ ବିଶ୍ୱାସ କରୁଥିବା ଦର୍ଶାଇଛନ୍ତି।



ଶାହ କହିଛନ୍ତି, ନକ୍ସଲବାଦ ଉଭୟ ମାନବିକତା ଓ ଦେଶର ଆଭ୍ୟନ୍ତରୀଣ ନିରାପତ୍ତା ପାଇଁ ବିପଦ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ୨୦୨୬ ମାର୍ଚ୍ଚ ସୁଦ୍ଧା ନକ୍ସଲବାଦକୁ ସମ୍ପୂର୍ଣ୍ଣ ରୂପେ ନିପାତ କରିବାକୁ ପ୍ରତିଶ୍ରୁତିବଦ୍ଧ। ତେବେ ଯେଉଁମାନେ ନକ୍ସଲଙ୍କ ମାନବିକ ଅଧିକାରକୁ ସମର୍ଥନ କରୁଛନ୍ତି ସେମାନେ ନକ୍ସଲବାଦ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କ ମାନବିକ ଅଧିକାର ବିଷୟରେ ମଧ୍ୟ ବିଚାର କରିବା ଉଚିତ୍। ମାଓବାଦ ଶେଷ କରିବା ଦିଗରେ ଏକ ଶକ୍ତିଶାଳୀ ଓ କଠୋର ରଣନୀତି ଆବଶ୍ୟକ। ମାଓବାଦୀ ହିଂସା ଯୋଗୁ ବର୍ତ୍ତମାନ ସୁଦ୍ଧା ଦେଶରେ ୧୭ ହଜାର ଲୋକଙ୍କ ଜୀବନ ଯାଇଛି। ତେବେ ୨୦୦୪ରୁ ୨୦୧୪ ତୁଳନାରେ ୨୦୧୪ରୁ ୨୦୨୪ ମଧ୍ୟରେ ମାଓବାଦୀ ହିଂସା ଘଟଣା ୫୩% ହ୍ରାସ ପାଇଛି। ଏବେ ମାଓବାଦୀ ସମସ୍ୟା ବିରୋଧରେ ଶେଷ ଲଢ଼େଇର ସମୟ ଆସିଯାଇଛି। ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶ ନିଶ୍ଚିତ ରୂପେ ନକ୍ସଲ ମୁକ୍ତ ହେବ। ଏହି ଅବସରରେ ସେ ମାଓବାଦୀଙ୍କୁ ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆହ୍ୱାନ ମଧ୍ୟ ଦେଇଛନ୍ତି।

## ସୁପ୍ରିମକୋର୍ଟଙ୍କ ୟୁଟ୍ୟୁବ୍ ଚ୍ୟାନେଲ ହ୍ୟାକ୍

**ନୂଆଦିଲ୍ଲୀ, ୨୦।୯/ଏଜେନ୍ସି:** ସୁପ୍ରିମ୍‌କୋର୍ଟଙ୍କ ୟୁଟ୍ୟୁବ୍ ଚ୍ୟାନେଲ୍ ହ୍ୟାକ୍ କରାଯାଇଛି। ବର୍ତ୍ତମାନ ଏହି ୟୁଟ୍ୟୁବ୍ ଚ୍ୟାନେଲକୁ ଖୋଲିଲେ ସେଥିରେ ଆମେରିକୀୟ କମ୍ପାନି ରିପଲ୍ ଲ୍ୟାବ୍ସ ଦ୍ୱାରା ବିକଶିତ କ୍ରିପ୍ଟୋକରେନ୍ସି ଏକ୍ସଆରପିକୁ ପ୍ରୋତ୍ସାହିତ କରୁଥିବା ଭଳି ଭିଡିଓ ଦେଖିବାକୁ ମିଳୁଛି। ତେବେ ଖଣ୍ଡପୀଠରେ ତାଲିକାଭୁକ୍ତ ମାମଲାଗୁଡ଼ିକର ଶୁଣାଣିର ସିଧା ପ୍ରସାରଣ ପାଇଁ ସୁପ୍ରିମକୋର୍ଟ ଏହି ୟୁଟ୍ୟୁବ୍ ଚ୍ୟାନେଲ୍‌ଗୁଡ଼ିକର ବ୍ୟବହାର କରୁଥିବା ବେଳେ ଏହାକୁ କିପରି ହ୍ୟାକର୍ସମାନେ ହ୍ୟାକ୍ କରିପାରିଲେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଏସବୁ ମଧ୍ୟରେ ରିପଲ୍ ପକ୍ଷରୁ ୟୁଟ୍ୟୁବ୍ ବିରୋଧରେ ମାମଲା ରୁଜୁ କରାଯାଇଥିବା ସୂଚନା ମିଳିଛି। ନିକଟରେ ଏହି ୟୁଟ୍ୟୁବ୍ ଚ୍ୟାନେଲ କୋଲକାତାର ଆରଜି କର ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଜଣେ ଟ୍ରେନି ଡାକ୍ତରାଣୀଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ଏକ ଭିଡିଓ ପ୍ରସାରଣ କରିଥିଲା। ଏସବୁଥିରୁ ସୁପ୍ରିମକୋର୍ଟଙ୍କ ୱେବସାଇଟ୍ ହ୍ୟାକ୍ ହୋଇଥିବା ଜଣାପଡୁଛି। ଶୁକ୍ରବାର ସକାଳେ ଏସମ୍ପର୍କରେ ସ୍ପଷ୍ଟ ଭାବେ ଜଣାପଡ଼ିବା ପରେ ସୁପ୍ରିମ୍‌କୋର୍ଟ ଆଇଟି ଟିମ୍ ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନ୍‌ଆଇସି)ରେ ଏହି ପ୍ରସଙ୍ଗ ଉଠାଇଛନ୍ତି।

## କର୍ଣ୍ଣାଟକ ହାଇକୋର୍ଟ ଜଜ୍‌ଙ୍କୁ ସୁପ୍ରିମ୍ ଭର୍ତ୍ସନା

**ନୂଆଦିଲ୍ଲୀ, ବେଙ୍ଗାଲୁରୁ, ୨୦।୯/ଏଜେନ୍ସି:** କର୍ଣ୍ଣାଟକ ହାଇକୋର୍ଟର ବେଦବ୍ୟାସାଚାର୍ଯ୍ୟ ଶୀଶାନନ୍ଦ ନାମକ ଜଣେ ବିଚାରପତିଙ୍କୁ ତାଙ୍କର ଏକ ବିବାଦୀୟ ମନ୍ତବ୍ୟ ପାଇଁ ସୁପ୍ରିମ୍‌କୋର୍ଟ ଅତ୍ୟନ୍ତ କଟୁ ଶବ୍ଦରେ ଭର୍ତ୍ସନା କରିଛନ୍ତି। ଏହାସହିତ ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ରାଜ୍ୟ ପ୍ରଧାନ ବିଚାରପତିଙ୍କ ଠାରୁ ରିପୋର୍ଟ ମଧ୍ୟ ମାଗିଛନ୍ତି। ରିପୋର୍ଟ ଅନୁସାରେ ଜଣେ ଜମି ମାଲିକ-ଭଡାଟିଆଙ୍କ ମଧ୍ୟରେ ଉପୁଜିଥିବା ବିବାଦ ଉପରେ ଶୁଣାଣି କରିବା ଅବସରରେ ବିଚାରପତି ଶ୍ରୀଶାନନ୍ଦ ବେଙ୍ଗାଲୁରୁର ଏକ ସଂଖ୍ୟାଲଘୁ (ମୁସଲିମ୍ ସମ୍ପ୍ରଦାୟ)ବହୁଳ ଅଞ୍ଚଳକୁ ମିନି ପାକିସ୍ତାନ ବୋଲି ଉଲ୍ଲେଖ କରିଥିଲେ। ତେବେ ଏହି ଶୁଣାଣି ପ୍ରକ୍ରିୟାର ଭିଡିଓ ବାହାରେ ଭାଇରାଲ୍ ହୋଇଥିଲା। ଭିଡିଓରେ ଦୁଇଟି ପ୍ରସଙ୍ଗ ମୁଖ୍ୟତଃ ଦେଖିବାକୁ ମିଳିଛି। ପ୍ରଥମତଃ ବିଚାରପତିଙ୍କ ଏପ୍ରକାର ମିନି ପାକିସ୍ତାନ ଭାବେ ଅଭିହିତ କରାଯିବା ଏବଂ ଦ୍ୱିତୀୟତଃ ଏହି ପ୍ରସଙ୍ଗରେ ମାମଲା ପରିଚାଳନା କରୁଥିବା ଜଣେ ମହିଳା ଓକିଲଙ୍କ ପ୍ରତି ବିଚାରପତି ଶ୍ରୀଶାନନ୍ଦଙ୍କ ସମ୍ବେଦନଶୀଳ ମନ୍ତବ୍ୟ। ଏଥିରେ ସ୍ପଷ୍ଟ ଭାବେ ବିଚାରପତିଜଣକ କିଛି ଏପ୍ରକାର ଶବ୍ଦ ପ୍ରୟୋଗ କରିବା ଦେଖିବାକୁ ମିଳିଥିଲା, ଯାହାକି ନ୍ୟାୟପାଳିକା ଦୃଷ୍ଟିକୋଣରୁ ଆପତ୍ତିଜନକ। ତେବେ ଭିଡିଓକୁ ଭଲଭାବେ ଅନୁଧ୍ୟାନ କରାଯିବା ପରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୁଡଙ୍କ ନେତୃତ୍ୱରେ ସୁପ୍ରିମକୋର୍ଟର ଏକ ୫ଜଣିଆ ଖଣ୍ଡପୀଠ ନ୍ୟାୟିକ ନିୟମ ମାନିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଜଷ୍ଟିସ୍ ଚନ୍ଦ୍ରଚୂଡଙ୍କ ବ୍ୟତୀତ ଜଷ୍ଟିସ୍ ରାଜୀବ ଖାନ୍ନା, ଜଷ୍ଟିସ୍ ବିଆର ଗୱାଇ, ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ହୃଷିକେଶ ରୟଙ୍କ ଖଣ୍ଡପୀଠ, କର୍ଣ୍ଣାଟକ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କ ସହ ମୁଖ୍ୟ ବିଚାରପତିଙ୍କ ଠାରୁ ଏନେଇ ରିପୋର୍ଟ ତଲବ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ କହିଛନ୍ତି ଯେ, ସୋସିଆଲ ମିଡିଆ ସକ୍ରିୟ ଭାବରେ କୋର୍ଟର ପ୍ରକ୍ରିୟା ଉପରେ ନଜର ରଖିଛି। ତେଣୁ କୋର୍ଟରେ ଦିଆଯାଉଥିବା ନ୍ୟାୟିକ ମନ୍ତବ୍ୟଗୁଡିକ ଆଶାନୁରୂପକ ଶୈଳୀ ତଥା ଆଇନ୍ ସମ୍ମତ ହେବା ଅତ୍ୟନ୍ତ ଜରୁରୀ।

**ବେଙ୍ଗାଲୁରୁର ଏକ ସଂଖ୍ୟାଲଘୁ ଅଞ୍ଚଳକୁ 'ମିନି ପାକିସ୍ତାନ' କହିଥିଲେ**

## ପ୍ରଥମ ଥର ୮୪ ହଜାର ପଏଣ୍ଟ ଛୁଇଁଲା ସେନସେକ୍ସ

**ନୂଆଦିଲ୍ଲୀ,୨୦।୯/ଏଜେନ୍ସି:** ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍ (ବିଏସ୍‌ଇ) ଜବରଦସ୍ତ ରେକର୍ଡ ହାସଲ କରିଛି। ବିଏସ୍‌ଇ ସୂଚକାଙ୍କ ସେନସେକ୍ସ ଇତିହାସରେ ପ୍ରଥମ ଥର ପାଇଁ ୮୪ ହଜାର ପଏଣ୍ଟ ପାର୍ କରିବା ଦେଖିବାକୁ ମିଳିଛି। ସକାଳ ୧୧ଟାରେ, ସେନସେକ୍ସ ୮୩,୯୮୫,୦୭ ପଏଣ୍ଟରୁ ହଠାତ୍ ୮୪,୦୨୬.୮୫ ପଏଣ୍ଟକୁ ଉନ୍ନୀତ ହୋଇଥିଲା। ଏହି ସମୟରେ ସେନ୍‌ସେକ୍ସ ୮୧୬ ପଏଣ୍ଟରୁ ମଧ୍ୟ ଅଧିକ (ପ୍ରାୟ ୧ ପ୍ରତିଶତ) ପଏଣ୍ଟ ଲାଭ କରିଥିଲା। ସେନସେକ୍ସ ଇତିହାସରେ ଏପ୍ରକାର ୮୪ ହଜାର ପଏଣ୍ଟ ସ୍ତର ଅତିକ୍ରମ କରିବା ପ୍ରଥମ ଥର ପାଇଁ ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ୨୫,୬୬୩.୪୫ ପଏଣ୍ଟର ଉଚ୍ଚ ସ୍ତରକୁ ଛୁଇଁବା ପରେ ନିଫ୍ଟି ସକାଳ ୧୧ ଟାରେ ପ୍ରାୟ ୨୨୫ ପଏଣ୍ଟ (୦.୯୦ପ୍ରତିଶତ) ବୃଦ୍ଧି ସହିତ ୨୫,୬୪୫ ପଏଣ୍ଟରେ କାରବାର କରିଥିଲା।

**ତିରୁପତି ଲଡୁ ବିବାଦ**

## ରିପୋର୍ଟ ତଲବ କଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ



**ନୂଆଦିଲ୍ଲୀ, ତିରୁପତି, ୨୦।୯/ଏଜେନ୍ସି:** ତିରୁପତି ଶ୍ରୀ ଭେଙ୍କଟେଶ୍ୱର ବାଲାଜୀ ମନ୍ଦିରରେ ପ୍ରସାଦ ଭାବେ ବ୍ୟବହୃତ ହେଉଥିବା ଲଡୁ'ରେ ଗୋରୁ-ଘୁଷୁରୀ ଚର୍ବି, ମାଛ ତେଲ ଆଦି ବ୍ୟବାହାର କରାଯାଇଥିବା ନେଇ ଏକ ଲାବୋରେଟୋରି ରିପୋର୍ଟ ସାମ୍ନାକୁ ଆସିବା ପରେ ଏହାକୁ ନେଇ ଦେଶବ୍ୟାପୀ ତୀବ୍ର ଉତ୍ତେଜନା ଦେଖାଦେଇଛି। ବିଶେଷକରି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁ ଏହି ରିପୋର୍ଟକୁ ସାର୍ବଜନୀନ କରିବା ପରେ ପୁରା ଆନ୍ଧ୍ରପ୍ରଦେଶରେ ଜନଆକ୍ରୋଶ ସାଙ୍ଗକୁ ରାଜନୈତିକ ଉଷ୍ମତା ମଧ୍ୟ ପ୍ରକାଶ ପାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଏସମ୍ପର୍କରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ଠାରୁ ରିପୋର୍ଟ ତଲବ କରାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡା ଏହି ପ୍ରସଙ୍ଗରେ ଏକ ବଡ଼ ବିବୃତ୍ତି ଦେଇଛନ୍ତି। ତିରୁପତି ପ୍ରସାଦ ବିବାଦ ଉପରେ ସେ କହିଛନ୍ତି, ସେ ନିଜେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ସହ କଥା ହୋଇ ରିପୋର୍ଟ ମାଗିଛନ୍ତି। ରିପୋର୍ଟ ମିଳିବା ପରେ ଏସବୁ ଅଭିଯୋଗ ଉପରେ ଅନୁସନ୍ଧାନ କରାଯିବ। ଏତଦ୍‌ବ୍ୟତୀତ ଖାଦ୍ୟ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ମଧ୍ୟ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଯେଉଁ ଅଭିଯୋଗ ଆଣିଛନ୍ତି, ତାହା ଗୁରୁତର ପ୍ରସଙ୍ଗ। ଏ ଉପରେ ବିସ୍ତୃତ ତଦନ୍ତ ଆବଶ୍ୟକ ଏବଂ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ୍ ବୋଲି ସେ କହିଛନ୍ତି। ଏସବୁ ମଧ୍ୟରେ ଏହି ପ୍ରସଙ୍ଗରେ ନିଜ ହିସାବରେ ଯାଞ୍ଚ କରିବା ପାଇଁ ମନ୍ଦିର ପ୍ରଶାସନ ତିରୁମାଳା ତିରୁପତି ଦେବସ୍ଥାନମ୍ (ଟିଟିଡି) ପକ୍ଷରୁ ଏକ ୪ଜଣିଆ ତଦନ୍ତ କମିଟି ମଧ୍ୟ ଗଠନ କରାଯାଇଛି।

ଆନ୍ଧ୍ରପ୍ରଦେଶର ତତ୍କାଳୀନ ୱାଇଏସ୍‌ଆର୍ କଂଗ୍ରେସ ସରକାର ସମୟରେ ତିରୁପତିଙ୍କ ପୂଜାବିଧି ତଥା ଭୋଗ ନୈବେଦ୍ୟରେ ଲାଗି ହେଉଥିବା ପ୍ରଖ୍ୟାତ 'ଲଡୁ' ପ୍ରସ୍ତୁତିରେ ପଶୁ ଚର୍ବି ଓ ନିମ୍ନମାନର ଉପାଦାନ ବ୍ୟବହାର କରାଯାଉଥିଲା ବୋଲି ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁ ଅଭିଯୋଗ ଆଣିବା ପରେ ଏହି ବିବାଦ ସାମ୍ନାକୁ ଆସିଥିଲା। ଗୁଜୁରାଟରେ ଥିବା ତଥା କେନ୍ଦ୍ର ସରକାରଙ୍କ ଅଧୀନ ରାଷ୍ଟ୍ରୀୟ ଦୁଗ୍ଧ ବିକାଶ ବୋର୍ଡର ଲ୍ୟାବ୍ ସେଣ୍ଟର ଅଫ୍ ଆନାଲିସିସ୍ ଆଣ୍ଡ ଲର୍ଣ୍ଣିଂ ଇନ୍ ଲାଇଭ୍‌ଷ୍ଟକ୍ ଆଣ୍ଡ ଫୁଡ୍ (ସିଏଏଲଏଫ୍ ବା କାଫ୍) ପକ୍ଷରୁ ଗତ ଜୁଲାଇ ୧୭ ତାରିଖରେ ଆସିଥିବା ରିପୋର୍ଟ ଆଧାରରେ ସେ ଏପ୍ରକାର ଅଭିଯୋଗ କରିଥିଲେ। ପ୍ରକାଶ ଏହି ରିପୋର୍ଟରେ ଦର୍ଶାଯାଇଛି ଯେ, ଏହି ଘିଅରେ ମାଛ ତେଲ, ଗାଈ ଗୋରୁଙ୍କ ଚର୍ବି ଏବଂ ଘୁଷୁରି ଚର୍ବିର କଣିକା (ଫ୍ୟାଟି ଟିସୁରୁ ପ୍ରାପ୍ତ ଏକ ଅର୍ଦ୍ଧ-କଠିନ ଧଳା ଚର୍ବି ଉତ୍ପାଦ) ଠାବ କରାଯାଇଥିଲା। ଏହି ଲାବ୍ ପ୍ରାଣୀ ଖାଦ୍ୟ ଓ ଦୁଗ୍ଧଜାତ ଦ୍ରବ୍ୟଗୁଡ଼ିକର ପରୀକ୍ଷା କରିଥାଏ।

ବିଶ୍ୱହିନ୍ଦୁ ପରିଷଦର ରାଷ୍ଟ୍ରୀୟ ମୁଖପାତ୍ର ବିନୋଦ ବଂଶଲ ଏଥିପାଇଁ ଜଗନମୋହନଙ୍କୁ ନିନ୍ଦା କରିଛନ୍ତି। ବଂଶଲଙ୍କ କହିବାନୁସାରେ ଆନ୍ଧ୍ରପ୍ରଦେଶର ପୂର୍ବତନ ସରକାର ହିନ୍ଦୁ ବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ଥିବା ସମସ୍ତେ ଜାଣନ୍ତି। ତେବେ ତାହା ଏତେ ତଳ ସ୍ତରକୁ ଖସିଯିବ ବୋଲି କେହି ଭାବି ମଧ୍ୟ ପାରିନଥିବେ। ଲଡୁରେ ଗୋରୁ ଚର୍ବି ବ୍ୟବହାର କରୁଥିବା ଲୋକମାନଙ୍କୁ ଦଣ୍ଡିତ କରାଯାଉ ବୋଲି ବଂଶଲ ଦାବି କରିଛନ୍ତି। ଅନ୍ୟପକ୍ଷେ ଲଡୁରେ ପ୍ରକୃତରେ ପ୍ରାଣୀ ଚର୍ବି ବ୍ୟବହାର ହେଉଥିଲା କି ନାହିଁ ତାହା ନିଶ୍ଚିତ କରିବା ପାଇଁ ସିବିଆଇ ତଦନ୍ତ କରାଯିବାକୁ ପ୍ରଦେଶ କଂଗ୍ରେସ କମିଟି ସଭାନେତ୍ରୀ ୱାଇଏସ୍ ଶର୍ମିଳା ଦାବି କରିଛନ୍ତି। ଅନ୍ୟପକ୍ଷେ ରାଜନୈତିକ ଫାଇଦା ପାଇଁ ଟିଡିପି ସୁପ୍ରିମୋ ଚନ୍ଦ୍ରବାବୁ ଯେକୌଣସି ସ୍ତରକୁ ଯାଇପାରିବେ ବୋଲି ୱାଇଏସ୍‌ଆର୍ କଂଗ୍ରେସର ବରିଷ୍ଠ ନେତା ତଥା ରାଜ୍ୟ ସଭା ସଦସ୍ୟ ୱାଇଭି ସୁବାରେଡ୍ଡୀ ପାଲଟା ଅଭିଯୋଗ କରିଛନ୍ତି। ଚନ୍ଦ୍ରବାବୁଙ୍କ ଏଭଳି ଫମ୍ପା ଅଭିଯୋଗ ସନାତନ ଧର୍ମାବଲମ୍ବୀ ଭକ୍ତମାନଙ୍କ ଭାବାବେଗକୁ ଆଘାତ ଦେଇଥିବା ସେ କହିଛନ୍ତି।

ଏସମ୍ପର୍କରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ୱାଇଏସ୍‌ଆର କଂଗ୍ରେସ ମୁଖ୍ୟ ୱାଇଏସ୍ ଜଗନ୍ ମୋହନ ରେଡ୍ଡୀ ନିଜ ପ୍ରତିକ୍ରିୟାରେ ଏସବୁ ଅଭିଯୋଗକୁ ଖଣ୍ଡନ କରିବା ସହ ଏସବୁ ତାଙ୍କୁ ଏବଂ ତାଙ୍କ ଦଳକୁ ନିନ୍ଦିତ କରିବା ପାଇଁ ରାଜନୈତିକ ଷଡଯନ୍ତ୍ର ବୋଲି କହିଛନ୍ତି। କିନ୍ତୁ ଏହି ଘଟଣାକୁ କେନ୍ଦ୍ର କରି ତାଙ୍କୁ ଏବେ ଚାରିଆଡୁ ନିନ୍ଦା, ଭର୍ତ୍ସନାର ସାମ୍ନା କରିବାକୁ ପଡୁଛି। ତେବେ ମୁଖ୍ୟମନ୍ତ୍ରୀ ନାଇଡୁ ଆଣିଥିବା ଅଭିଯୋଗ ଉପରେ ତଦନ୍ତ ପାଇଁ ଏକ କମିଟି ଗଠନ କରିବାକୁ ୱାଇଏସ୍‌ଆର କଂଗ୍ରେସ ପକ୍ଷରୁ ହାଇକୋର୍ଟରେ ଏକ ପିଟିସନ୍ ଦାୟର କରାଯାଇଛି। ଆସନ୍ତା ୨୫ ତାରିଖରେ ହାଇକୋର୍ଟ ଏହା ଉପରେ ଶୁଣାଣି କରିବେ। ପ୍ରକାଶ, ତିରୁପତି ମନ୍ଦିରର ୩୦୦ ବର୍ଷ ପୁରୁଣା ରୋଷେଇ ଘରେ ପ୍ରତିଦିନ ୩.୫୦ ଲକ୍ଷ ଲଡୁ ତିଆରି କରାଯାଇଥାଏ। ତିରୁମାଲା ଟ୍ରଷ୍ଟ ପ୍ରସାଦରୁ ବାର୍ଷିକ ୫୦୦ କୋଟି ଟଙ୍କା ରୋଜଗାର କରିଥାଏ। ସେହିପରି ମନ୍ଦିରର ବାର୍ଷିକ ଆୟ ୩ହଜାର କୋଟିରୁ ଊର୍ଦ୍ଧ୍ୱ ରହୁଥିବା ବେଳେ ଏଥିମଧ୍ୟରୁ ପ୍ରାୟ ୨୦୦୦ କୋଟି କେବଳ ଦାନ ସୂତ୍ରରୁ ମିଳିଥାଏ। ତିରୁପତିର ଶ୍ରୀ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରରେ ଲଡୁମୁଖ୍ୟ ପ୍ରସାଦ ବା 'ପ୍ରସାଦମ୍' ରୂପେ ଭୋଗ ଲାଗି କରାଯାଇଥାଏ। ମନ୍ଦିରର ପରିଚାଳନା ଭାର ତିରୁମାଲା ତିରୁପତି ଦେବସ୍ଥାନମ୍ (ଟିଟିଡି) ଉପରେ ନ୍ୟସ୍ତ ରହିଛି।

### ୪ଜଣିଆ ତଦନ୍ତ କମିଟି ଗଠନ କଲା ମନ୍ଦିର ପ୍ରଶାସନ

ଭରତପୁର ଥାନା କାଣ୍ଡ



# ଜୋର୍ ଧରିଲା ରାଜନୈତିକ ବୟାନବାଜି

**ଭରତପୁର ଥାନାରେ ଆର୍ମି ମେଜର ଏବଂ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ମାମଲାକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିବାରେ ଲାଗିଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଘଟଣାକୁ ନିନ୍ଦା କରିଥିବା ବେଳେ କଂଗ୍ରେସ ମଧ୍ୟ ଆଇନଶୃଙ୍ଖଳାକୁ ନେଇ ସରକାରଙ୍କୁ ଘେରିଛି । ସେପଟେ ବିରୋଧୀଙ୍କ ଅଭିଯୋଗର ଜବାବ ରଖିଛି ଶାସକ ଦଳ ବିଜେପି ।**

## ‘ନିନ୍ଦନୀୟ.. ବିଚାରବିଭାଗୀୟ ତଦନ୍ତ କରାଯାଉ’

### ‘ମୋ ସରକାର’ କାର୍ଯ୍ୟକ୍ରମକୁ ବନ୍ଦ କରିବା ଦ୍ୱାରା ଏଭଳି ଘଟଣା ବୃଦ୍ଧି ପାଉଛି



**ଭୁବନେଶ୍ୱର,୨୦।୯/ଏନ୍ଏନ୍ଏସ୍:** ଭରତପୁର ଥାନାରେ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି । ଜଣେ ଆର୍ମି ମେଜର ଓ ତାଙ୍କ ବାନ୍ଧବୀଙ୍କୁ ଥାନା ହାଜତରେ ଦିଆଯାଇଥିବା ନିର୍ଯାତନା ନିନ୍ଦନୀୟ ବୋଲି କହିବା ସହ ଶ୍ରୀ ପଟ୍ଟନାୟକ ଏହାର ବିଚାର ବିଭାଗୀୟ ତଦନ୍ତ ଦାବି କରିଛନ୍ତି । ତୁରନ୍ତ ଏହି ଘଟଣାର ତଦନ୍ତ ସାରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ ଦାବି କରିଛନ୍ତି । ଶ୍ରୀ ପଟ୍ଟନାୟକ ଏହି ଘଟଣାକୁ ଲୋମହର୍ଷଣକାରୀ ଓ କଳ୍ପନାତୀତ ବୋଲି ବର୍ଣ୍ଣନା କରିବା ସହ ଥାନା ଭିତରେ ପୁଲିସ ଯେଭଳି ନିର୍ଦ୍ଦୟ ବ୍ୟବହାର କରିଥିବା ଅଭିଯୋଗ ହୋଇଛି ତାହା ସାରା ଦେଶର ବିବେକକୁ ଦୋହଲାଇ ଦେଇଥିବା କହିଛନ୍ତି । ଓଡିଶା ଭିତରେ ଜଣେ ମିଲିଟାରୀ ଅଧିକାରୀ ଓ ଜଣେ ମହିଳାଙ୍କ ପ୍ରତି ଏଭଳି ଅତ୍ୟାଚାର ଅତ୍ୟନ୍ତ ଦୁଃଖଦାୟକ ବୋଲି ଶ୍ରୀ ପଟ୍ଟନାୟକ ବର୍ଣ୍ଣନା କରିଛନ୍ତି । ବିଜୁ ଜନତା ଦଳ ଏହି ନାରକୀୟ ଘଟଣାର ଦୃଢ଼ ଭାବରେ ନିନ୍ଦା କରିବା ସହ ଘଟଣାରେ ସମ୍ପୃକ୍ତ ସମସ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ବିଜେପି ସରକାର ଗ୍ରହଣ କରିବେ ବୋଲି ଶ୍ରୀ ପଟ୍ଟନାୟକ ଆଶା ପ୍ରକାଶ କରିଛନ୍ତି । ଶ୍ରୀ ପଟ୍ଟନାୟକ କହିଛନ୍ତି ତାଙ୍କ ସରକାର ସମୟରେ ମୋ ସରକାର ବ୍ୟବସ୍ଥା ଥିଲା । ଏଥିରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ଥାନା ଓ ଡାକ୍ତରଖାନା ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯାଉଥିବା ନାଗରିକମାନଙ୍କ ଠାରୁ କର୍ମଚାରୀମାନଙ୍କ ବ୍ୟବହାର ଓ ବୃତ୍ତିଗତ ଦକ୍ଷତା ସମ୍ପର୍କରେ ଫିଡ୍‌ବ୍ୟାକ ସଂଗ୍ରହ କରୁଥିଲେ । ବିଜେପି ସରକାର ଶାସନକୁ ଆସିବା ପରେ ପରେ ତୁରନ୍ତ ମୋ ସରକାର ପରି ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ବନ୍ଦ କରିଦେଲେ, ଯାହାର ପରିଣାମ ଏବେ ସର୍ବତ୍ର ଦୃଶ୍ୟମାନ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ପୁରୀ ରାଜଭବନ ଘଟଣାରେ ଦାୟିତ୍ୱ ସମ୍ପାଦନ କରୁଥିବା ଜଣେ ସରକାରୀ ଅଧିକାରୀଙ୍କ ଉପରେ ରାଜ୍ୟପାଳଙ୍କ ପୁଅ ଆକ୍ରମଣ କରିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାର ମନା କରିଦେବା ଦ୍ୱାରା ଏହା ଅପରାଧୀମାନଙ୍କୁ ଉତ୍ସାହିତ କରିଛି । ରାଜ୍ୟପାଳଙ୍କ ପୁଅ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀ ପଟ୍ଟନାୟକ ପୁଣି ଥରେ ସରକାରଙ୍କୁ ଅନୁରୋଧ କରିଛନ୍ତି । ଏଥିସହ ଭରତପୁର ଥାନା ଘଟଣାକୁ ନେଇ କୋର୍ଟଙ୍କ ତତ୍ତ୍ୱାବଧାନରେ ଏସଆଇଟି ତଦନ୍ତ ସହ ଶ୍ରୀ ପଟ୍ଟନାୟକ ବିଚାରବିଭାଗୀୟ ତଦନ୍ତ ଦାବି କରିଛନ୍ତି ।

## ସରକାରଙ୍କ ଜିରୋ ଟୋଲେରାନ୍ସ ନୀତି
## ‘କାହାକୁ ଛଡ଼ା ଯିବନି’



**ଭୁବନେଶ୍ୱର,୨୦।୯/ଏନ୍ଏନ୍ଏସ୍:** ମହିଳା ଅପରାଧ ମାମଲାରେ ବିଜେପି ସରକାର ଜିରୋ ଟୋଲେରାନ୍ସ ନୀତି ଆପଣାଉଛନ୍ତି । କାହାକୁ ଛଡ଼ା ହେବ ନାହିଁ । ସମସ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଅନ୍ୟପକ୍ଷରେ ଭରତପୁର ଥାନା ଘଟଣାରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନ୍ୟାୟିକ ତଦନ୍ତ ଦାବି କରିଥିବାବେଳେ ଶ୍ରୀ ପୂଜାରୀ ଏହାକୁ କଟାକ୍ଷ କରିଛନ୍ତି । ଗଣମାଧ୍ୟମକୁ ସେ କହିଛନ୍ତି, ନ୍ୟାୟିକ ତଦନ୍ତ କଥା କହୁଛନ୍ତି, ତାହାହେଲେ କନ୍ଧମାଳ ତଦନ୍ତ ରିପୋର୍ଟ କୁଆଡ଼େ ଗଲା ? ନବୀନ ବାବୁଙ୍କ ବେଳେ ୨୪ ନ୍ୟାୟିକ ତଦନ୍ତ ହେଲା । ସେ ସବୁ ରିପୋର୍ଟ କାହିଁ । ଗତ୨୪ ବର୍ଷର ସରକାର ଚାହିଁଥିଲେ ହିଂସାମୁକ୍ତ ଓଡ଼ିଶା ଗଠନ ହୋଇପାରିଥାନ୍ତା । ନବୀନ ଆଦର୍ଶ ଥାନା କରୁଥିଲେ । ଆମ ସରକାର ଆଦର୍ଶ ପୁଲିସ ପାଇଁ ଚେଷ୍ଟା କରିବ । ନବୀନ ଯଦି ତାଙ୍କ ସମୟରେ ବୁଝୁଥାନ୍ତେ, ତାହାହେଲେ ଆଜି ନାରୀ ନିର୍ଯାତନା ହୋଇନଥାନ୍ତା । ନିଜେ ରାଜଧର୍ମ ପାଳନ କଲେନି, ଏବେ ଶହେ ଦିନର ସରକାରକୁ ପାଠ ପଢ଼ାଉଛନ୍ତି ବୋଲି ଶ୍ରୀ ପୂଜାରୀ କହିଛନ୍ତି ।

## ‘ବିଜେପି ସରକାରରେ ମହିଳା ସମ୍ପୂର୍ଣ୍ଣ ଅସୁରକ୍ଷିତ’



**ଭୁବନେଶ୍ୱର,୨୦।୯/ଏନ୍ଏନ୍ଏସ୍:** ରାଜ୍ୟରେ ସରକାର ୧୦୦ ଦିନର ସଫଳତା ବଖାଣୁଛନ୍ତି । ତେବେ ୧୦୦ ଦିନରେ ବିଜେପି ସରକାର ଅମଳରେ ମହିଳାମାନେ ସମ୍ପୂର୍ଣ୍ଣ ଅସୁରକ୍ଷିତ ହୋଇପଡ଼ିଛନ୍ତି । ଗତ ସରକାରରେ ଦୁଷ୍କର୍ମ ମାତ୍ରା ବଢ଼ିଥିବା ବେଳେ ବର୍ତ୍ତମାନ ସରକାରରେ ଗଣଦୁଷ୍କର୍ମ ଭଳି କୁତ୍ସିତ ଅପରାଧ ଏବେ ଚରମସୀମାରେ ବୋଲି କଂଗ୍ରେସ ନେତ୍ରୀ ସୋନାଲି ସାହୁ କହିଛନ୍ତି । କଂଗ୍ରେସ ଭବନରେ ଶୁକ୍ରବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୋନାଲି ସାହୁ କହିଛନ୍ତି ଯେ ଢେଙ୍କାନାଳରେ ଗଣଦୁଷ୍କର୍ମ, ସୁନ୍ଦରଗଡ଼ କୁତ୍ରାରେ ଆଦିବାସୀ ନାବାଳିକାକୁ ଗଣଦୁଷ୍କର୍ମ, ନବରଙ୍ଗପୁର ତେନ୍ତୁଳିଖୁଣ୍ଟି ଥାନା ଅଞ୍ଚଳରେ ୧୦ ବର୍ଷର ଆଦିବାସୀ ନାବାଳିକା ଗଣଦୁଷ୍କର୍ମ ଓ ହତ୍ୟା ଘଟଣାରେ ମୁଖ୍ୟମନ୍ତ୍ରୀ ସେମାନଙ୍କ ପରିବାରକୁ ଭେଟିବା ତ ଦୂରର କଥା, ଦୁଃଖ ପ୍ରକାଶ ମଧ୍ୟ ନକରିବା ଉଦ୍‌ବେଗଜନକ । ମହିଳା ନିର୍ଯାତନା ଓ ଦୁଷ୍କର୍ମରେ ଓଡ଼ିଶା ଏବେ ଉତ୍ତରପ୍ରଦେଶ ମୁହାଁ ହୋଇଛି । ୧୦୦ ଦିନରେ ମହିଳାଙ୍କ ହତ୍ୟା ଓ ଆତ୍ମହତ୍ୟା ଏବେ ଚରମସୀମାରେ ପହଞ୍ଚିଛି ବୋଲି ସୋନାଲି ସାହୁ କହିଛନ୍ତି । ସେହିପରି ଦଳର ଅନ୍ୟତମ ନେତ୍ରୀ ଡ. ମନୀଷା ଦାସ ପଟ୍ଟନାୟକ ଜଣେ ସେନାଅଧିକାରୀ ଏବଂ ତାଙ୍କର ବାନ୍ଧବୀଙ୍କୁ ଭରତପୁର ଥାନାରେ ଥାନାଅଧିକାରୀ ଏବଂ ଅନ୍ୟକର୍ମଚାରୀଙ୍କ ବର୍ବରୋଚିତ ବ୍ୟବହାରକୁ କଡ଼ା ନିନ୍ଦା କରିବା ସହିତ ପୀଡ଼ିତାଙ୍କୁ ଯେଉଁଭଳି ଭାବରେ ଶାରୀରିକ ଓ ଯୌନ ନିର୍ଯାତନା ଦିଆଗଲା ତାହା କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ ବୋଲି କହିଥିଲେ । ଦଳର ନେତ୍ରୀ ଜୟଶ୍ରୀ ପାତ୍ର ଉପମୁଖ୍ୟମନ୍ତ୍ରୀ ଜଣେ ମହିଳା ହୋଇ ମଧ୍ୟ ଏସବୁ ଘଟଣାରେ କିପରି ନିରବଦ୍ରଷ୍ଟା ସାଜିଛନ୍ତି ସେ ବିଷୟରେ ପ୍ରଶ୍ନ କରିଥିଲେ । ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାର ବିରୋଧରେ ରାଜ୍ୟ ସରକାର ଯଦି ଯତ୍ନଶୀଳ ନହୁଅନ୍ତି କିମ୍ବା ଦୋଷୀଙ୍କ ବିରୋଧରେ ତ୍ୱରିତ ତଥା ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରନ୍ତି ତେବେ ଆଗାମୀ ଦିନରେ ରାଜ୍ୟ କଂଗ୍ରେସ ରାଜ ରାସ୍ତାକୁ ଓହ୍ଲାଇବ, ସବୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହିତ ବିଜେପି କାର୍ଯ୍ୟାଳୟ ମଧ୍ୟ ଘେରାଉ କରିବାକୁ ପଛାଇବ ନାହିଁ ବୋଲି କଂଗ୍ରେସ ଚେତାବନୀ ଦେଇଛି ।

## ସାମ୍ନାକୁ ଆସୁଛି ନୂଆ ନୂଆ ଭିଡିଓ



**ଭୁବନେଶ୍ୱର,୨୦।୯/ଏନ୍ଏନ୍ଏସ୍:** ଭରତପୁର ଥାନା ଘଟଣାକୁ ନେଇ ନୂଆ ନୂଆ ଭିଡିଓ ସାମ୍ନାକୁ ଆସୁଛି । ପ୍ରଥମେ ମେଜରଙ୍କ ବାନ୍ଧବୀଙ୍କ ଘଟଣା ଦିନ ରାତିରେ ରେକର୍ଡ କରିଥିବା ଏକ ଭିଡିଓ ଭାଇରାଲ ହୋଇଥିଲା । ମେଜର ନିଜେ ଏତଲା ଲେଖୁଥିବା ବେଳେ ତାଙ୍କ ବାନ୍ଧବୀଙ୍କୁ ଓଡ଼ିଆ ଜାଣିନଥିବାରୁ ପୁଲିସ ଗାଳି ଗୁଲଜ କରୁଥିବା ଉକ୍ତ ଭିଡିଓରୁ ଦେଖିବାକୁ ମିଳିଥିଲା । ପୁଲିସର ବ୍ୟବହାର ନେଇ ଏହି ଭିଡ଼ିଓରେ ପ୍ରଶ୍ନ ଉଠାଇଛନ୍ତି ଯୁବତୀ । ରାତି ଅଧରେ ଯୁବତୀ ଜଣଙ୍କ ଅସହାୟ ହୋଇ ଭିଡିଓ କରୁଥିବା ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଅନ୍ୟପକ୍ଷରେ ମେଜର ଓ ତାଙ୍କ ବାନ୍ଧବୀ ଥାନାକୁ ଯିବା ପୂର୍ବର ଘଟଣାର ଭିଡିଓ ଭାଇରାଲ ହୋଇଛି । ରାସ୍ତାରେ ଯିବାବେଳେ ଯୁବକଙ୍କ ସହ ଧସ୍ତାଧସ୍ତି ଦୃଶ୍ୟ ସାମ୍ନାକୁ ଆସିଛି । ଅଭିଯୋଗ ଅନୁସାରେ ଶନିବାର ବିଳମ୍ବିତ ରାତି ୧୨ଟା ୩୦ରେ ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇଥିଲେ ମେଜର ଗୁରବନ୍ତ ସିଂ ଓ ତାଙ୍କ ବାନ୍ଧବୀ । ମେଜର ଗୁରୁବନ୍ତ ଓ ତାଙ୍କ ବାନ୍ଧବୀ ଏକ ରେସ୍ତୋରାଁରୁ ଆସୁଥିବା ବେଳେ ରାସ୍ତାରେ ଏକ କାରକୁ ଓଭରଟେକ କରିବାପରେ ପଛରୁ ଆସୁଥିବା ଗାଡ଼ିରୁ କିଛି ଯୁବକ ସେମାନଙ୍କୁ ଅଟକାଇ ଧକ୍କା ମାରିବା ସହ ଧମକ ଦେଇଥିଲେ ।

## ‘ପୁଲିସ୍ ଅଧିକାରୀଙ୍କୁ କାହିଁକି ଏପର୍ଯ୍ୟନ୍ତ ଗିରଫ କରାଯାଇନି’



**ଭୁବନେଶ୍ୱର,୨୦।୯/ଏନ୍ଏନ୍ଏସ୍:** ଭରତପୁର ଥାନାରେ ଘଟିଥିବା ଜଘନ୍ୟ କାଣ୍ଡକୁ ନେଇ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ପ୍ରବଳ ବର୍ଷିଛନ୍ତି । ଜଣେ ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କୁ ଅକଥନୀୟ ନିର୍ଯାତନା ଦେଇଥିବା ପୁଲିସ୍ ଅଧିକାରୀଙ୍କୁ କାହିଁକି ଏପର୍ଯ୍ୟନ୍ତ ଗିରଫ କରାଯାଇନି ବୋଲି ବୋଲି ସେ ପ୍ରଶ୍ନ କରିଛନ୍ତି । ଗୋଟିଏ ପଟେ ସରକାର ୫ ହଜାର ଟଙ୍କା ଦେଇ ମହିଳାଙ୍କୁ ସଶକ୍ତ କରୁଥିବା କହୁଥିବା ବେଳେ ଅନ୍ୟ ପଟେ ଥାନା ହାଜତରେ ନିର୍ଯାତନାର ଶିକାର ମହିଳାଙ୍କୁ କାହିଁକି ନ୍ୟାୟ ମିଳୁନି ବୋଲି ସେ ପ୍ରଶ୍ନ କରିଛନ୍ତି । ଭରତପୁର ଥାନାରେ ଯେଉଁ ଜଘନ୍ୟ କାଣ୍ଡ ଘଟିଲା ସେଥିରେ ପୁଲିସ୍ ଅଫିସର ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ଥିବା କଥା ଅଭିଯୋଗ ହେଉଛି । ଏନେଇ ଏକ ମାମଲା ରୁଜୁ କରି କ୍ରାଇମବ୍ରାଞ୍ଚ ଏହାର ତଦନ୍ତ ଆରମ୍ଭ କରିଛି । ହେଲେ ଏଯାଏ କାହିଁକି ସମ୍ପୃକ୍ତ ପୁଲିସ୍ ଅଧିକାରୀଙ୍କୁ ଗିରଫ କରାଯାଇନି ବୋଲି ସେ ପ୍ରଶ୍ନ କରିଛନ୍ତି । ଯଦି ରାତି ଅଧରେ ଅଭିଯୋଗ କରିବାକୁ ଆସିଥିବା ଦୁଇ ଜଣଙ୍କୁ ଗିରଫ କରାଗଲା, ତେବେ ଏପରି କାଣ୍ଡ ଘଟାଇଥିବା ପୁଲିସ୍ ଅଧିକାରୀଙ୍କୁ କାହିଁକି ଗିରଫ କରାଯାଉନି ? ସେମାନଙ୍କୁ ଗିରଫ କରିବାକୁ ଆଉ କ’ଣ ତଥ୍ୟ ଦରକାର ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି । ଏଥିସହ ପୁଲିସ୍ ମାଡ଼ରେ ସମ୍ପୃକ୍ତ ଯୁବତୀ ଲହୁଲୁହାଣ ହୋଇଥିବା ବେଳେ କେଉଁ ଡାକ୍ତର ତାଙ୍କ ପରୀକ୍ଷା କରିଥିଲେ ଓ ସେ ନିଜ ରିପୋର୍ଟରେ କ’ଣ ଦର୍ଶାଇଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ପଟ୍ଟନାୟକ । ଯଦି ଡାକ୍ତର ନିଜ ରିପୋର୍ଟରେ ହେରଫେର କରିଛନ୍ତି, ତେବେ ତାଙ୍କ ବିରୋଧରେ କ’ଣ ଆକ୍ସନ ନିଆଯାଇଛି ବୋଲି ବି ସେ ପ୍ରଶ୍ନ ଉଠାଇଛନ୍ତି । ଅମାନୁଷିକ ଭାବେ ଜଣେ ଯୁବତୀଙ୍କ ଛାତିକୁ ଗୋଇଠା ମରାଯାଇଛି ହେଲେ ଏଥିରେ ସମ୍ପୃକ୍ତ ପୁଲିସ୍ ଅଧିକାରୀଙ୍କୁ ଘଟଣାର ୫ ଦିନ ପରେ ବି ଗିରଫ କରାଯାଉନି । ତୁରନ୍ତ ସମ୍ପୃକ୍ତ ପୁଲିସ୍ ଅଧିକାରୀଙ୍କୁ ଗିରଫ କରି ଦୃଷ୍ଟାନ୍ତମୂଳକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି ।

## ‘ରାଜ୍ୟରେ ମହିଳାଙ୍କ ସୁରକ୍ଷା ବିପଦରେ ଅଛି’

### ● ଆଇନ ଶୃଙ୍ଖଳା ପ୍ରତି ରାଜ୍ୟ ସରକାରଙ୍କ ନିଘା ନାହିଁ ● ଆଜି ରାଜଭବନ ସମ୍ମୁଖରେ ଗଣଧାରଣା



**ଭୁବନେଶ୍ୱର,୨୦।୯/ଏନ୍ଏନ୍ଏସ୍:** ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ି । ମହିଳାମାନଙ୍କ ସୁରକ୍ଷା ବିପଦରେ ଅଛି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି । ଶୁକ୍ରବାର ଶଙ୍ଖ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ରାଜ୍ୟସଭା ସାଂସଦ ସୁଲତା ଦେଓ, ବିଏମସି ମେୟର ସୁଲୋଚନା ଦାସ ଓ ଦଳର ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର ଭରତପୁର ଥାନାରେ ଜଣେ ମେଜର ଓ ତାଙ୍କ ବାନ୍ଧବୀ ପ୍ରତି ହୋଇଥିବା ଅମାନବୀୟ ଅତ୍ୟାଚାର ଘଟଣାରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହ ଏଭଳି କହିଛନ୍ତି । ଘଟଣାକୁ ଦୃଢ଼ ପ୍ରତିବାଦ କରିବା ପାଇଁ ବିଜୁ ମହିଳା ଜନତା ଦଳ ତରଫରୁ ଶନିବାର ସକାଳେ ରାଜ ଭବନ ସମ୍ମୁଖରେ ଏକ ଗଣଧାରଣା ଦିଆଯିବ ବୋଲି ସେମାନେ ସୂଚନା ଦେଇଛନ୍ତି । ଶ୍ରୀମତୀ ଦେଓ କହିଛନ୍ତି ଯେ ରାଜ୍ୟରେ ବିଜେପି ସରକାର ହେବା ଦିନଠାରୁ, ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ତଳକୁ ଯିବାରେ ଲାଗିଛି । ରାଜ୍ୟପାଳଙ୍କ ପୁଅ ଜଣେ ଓଡ଼ିଆ ଅଧିକାରୀଙ୍କୁ ମାଡ଼ ମାରିବା ଘଟଣାରେ ସରକାର କୌଣସି ପଦକ୍ଷେପ ନନେବା ରାଜ୍ୟରେ ଆଇନ ଶୃଙ୍ଖଳା ହୁଗୁଳା ହୋଇଯାଇଛି ବୋଲି ସ୍ପଷ୍ଟ ହୋଇଥିଲା । ସେହି ଘଟଣାରେ ରାଜ୍ୟ ସରକାର ଉଚିତ ପଦକ୍ଷେପ ନେଇଥିଲେ, ଆଜି ରାଜ୍ୟରେ ଏଭଳି ଲଜ୍ଜାଜନକ ଘଟଣା ଦେଖିବାକୁ ମିଳିନଥାନ୍ତା ବୋଲି ଶ୍ରୀମତୀ ଦେଓ କହିଛନ୍ତି ।ଶ୍ରୀମତୀ ସାମନ୍ତସିଂହାର କହିଛନ୍ତି ଯେ ରାଜ୍ୟରେ ବିଜେପି ସରକାର ଆସିବା ପରେ ‘ମୋ ସରକାର’କୁ ହଟାଇ ଦିଆଗଲା । ଯାହା ଫଳରେ ପୁଲିସ ପ୍ରଶାସନର ଉତ୍ତର ଦାୟିତ୍ୱ ହଟିଗଲା । ଆଜି ବିଜେପି ସରକାର ୧୦୦ ଦିନ ପୂର୍ତ୍ତିର ଉତ୍ସବ ମନାଇବାରେ ବ୍ୟସ୍ତ ଅଛନ୍ତି । ସେମାନଙ୍କର ମହିଳା ସୁରକ୍ଷା ଉପରେ ନିଘା ନାହିଁ । ରାଜ୍ୟର ଏକ ମଡେଲ ପୁଲିସ ଷ୍ଟେସନରେ ଏଭଳି ଜଘଣ୍ୟ ଘଟଣା ଘଟୁଛି, ସରକାର ନିଦାବିଷ୍ଟ ସାଜି ବସିଛନ୍ତି । ଓଡ଼ିଆ ଅସ୍ମିତା ନାରା ଦେଇ ସରକାରକୁ ଆସିଥିବା ବିଜେପିର କ’ଣ ପୁଲିସ ଷ୍ଟେସନରେ ମହିଳାଙ୍କୁ ଅତ୍ୟାଚାର କରିବା ଓଡ଼ିଆ ଅସ୍ମିତା କି ବୋଲି ଶ୍ରୀମତୀ ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି । ଶ୍ରୀମତୀ ଦାସ କହିଛନ୍ତି ଯେ ଭରତପୁର ମଡେଲ ପୁଲିସ ଷ୍ଟେସନରେ ସିସିଟିଭି କ୍ୟାମେରା ଲଗା ଯାଇଥିଲା, କିନ୍ତୁ ରହସ୍ୟମୟ ଭାବେ ଆଜି ସେଠାରୁ ଉଭାନ ହୋଇଯାଇଛି । ଏହି ସ୍ପର୍ଶକାତର ଘଟଣାର ସତ୍ୟାସତ୍ୟ ସିସିଟିଭି କ୍ୟାମେରାରୁ ଲୋକଲୋଚନକୁ ଆସିପାରିଥାନ୍ତା ବୋଲି ଶ୍ରୀମତୀ ଦାସ କହିଛନ୍ତି ।

## ବିଜେପି କୃଷକ ମୋର୍ଚ୍ଚାର ଘୋଷଣା
## ରାଜ୍ୟରେ ରୋପଣ ହେବ ୩୦ଲକ୍ଷ ଚାରା

**ଭୁବନେଶ୍ୱର,୨୦।୯/ଏନ୍ଏନ୍ଏସ୍:** ପରିବେଶର ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ‘ମା’ ପାଇଁ ଗଛଟିଏ’ ଆହ୍ୱାନକୁ ସଫଳ କରିବା ନେଇ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟରେ ୩୦ଲକ୍ଷ ବୃକ୍ଷ ରୋପଣ କରିବ ବୋଲି ଘୋଷଣା କରିଛି । ଏଥିସହ ସରକାରଙ୍କ କୃଷକ କଲ୍ୟାଣକାରୀ ଯୋଜନାକୁ ଚାଷୀଙ୍କ ପାଖରେ ପହଞ୍ଚାଇବା କାମ କରିବ ମୋର୍ଚ୍ଚା । ଶୁକ୍ରବାର ବିଜେପି କୃଷକ ମୋର୍ଚ୍ଚା ତରଫରୁ ଅନୁଷ୍ଠିତ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଏହା ଘୋଷଣା କରାଯାଇଛି । ଏହି ଅବସରରେ ରାଜ୍ୟର ୧୦ ସଫଳ ଚାଷୀଙ୍କୁ ଅନ୍ନଦାତା ୨୦୨୪ ସମ୍ମାନରେ ସମ୍ମାନିତ କରାଯାଇଛି ।

କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏହି ଉତ୍ସବରେ ଯୋଗଦେଇ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାର ୧୦୦ ଦିନରେ ଚାଷୀମାନଙ୍କ ପାଇଁ ବିଭିନ୍ନ କୃଷକ କଲ୍ୟାଣକାରୀ ଯୋଜନା କରି ଐତିହାସିକ ପଦକ୍ଷେପ ନେଇଛନ୍ତି । ଧାନ କ୍ୱିଣ୍ଟାଲ ପ୍ରତି ୩୧୦୦ ଟଙ୍କା କରିବା, ୬ଲକ୍ଷ ଚାଷୀଙ୍କୁ ପିଏମ୍ କିସାନରେ ସାମିଲ କରିବା ସହିତ ସହରାଞ୍ଚଳର ଚାଷୀମାନଙ୍କୁ ସାମିଲ କରିବା, ଚାଷୀ ପରିବାର ଛାତ୍ରଛାତ୍ରୀମାନଙ୍କର ଉଚ୍ଚଶିକ୍ଷା ପାଇଁ ୨ଲକ୍ଷ ଟଙ୍କା ଛାତ୍ରବୃତ୍ତି ପ୍ରଦାନ କରିବା, ସମସ୍ତ ବ୍ଲକ୍‌ରେ ପନିପରିବା ମଣ୍ଡି ଖୋଲିବା, ସମସ୍ତ ଚାଷ ଜମିକୁ ଉଠା ଜଳସେଚନ ମାଧ୍ୟମରେ ଜଳସେଚନ କରିବା ଏକ ଯୁଗାନ୍ତକାରୀ ପଦକ୍ଷେପ । ସେହିପରି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପରିବେଶ ପ୍ରଦୂଷଣରୁ ରକ୍ଷା ପାଇବା ପାଇଁ ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମକୁ ବ୍ୟାପକ କରିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବିଜେପିର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଓ ବିମ୍ବାଧର କୁଅଁର, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ବିଜେପି ରାଜ୍ୟ ଉପସଭାପତି ତଥା କୃଷକ ମୋର୍ଚ୍ଚା ପ୍ରଭାରୀ ଗୋଲକ ମହାପାତ୍ର, ବିଜେପିର ବରିଷ୍ଠ ନେତା ସଜ୍ଜନ ଶର୍ମା, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା, ସିନେମା ତାରକା ଅଂଶୁମୋଚନ ମହାନ୍ତି ପ୍ରମୁଖ ବିଜେପି ଡବଲ ଇଞ୍ଜିନ ସରକାରର କୃଷକ କଲ୍ୟାଣକାରୀ ଯୋଜନାର ସଫଳତା ଉପରେ ତାଙ୍କ ବକ୍ତବ୍ୟରେ କହିଥିଲେ ।

### ମିଶନ ଶକ୍ତି ଅଡିଟୋରିୟମ୍ ଓ କଲ୍ ସେଣ୍ଟର ଉଦ୍‌ଘାଟିତ
## ମହିଳା ସଂଗଠନର ବିକାଶରେ ମୁଖ୍ୟ ଭୂମିକା ଗ୍ରହଣ କରିବ



**ଭୁବନେଶ୍ୱର,୨୦।୯/ଏନ୍ଏନ୍ଏସ୍:** ଶୁକ୍ରବାର ପୋଖରୀପୁଟ ସ୍ଥିତ ମିଶନ ଶକ୍ତି ଭବନ ପରିସରରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ମିଶନ ଶକ୍ତି ବିଭାଗର କଲ୍ ସେଣ୍ଟର ଓ ଅଡିଟୋରିୟମର ଉଦ୍‌ଘାଟନ କରିଛନ୍ତି । ୭ କୋଟି ୫୯ ଲକ୍ଷ ବ୍ୟୟରେ ନିର୍ମିତ ୪୦୦ ଆସନ ବିଶିଷ୍ଟ ଏହି ଅଡିଟୋରିୟମଟି ଇଡ୍‌କୋ ଦ୍ୱାରା ନିର୍ମାଣ କରାଯାଇଛି । ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ପ୍ରଶିକ୍ଷଣ ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସହ ବିଭିନ୍ନ ବୈଠକ, କର୍ମଶାଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ପୁରସ୍କାର ବିତରଣ, ଏସ୍‌ଏଚ୍‌ଜି ଉତ୍ପାଦର ଲୋକାର୍ପଣ ଆଦି ସମାରୋହ ପାଇଁ ଏହା ଏକ ବୃହତ ଭିତ୍ତିଭୂମି ଯୋଗାଇବ । ଏହା ଏସ୍‌ଏଚ୍‌ଜି ଏବଂ ସେମାନଙ୍କ ମହାସଂଘଗୁଡ଼ିକ ନିମନ୍ତେ ଅତ୍ୟନ୍ତ ଲାଭକାରୀ ହେବା ସହିତ ଓଡ଼ିଶାରେ ମହିଳା ସଂଗଠନଗୁଡ଼ିକର ଅବିରତ ବିକାଶ ଏବଂ ସଶକ୍ତିକରଣରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିବ । ଏହାଛଡ଼ା ଶ୍ରୀମତୀ ପରିଡ଼ା, ମିଶନ ଶକ୍ତି ଭବନ ପରିସରରେ ‘ମିଶନ ଶକ୍ତି କଲ୍ ସେଣ୍ଟର’ର ଶୁଭାରମ୍ଭ ମଧ୍ୟ କରିଥିଲେ ।

### ଟୋଲ୍ ଫ୍ରି ନମ୍ବର ଜାରି

ଏହି କଲ୍ ସେଣ୍ଟରଟି ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ନିମନ୍ତେ ମିଶନ ଶକ୍ତି ବିଭାଗ ଅଧୀନରେ ପରିଚାଳିତ ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ, ନୂତନ ପଦକ୍ଷେପ ଇତ୍ୟାଦି ସମ୍ବନ୍ଧରେ ତଥ୍ୟ ଯୋଗାଇବ । ଏହି କଲ୍ ସେଣ୍ଟର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସେମାନଙ୍କ ମହାସଂଘମାନଙ୍କ ପ୍ରଶ୍ନ କିମ୍ବା ଅଭିଯୋଗର ସମାଧାନରେ ସହାୟକ ହେବ । ଏହାର ଟୋଲ୍ ଫ୍ରି ନମ୍ବର (୧୫୫୨୭୬) ଦିବା ୧୦.୦୦ ଘଟିକା ଠାରୁ ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ କାର୍ଯ୍ୟକ୍ଷମ ରହିବ । ମିଶନ ଶକ୍ତି ବିଭାଗର ୧୦୦ ଦିନର ସଫଳତା ଅନ୍ତର୍ଗତ ମିଶନ ଶକ୍ତି ସଦସ୍ୟାଙ୍କୁ ୧୭୫ କୋଟି ଟଙ୍କାର ସୁଧ ଫେରସ୍ତ, ୫୩୦ କୋଟି ଟଙ୍କାର ସରକାରୀ ବ୍ୟବସାୟ, ୨.୨ ଲକ୍ଷରୁ ଅଧିକ ଲକ୍ଷପତି ଦିଦି , ୭୫୦ ଉତ୍ପାଦକ ଗୋଷ୍ଠୀ ସୃଷ୍ଟି, ୧୦୦ଟି ମିଶନ ଶକ୍ତି ରିଟେଲ ମାର୍ଟ ପ୍ରତିଷ୍ଠା କରିବା ସହ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୨୩୪୦ କୋଟି ଟଙ୍କାର ବ୍ୟାଙ୍କ ଋଣ ଯୋଗାଇଦେବାର ସଫଳତାର ଲକ୍ଷ୍ୟ ପୂରଣ କରିଥିବାରୁ ଉପମୁଖ୍ୟମନ୍ତ୍ରୀ ବିଭାଗର ପ୍ରୟାସ ଓ ସଂକଳ୍ପକୁ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ସମେତ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ, ଓଡ଼ିଶା ଜୀବିକା ମିଶନର ରାଜ୍ୟ ମିଶନ ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଭିନୀତ ଭରଦ୍ୱାଜ, ଅତିରିକ୍ତ ସଚିବ ସୁମିତ୍ରା ପଟ୍ଟନାୟକ ବିଭାଗର ସମସ୍ତ ଅଧିକାରୀ ତଥା ‘ଇଡିକୋ’ର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।



# ବିଶ୍ୱର ଶ୍ରେଷ୍ଠ ବୈଜ୍ଞାନିକ ତାଲିକାରେ ଖଣ୍ଡପଡ଼ା ମାଟିର ପୁଅ ପ୍ରଦ୍ୟୁମ୍ନ



**ଖଣ୍ଡପଡ଼ା,୨୦ା୯/ଏନ୍ଏନ୍ଏସ୍:** ଖଣ୍ଡପଡା ବ୍ଲକର ଜଗନ୍ନାଥପ୍ରସାଦ ପଞ୍ଚାୟତ ଅଧିନ କୁହାରା ଗ୍ରାମର ଦାମୋଦର ସାହୁଙ୍କ ପୁଅ ତଥା ବୈଜ୍ଞାନିକ ଡଃ ପ୍ରଦ୍ୟୁମ୍ନ କୁମାର ସାହୁ ବିଶ୍ୱର ଶ୍ରେଷ୍ଠ ବୈଜ୍ଞାନିକ ଭାବେ ବିବେଚିତ ହୋଇଛନ୍ତି। ଆମେରିକାର ଏକ ଗବେଷଣା ସଂସ୍ଥା ପକ୍ଷରୁ ସର୍ଭେକ୍ଷଣ କରାଯାଇ ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକ ତାଲିକାରେ ପ୍ରଦ୍ୟୁମ୍ନଙ୍କ ନାମ ସ୍ଥାନୀତ ହେବା ପରେ ସମଗ୍ର ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ଖୁସିର ଲହରୀ ଖେଳିଯାଇଛି। ଖାଲି ସେତିକି ନୁହେଁ ଲଗାତାର ୫ ବର୍ଷ ଧରି ବୈଜ୍ଞାନିକ ଶ୍ରୀ ସାହୁ ଏହି ବିରଳ ସମ୍ମାନର ଅଧିକାରୀ ହୋଇ ପାରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ବୈଜ୍ଞାନିକ ଶ୍ରୀ ସାହୁ ଆନ୍ଧ୍ରପ୍ରଦେଶ ରାଜ୍ୟର ହାଇଦ୍ରାବାଦସ୍ଥିତ ବିର୍ଲା ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜିରେ ଏବେ ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ଛାତ୍ର ଜୀବନରୁ ଜଣେ ମେଧାବୀ ଛାତ୍ର ଭାବେ ଜଣାଶୁଣା ପ୍ରଦ୍ୟୁମ୍ନଙ୍କୁ ନେଇ କୁହାରା ଗ୍ରାମବାସୀ ବେଶ ଗର୍ବ ଅନୁଭବ କରୁଥିବା ବେଳେ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ବୈଜ୍ଞାନିକ ଶ୍ରୀ ସାହୁଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ନଦୀକୁ ଡେଇଁ କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

## ଉଦ୍ଧାର କଲେ ସାହସୀ ଯୁବକ କ୍ଷୀରୋଦ

**ମାହାଙ୍ଗା/କୁଆଁପାଳ,୨୦ା୯/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଜେ.ଏନ କଲେଜ କୁଆଁପାଳ +୩ ଶେଷ ବର୍ଷ ଛାତ୍ରୀ ଗୋବରୀ ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ ଆଜି ଅପରାହ୍ନ ୨ଟା ପରେ ଘରକୁ ଫେରୁଥିବା ସମୟରେ ପଶୁଲୁଣ୍ଡା ବଜାର ଗୋବରୀ ପୋଲ ଉପରୁ ଉଚ୍ଛୁଳା ପାଣିକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ରାସ୍ତାରେ ଯାଉଥିବା ଅନ୍ୟ ଛାତ୍ରୀମାନେ ଡାକ ପକାଇବାରୁ ନିକଟରେ ଥିବା ସ୍ଥାନୀୟ ଗଙ୍ଗପୁରା ଗ୍ରାମର ଯୁବକ କ୍ଷୀରୋଦ ଜେନା ଦୌଡ଼ି ଆସି ଛାତ୍ରୀକୁ ଉଦ୍ଧାର କରିବା ପାଇଁ ନଦୀକୁ ଡେଇଁଥିଲେ। ଛାତ୍ରୀ ଜଣଙ୍କ ବୁଡ଼ିଯାଉଥିବାବେଳେ କ୍ଷୀରୋଦ କୌଶଳରେ ଗାମୁଛାରେ ତାଙ୍କର ହାତକୁ ବାନ୍ଧି ନଦୀକୂଳକୁ ଆଣିଥିଲେ। ସେତେବେଳକୁ ଛାତ୍ରୀ ଜଣକ ପାଣି ପିଇ ଅଚେତ ହୋଇପଡ଼ିଥିଲେ। ଖବର ପାଇ କୁଆଁପାଳ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଅଚେତ ଅବସ୍ଥାରେ ଉଦ୍ଧାର କରି ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲା। ଛାତୀଙ୍କ ଘର ରାହାଣିଆ ପଞ୍ଚାୟତ କାଳିଅଣ୍ଟି ଗ୍ରାମର ବିଚିତ୍ରା ମହାନ୍ତି(୧୯) ବୋଲି ଜଣାପଡ଼ିଛି। ତେବେ କ'ଣ ପାଇଁ ଛାତ୍ରୀ ଜଣକ ପାଣିକୁ ଡେଇଁ ଆତ୍ମହତ୍ୟା କରୁଥିଲେ, ତାହା ଜଣାପଡ଼ିନାହିଁ।



# ଫୁଟିଲା ବିରଳ ବ୍ରହ୍ମ କମଳ



**ସାକ୍ଷୀଗୋପାଳ,୨୦ା୯/ଏନ୍ଏନ୍ଏସ୍:** ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଦାସ ବିଦ୍ୟାଧରପୁର ପଞ୍ଚାୟତର ପାଟଣାସାହି ଗ୍ରାମର କମଳା ପରିଡ଼ାଙ୍କ ବାଡ଼ିରେ ଏକ ବିରଳ ବ୍ରହ୍ମ କମଳ ଫୁଲ ଫୁଟିଛି। ଏହି ଦୁର୍ଲ୍ଲଭ ବ୍ରହ୍ମ କମଳ ଫୁଲ ସାଧାରଣତଃ କିଛି ସ୍ଥାନରେ ଦେଖିବାକୁ ମିଳେ। ଏହି ଫୁଲକୁ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ଶତାଧିକ ବ୍ୟକ୍ତି ଭିଡ଼ ଜମାଇଥିବା ଦେଖିବାକୁ ମିଳିଥିଲା। ବ୍ରହ୍ମକମଳ ହେଉଛି ଜଗନ୍ନାଥଙ୍କ ପ୍ରିୟ ଫୁଲ। ବ୍ରହ୍ମାଙ୍କ ବ୍ରହ୍ମରୁ ଏହି ଫୁଲଟି ଆବିର୍ଭାବ ହୋଇଥିଲା। ତେଣୁ ତାହାର ନାମ ବ୍ରହ୍ମକମଳ। ସେଥିପାଇଁ ଫୁଲଟି ବହୁତ ଆକର୍ଷଣୀୟ। ଫୁଲଟି ସଂଧ୍ୟାରୁ ଫୁଟିବା ଆରମ୍ଭ କରି ରାତି ୧୨ ପରେ ଧୀରେ ଧୀରେ ମଉଳିବାକୁ ଲାଗେ। ଜଗନ୍ନାଥଙ୍କୁ ସମର୍ପଣ କରିବା ପାଇଁ ସେ କହିଛନ୍ତି। ସନ୍ଧ୍ୟାରେ ଫୁଲଟି ଫୁଟିବା ମାତ୍ରେ ଝୁଣା, ଧୂପ, ଶଙ୍ଖ, ଘଣ୍ଟ, ଘଣ୍ଟା ସହ ମୃଦଙ୍ଗ ତାଳେ ତାଳେ ହରିନାମ ଭଜନ ଆରମ୍ଭ ହୋଇଯାଇଥିଲା। ଆଜି ସନ୍ଧ୍ୟାରେ ସଂକୀର୍ତ୍ତନ ମଣ୍ଡଳୀ ସହ ଏହି ଫୁଲଟିକୁ ଜଗନ୍ନାଥଙ୍କ ପାଖରେ ଅର୍ପଣ କରାଯାଇଛି।

# ନଷ୍ଟ ହେଉଛି ବ୍ୟାୟାମ ଉପକରଣ ଓ ଯାନବାହନ ଯନ୍ତ୍ରାଂଶ

**ଖଣ୍ଡପଡ଼ା,୨୦ା୯/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ଏନ୍ଏସି କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁଁ ସ୍ଥାନୀୟ ପଠାଣି ସାମନ୍ତ କଲ୍ୟାଣମଣ୍ଡପ ପରିସରରେ ଖୋଲାମେଲାରେ ପଡ଼ି ରହି ନଷ୍ଟ ହେଉଛି ଲକ୍ଷ ଲକ୍ଷ ଟଙ୍କା ମୂଲ୍ୟର ବ୍ୟାୟାମ ଉପକରଣ ଓ ପୁରାତନ ଯାନବାହନର ଯନ୍ତ୍ରାଂଶ। ସହରାଞ୍ଚଳର ବିଭିନ୍ନ ସ୍ଥାନରେ ନୂତନ ବ୍ୟାୟାମ ଉପକରଣ ସ୍ଥାପନ ନିମନ୍ତେ ଏନ୍ଏସି କର୍ତ୍ତୃପକ୍ଷ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ସାମଗ୍ରୀଗୁଡ଼ିକୁ କିଣିଥିଲେ ହେଁ ସେଗୁଡିକ ଖରା ବର୍ଷାରେ ପଡି ରହି ନଷ୍ଟ ହେବାରେ ଲାଗିଛି। ସେହିପରି ଏନ୍ଏସି କର୍ତ୍ତୃପକ୍ଷଙ୍କ ଦ୍ୱାରା ଦୀର୍ଘ ବର୍ଷ ଧରି ବ୍ୟବହୃତ ଟ୍ରାକ୍ଟର, ସେସ୍‌ପୋଲ ମେସିନ, ପାଣି ଟାଙ୍କୀ ସମେତ ଆନୁସଙ୍ଗିକ ମୂଲ୍ୟବାନ ସାମଗ୍ରୀଗୁଡ଼ିକ ସେଠାରେ ପଡି ରହି ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ଏନଏସି କର୍ତ୍ତୃପକ୍ଷ ସବୁଦେଖି କିଛି ନ ଦେଖିବା ନ୍ୟାୟରେ ନିରବଦ୍ରଷ୍ଟା ସାଜିଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସମୟାନୁକ୍ରମେ ଅଦରକାରୀ ହୋଇପଡ଼ିଥିବା ପୁରାତନ ଯାନବାହନଗୁଡିକ ଯଦି ଠିକ୍ ସମୟରେ ଏନ୍ଏସି କର୍ତ୍ତୃପକ୍ଷ ନିଲାମ କରିଥାନ୍ତେ ତାହା ହେଲେ ସରକାର ବିପୁଳ ପରିମାଣର ରାଜସ୍ୱ ପାଇ ପାରିଥାନ୍ତେ ବୋଲି ସାଧାରଣରେ ଆଲୋଚନା ହେଉଛି। ଏଥିପ୍ରତି ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ଅଭିଯୋଗ ସମ୍ପର୍କରେ ପଚାରିଲେ ଏଥିପ୍ରତି ଦୃଷ୍ଟି ଦେବେ ବୋଲି କହିଛନ୍ତି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ।



# ସ୍ମୃତିଚାରଣ ସଭା

**ବଲଙ୍ଗା,୨୦ା୯/ଏନ୍ଏନ୍ଏସ୍:** ବଲଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୪ ବ୍ୟାଚ୍ ର ଛାତ୍ର ଭଜମନ ଖୋଟଇଙ୍କର ଗତ ୯ତାରିଖ ରାତ୍ର ୧୧ଟାରେ ଇନ୍ଦୋର ସ୍ଥିତ ଏକ ଘରୋଇ ଡ଼ାକ୍ତରଖାନାରେ ମାତ୍ର ୫୫ ବୟସରେ ହୃଦଘାତରେ ପରଲୋକ ହୋଇଯାଇଛି। ଗତକାଲି ଗୁରୁବାର ଅପରାହ୍ନରେ ସ୍ମୃତି ଚାରଣ ସଭା ଗୋପିନାଥପୁର ସ୍ଥିତ ବାସଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସେଥିରେ ୧୯୮୪ ବ୍ୟାଚ୍ ର ସମସ୍ତ ବନ୍ଧୁ ଏକତ୍ରିତ ହୋଇ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ତାଙ୍କର ସ୍ମୃତିଚାରଣ କରିଥିଲେ। ତାଙ୍କ ପରିବାର ସ୍ତ୍ରୀ ଓ କନ୍ୟା ଏବଂ ପୁଅ ଏହି ଅବସରରେ ପ୍ରାରମ୍ଭରେ ଅମର ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ।

# ବେଆଇନ ମତ୍ସ୍ୟଡିଆଁ ଉଚ୍ଛେଦ ପାଇଁ ତହସିଲଦାରଙ୍କ ନିକଟରେ ଅଭିଯୋଗ

**ମାହାଙ୍ଗା,୨୦ା୯/ଏନ୍ଏନ୍ଏସ୍:** ମାହାଙ୍ଗା ତହସିଲ ଅଧିନ ଚାହାପଡ଼ା, ଜଳେଶ୍ୱରପୁର, ଶ୍ରୀକୃଷ୍ଣପୁର, ଉଷୁମା ପଞ୍ଚାୟତର ବିଭିନ୍ନ ଗ୍ରାମ ଦେଇ ପ୍ରବାହିତ ହେଉଥିବା ଗୋବରୀ ପାଟନାଳୀରେ ବେଆଇନଭାବେ ମତ୍ସ୍ୟଡିଆଁ ନିର୍ମାଣ ସହ ମଶୁରୀ ଜାଲ ବସାଇ ମାଛମରା ଘଟଣାକୁ ନେଇ ସ୍ଥାନୀୟ ଗ୍ରାମବାସୀ ଉଚ୍ଛେଦ ନିମନ୍ତେ ମାହାଙ୍ଗା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ବର୍ଷା ଜଳ ଯୋଗୁ ଗୋବରୀ ପାଟନାଳୀରେ ଜୁନ ମାସଠାରୁ ନଭେମ୍ବର ମାସ ପର୍ଯ୍ୟନ୍ତ ଜଳପୂର୍ଣ୍ଣ ହୋଇ ରହିଥାଏ। ଏହି ଜଳ ପ୍ରବାହିତ ହୋଇ କେନ୍ଦ୍ରାପଡ଼ା ଜିଲ୍ଲା ଦେଇ ବଙ୍ଗୋପସାଗରରେ ପଡିଥାଏ। ତେବେ ଏହି ସମୟ ମଧରେ ବିଭିନ୍ନ କିସମର ମାଛ ଜାଆଁଳ ଛାଡ଼ିବା ପାଇଁ ମତ୍ସ୍ୟଜୀବୀମାନେ ଗୋବରୀ ପାଟନାଳୀକୁ ଉଠି ଆସିଥାନ୍ତି। ଜୁଲାଇ ଓ ଅଗଷ୍ଟ ମାସରେ ମାଛ ବିହନରୁ ଜାଆଁଳ ସୃଷ୍ଟି ହୋଇଥାନ୍ତି। ତେବେ କିଛି ମାଛ ମାଫିଆ ଏବଂ ଅସାମାଜିକ ବ୍ୟକ୍ତି ଚାହାପଡ଼ା, ବରଦିଆ, କଣ୍ଟିକିଆରୀ, ଯଁକୋଟୀ, କାହ୍ନପୁର, ଉଷୁମା ଗ୍ରାମ ନିକଟରେ ଥିବା ଏହି ଗୋବରୀ ପାଟନାଳୀରେ ବେଆଇନ ଭାବେ ଶହେ ଫୁଟରୁ ଅଧିକ ଓସାର ଓ ଦୁଇ ଶହ ଫୁଟ ଲମ୍ବର ମଶୁରୀ ଜାଲ ବସାଇ ମାଛ ଜାଆଁଳଗୁଡିକୁ ମାରି ଏହାକୁ ବିକ୍ରି କରି ମାଲେ ମାଲେ ହେଉଛନ୍ତି। ଏନେଇ ବାରମ୍ବାର ତହସିଲଦାରଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିଲା। କଟକ ଜିଲ୍ଲାପାଳଙ୍କ ଅଭିଯୋଗ ପରେ ତହସିଲଦାର ଲୋକ ଦେଖାଣିଆଭାବେ କିଛି ବେଆଇନ ମାଛମରାଳିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଏବେ ଗୋବରୀ ପାଟନାଳୀରେ ମାଛ ଜାଆଁଳଗୁଡ଼ିକ ୧୦ ସେ.ମିରୁ ୧୫ ସେ.ମି ମଧରେ ହୋଇଥିବାବେଳେ ପୁନର୍ବାର ମାଛମାଫିଆମାନେ ସକ୍ରିୟ ହୋଇ ମାଛ ଜାଆଁଳକୁ ମଶୁରୀ ଜାଲ ଦ୍ୱାରା ଛାଣି ମାରି ଦେଉଥିବାରୁ ମାଛ ବଂଶ ସମୂଳେ ନାଶ ହେବାର ଆଶଙ୍କା ଦେଖାଦେଇଛି। ଏଥିନେଇ ଆଜି ମାହାଙ୍ଗା ତହସିଲଦାରଙ୍କ ନିକଟରେ ଜଳେଶ୍ୱରପୁର, ଶ୍ରୀକୃଷ୍ଣପୁର, ପଶୁଲୁଣ୍ଡା, କାହ୍ନପୁର, ଗଙ୍ଗପୁରା, ଉଷୁମା ଆଦି ଗ୍ରାମର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମାହାଙ୍ଗା ତହସିଲଦାର ସୁଶାନ୍ତ ମିଶ୍ରଙ୍କୁ ଯୋଗାଯୋଗ କରିବାରୁ ଜାଲ ବସିଥିବା ଅଞ୍ଚଳର ରାଜସ୍ୱ ନିରୀକ୍ଷକମାନଙ୍କୁ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଛି। ରିପୋର୍ଟ ଆସିବା ପରେ ବେଆଇନ ମାଛମାଫିଆଙ୍କ ବିରୁଦ୍ଧରେ ଥାନାରେ ମାମଲା ଦାଏର୍ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଓମ୍ ଶ୍ରୀରାମ ଟ୍ରଷ୍ଟ ପକ୍ଷରୁ ଟେଷ୍ଟପେପର ବଣ୍ଟନ



**ସାଲେପୁର,୨୦ା୯/ଏନ୍ଏନ୍ଏସ୍:** ସାଲେପୁର ବ୍ଲକ ଅନ୍ତର୍ଗତ ସୌରୀ ପଞ୍ଚାୟତ ର ମହାସିଂପୁର ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଦଶମ ଶ୍ରେଣୀର ଆର୍ଥିକ ଦୁର୍ବଳ ମେଧାବୀ ଛାତ୍ରୀ ଶ୍ରଦ୍ଧାଞ୍ଜଳି ପତିଙ୍କ ସହିତ ଅନ୍ୟ ଦୁଇ ଜଣ ଛାତ୍ରଛାତ୍ରୀଙ୍କୁ ଓମ ଶ୍ରୀରାମ ଟ୍ରଷ୍ଟ ପକ୍ଷରୁ ଟେଷ୍ଟ ପେପର ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମ ରେ ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ସାହୁ, ଟ୍ରଷ୍ଟ ର ଅଧ୍ୟକ୍ଷ ରାମଚନ୍ଦ୍ର ପାଣି, ମୁଖ୍ୟ ଉପଦେଷ୍ଟା ଧିତନ ଷଡ଼ଙ୍ଗୀ, ଶେଖ ସାମସୁଦୀନ, ସହକାରୀ ଶିକ୍ଷକ ନିରାକାର ବିଶ୍ୱାସ, ପ୍ରତାପ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରାହ୍ମଣଝରିଲୋ କଲେଜରେ କର୍ମଶାଳା




**ଫୁଲନଖରା,୨୦ା୯/ଏନ୍ଏନ୍ଏସ୍:** ସଦର ଥାନା ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟରେ 'ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ନାରୀ ସଂଗ୍ରାମୀ' ଶୀର୍ଷକ ଏକ କର୍ମଶାଳା ଅଧକ୍ଷା ଶକୁନ୍ତଳା ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଛି। ଏଥିରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡଃ.ଖାରବେଳ ମହାନ୍ତି ମୁଖ୍ୟଅତିଥିରୂପେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଜ୍ଞାତ ଓ ଅଜ୍ଞାତ ନାରୀ ସଂଗ୍ରାମୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଇତିହାସ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ଏକଦିବସୀୟ କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଡଃ.ବଂଶୀଧର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ସମୀର କୁମାର ରାଉତ, ଅଧ୍ୟାପକ ମନୋରଞ୍ଜନ ମହାନ୍ତି, ଅଧ୍ୟାପକ ଅକ୍ଷୟ କୁମାର ଆଞ୍ଚଲ, ଅଧ୍ୟାପକ ଅନୀଲ କୁମାର ସାହୁ, ଅଧ୍ୟାପିକା ସ୍ୱାଗତିକା ଦାଶ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। କଲେଜ ଛାତ୍ରଛାତ୍ରୀଙ୍କୁ ଡଃ.ମହାନ୍ତି ଇତିହାସ ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ। ଏହି ଅବସରରେ ବିଭାଗର ମୁଖପତ୍ର 'ଇତିହାସ ଜର୍ଣ୍ଣାଲ' ଉନ୍ମୋଚନ ହୋଇଥିଲା। ଡଃ. ସ୍ନିଗ୍ଧା ମିତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଅଧ୍ୟାପକ ରଞ୍ଜନକୁମାର ପରିଡ଼ା ଧନ୍ୟବାଦ୍ ଦେଇଥିଲେ।

# ଷୋଡ଼ଶ ଉପଚାର ପୂଜାପଣ୍ଡା ଭାବେ ରଘୁନାଥ ଦୀକ୍ଷିତ ପରୀକ୍ଷାରେ ଉତ୍ତୀର୍ଣ୍ଣ

**କାକଟପୁର/ଅସ୍ତରଙ୍ଗ,୨୦ା୯/ଏନ୍ଏନ୍ଏସ୍:** ଆଉ କିଛି ଦିନ ପରେ ଦଶହରା। ଏହି ଅବସରରେ କାକଟପୁରବାସିନୀ ମା' ମଙ୍ଗଳାଙ୍କ ମନ୍ଦିରରେ ପାର୍ବଣ ପୂଜା ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ଏହି ଅବସରରେ ଯୁବ ସେବାୟତ ପଞ୍ଚ ଉପଚାର ପୂଜା ପଣ୍ଡାମାନଙ୍କୁ ଷୋଡ଼ଶ ଉପଚାର ପୂଜା ସମ୍ପର୍କରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇ ଉତ୍ତୀର୍ଣ୍ଣ କରାଯାଉଛି। ଏହି ଅବସରରେ ସେବକ ସାହିର ରଘୁନାଥ ଦୀକ୍ଷିତଙ୍କୁ ଷୋଡ଼ଶ ଉପଚାର ପୂଜା ପଣ୍ଡା ଭାବେ ବିବେଚିତ କରାଯାଇଛି। ଯାହାକି ଯୁବ ସେବାୟତ ପିଢ଼ି ପାଇଁ ଏହା ଏକ ନିଶ୍ଚୟ ଉଦାହରଣ। ଏହି ପୂଜା ଶିଖିବାକୁ ବର୍ଷ ବର୍ଷ ସମୟ ଲାଗିଥାଏ, ଯାହା ଆଜି ସମ୍ପୂର୍ଣ୍ଣ ହୋଇଛି। ବିଧିବଦ୍ଧ ଭାବେ ମନ୍ଦିରର ବରିଷ୍ଠ ପୂଜା ପଣ୍ଡା, ଲଳିତ କୁମାର ଦୀକ୍ଷିତ, ସର୍ବେଶ୍ୱର ପାଢ଼ୀ, ସୁବାସ ଚନ୍ଦ୍ର ପାଢ଼ୀ, ସଞ୍ଜୟ ଦୀକ୍ଷିତ, ତପନ କୁମାର ଦୀକ୍ଷିତ, ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ, ସେବାୟତ ଈଶ୍ୱର ଚନ୍ଦ୍ର ଦୀକ୍ଷିତ, ପବିତ୍ର କୁମାର ଦୀକ୍ଷିତ, ସେବକ ସମିତି ସଭାପତି ମନୋରଞ୍ଜନ ପଣ୍ଡା ପ୍ରମୁଖ ମା'ଙ୍କ ଭୋଗ ମଣ୍ଡପରେ ବସି ସ୍ୱତନ୍ତ୍ର ପରୀକ୍ଷା କରାଇଥିଲେ। ଏହି ପରୀକ୍ଷାରେ ଷୋଡ଼ଶ ଉପଚାର ପୂଜା ପଣ୍ଡା ଭାବେ ରଘୁନାଥ ଦୀକ୍ଷିତ ଉତ୍ତୀର୍ଣ୍ଣ ହୋଇଥିଲେ। ଚଳିତ ପାର୍ବଣରେ ମା' ମଙ୍ଗଳାଙ୍କ ସ୍ୱତନ୍ତ୍ର ପୂଜା ନୀତିରେ ସେ ଦାୟିତ୍ୱ ନିର୍ବାହ କରିବେ। ଉତ୍ତୀର୍ଣ୍ଣ ହେବା ପରେ ମଙ୍ଗଳା ମନ୍ଦିର ପରିସରରେ ମନ୍ଦିର ଟ୍ରଷ୍ଟି ଅଙ୍କିତା ଅନନ୍ଦିତା, କାର୍ଯ୍ୟ ନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାସ ଓ ପୂଜା ପଣ୍ଡାମାନେ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



# ଗଞ୍ଜେଇ ଜବତ, ଜଣେ ଗିରଫ

**ବାଲୁଗାଁ,୨୦ା୯/ଏନ୍ଏନ୍ଏସ୍:** ବାଲୁଗାଁ ଅବକାରୀ ବିଭାଗ ଶୁକ୍ରବାର ଚଢ଼ଉ କରି ଚିଲିକା କୂଳରୁ ଗଞ୍ଜେଇ ଜବତ ସହ ସମ୍ପୃକ୍ତ ବ୍ୟବସାୟୀ କୃଷ୍ଣ ଦାସକୁ ଗିରଫ କରିଛି। ପ୍ରକାଶ ଯେ, ବାଲୁଗାଁ ଚିଲିକା କୂଳରେ ବିଭିନ୍ନ ପ୍ରକାର ନିଶା କାରବାର ହେଉଥିବା ନେଇ ଅଭିଯୋଗ ହେଉଥିଲା। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲ୍ଲା ଅବକାରୀ ନିରୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ବାଲୁଗାଁ ଅବକାରୀ ଅଧିକାରୀ ସ୍ମିତା ପଣ୍ଡା ସଦଳେବେଳେ ବୁଧବାର ଚିଲିକାକୂଳ ଅଞ୍ଚଳରେ ଚଢ଼ଉ କରିଥିଲେ। ବେଆଇନ କାରବାରରେ ଲିପ୍ତ କୃଷ୍ଣ ଦାସଠାରୁ ୪କିଲୋ ୧୫୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏ ନେଇ ବିଭାଗ ପକ୍ଷରୁ କେସ୍ ନଂ-୧୩୩/୨୪ରେ ଏକ ମାମଲା ରୁଜୁ ହୋଇଛି। ଅପରାହ୍ନରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।



# ସାମାଜିକ କର୍ମୀଙ୍କ ପରଲୋକ

**କଣ୍ଟିଲୋ,୨୦ା୯/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବ୍ଲକ ଅଧିନ କଣ୍ଟିଲୋ ପଞ୍ଚାୟତ ମଝିସାହିପାଟଣାର ଜନୈକ ସାମାଜିକ କର୍ମୀ ବେଣୁଧର ସାହୁ(୭୬)ଙ୍କର ତାଙ୍କ ବାସ ଭବନରେ ଗୁରୁବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ହେଲା ପକ୍ଷାଘାତ ରୋଗରେ ପୀଡ଼ିତ ଥିଲେ। ସ୍ୱର୍ଗତ ସାହୁ ଜଣେ ସରଳ, ଧର୍ମ ପରାୟଣ ଓ ବନ୍ଧୁବତ୍ସଳ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମର ଶରୀରକୁ ସ୍ଥାନୀୟ ମହାନଦୀ କୂଳ ତଥା ମହିମା ଆଶ୍ରମ ସମ୍ମୁଖ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏକ ମାତ୍ର ପୁଅ ସନ୍ତୋଷ(କୁନା) ମୁଖାଗ୍ନି ଦେଇଥିଲେ। ସେହିପରି ସ୍ଥାନୀୟ ଛାମୁ ପାଟଣା ଗ୍ରାମର ଜନୈକା ମହିଳା ସୁବର୍ଣ୍ଣ ଦାସ ଆଜି ବାର୍ଦ୍ଧକ୍ୟଜନିତ ରୋଗରେ ମୃତ୍ୟୁବରଣ କରିଥିବା ଜଣାଯାଇଛି। ତାଙ୍କୁ ନିକଟସ୍ଥ ଶ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ପୁଅ ମାନସ ମୁଖାଗ୍ନି ଦେଇଥିଲେ।

# ମହାନଦୀରେ ଭାସିଯାଉଥିବା ବଙ୍ଗୀୟ ପର୍ଯ୍ୟଟକଙ୍କୁ ଉଦ୍ଧାର କଲେ ଯୁବକ

**କଣ୍ଟିଲୋ,୨୦ା୯/ଏନ୍ଏନ୍ଏସ୍:** ମହାନଦୀରେ ଭାସିଯାଉଥିଲାବେଳେ ଜଣେ ବଙ୍ଗୀୟ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଛନ୍ତି ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ। ଜଗନ୍ନାଥ ସଂସ୍କୃତିର ଆଦି ଦେବତା ଭାବେ ପରିଚିତ କଣ୍ଟିଲୋସ୍ଥିତ ଶ୍ରୀ ନୀଳମାଧବଜିଉଙ୍କ ଦର୍ଶନ ନିମନ୍ତେ ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକମାନେ ବର୍ଷର ପ୍ରାୟ ସବୁ ସମୟରେ ନୀଳମାଧବ ପୀଠକୁ ଆସିଥାନ୍ତି। ବିଶେଷ କରି ସୁଦୂର ପଶ୍ଚିମବଙ୍ଗରୁ ପ୍ରାୟ ସବୁ ସମୟରେ ବଙ୍ଗୀୟ ପର୍ଯ୍ୟଟକମାନେ ଏଠାକୁ ଆସିଥାନ୍ତି। ଏ ପରିପ୍ରେକ୍ଷୀରେ ଆଜି ଶୁକ୍ରବାର ସକାଳୁ ୩ଟି ଯାତ୍ରୀବାହୀ ବସ ଯୋଗେ ପ୍ରାୟ ଏକ ଶହରୁ ଉର୍ଦ୍ଧ୍ୱ ପୂର୍ବ ମେଦିନାପୁରରୁ ବଙ୍ଗୀୟ ଯାତ୍ରୀମାନେ କଣ୍ଟିଲୋ ଫାଣ୍ଡି ନିକଟ ମାଘମେଳା ପଡ଼ିଆ ପାର୍କିଂ ସ୍ଥଳରେ ପହଞ୍ଚିଥିଲେ। ତେବେ ଡବ୍ଲ୍ୟୁବି ୧୧ବି-୯୭୯୮ ଡଲଫିନ୍ ବସରେ ଆସିଥିବା ଚନ୍ଦ୍ରକାନ୍ତ ମାଇଁତି(୫୬) ଓ ତାଙ୍କ ପନ୍ନୀ ବେଲା ମାଇଁତି(୫୨) ଅନ୍ୟମାନଙ୍କ ସହ ନିକଟସ୍ଥ ମହିମା ଆଶ୍ରମ ସମ୍ମୁଖ ମହାନଦୀ ଘାଟକୁ ସ୍ନାନ ଶୌଚାଦି ନିମନ୍ତେ ଯାଇଥିଲେ। ସମ୍ପ୍ରତି ମହାନଦୀର ପ୍ରଖର ସ୍ରୋତ ସମ୍ପର୍କରେ ଅବଗତ ନ ହୋଇ ସ୍ନାନ କରୁଥିବା ସମୟରେ ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ନଦୀ ସ୍ରୋତରେ ଭାସି ଯାଇଥିଲେ। ନିକଟରେ ଗାଧୋଉଥିବା ସ୍ଥାନୀୟ ଫକୀର ଅତବୁଦ୍ଧି ପାଟଣା ଗ୍ରାମର ଯୁବକ ସରୋଜ ନଦୀ ମଧ୍ୟକୁ ପହଁରି ମହିଳା ଜଣଙ୍କୁ ଉଦ୍ଧାର ପାଇଁ ପ୍ରୟାସ କରୁଥିବା ବେଳେ ବେଲାଙ୍କ ସ୍ୱାମୀ ମଧ ପତ୍ନୀଙ୍କୁ ଉଦ୍ଧାର ପାଇଁ ନଦୀ ସମ୍ପର୍କରେ କିଛି ନଜାଣି ନଦୀ ମଧ୍ୟକୁ ପସିଯାଇ ସେ ମଧ ସ୍ରୋତର ଭାସିଯାଇଥିଲେ। ତେବେ ସରୋଜ ମହିଳା ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ତାଙ୍କୁ ନଦୀକୂଳରେ ଛାଡି ସଙ୍ଗେ ସଙ୍ଗେ ଚନ୍ଦ୍ରକାନ୍ତଙ୍କୁ ଉଦ୍ଧାର ପାଇଁ ନଦୀ ମଧକୁ ଡେଇଁ ପଡିଥିଲେ। ସେତେବେଳକୁ ଚନ୍ଦ୍ରକାନ୍ତ ନଦୀର ପ୍ରଖର ସ୍ରୋତର ଅନେକ ବାଟ ଭାସି ଯାଉଥିବା ବେଳେ ସରୋଜ ତାଙ୍କୁ ମଧ ଉଦ୍ଧାର କରିବାରେ ସଫଳ ହୋଇଥିଲେ।



# ଜନଶିକ୍ଷଣ ସଂସ୍ଥାନ ଦ୍ୱାରା ପି.ଏମ୍. ବିଶ୍ୱକର୍ମା ଯୋଜନାର ୧ବର୍ଷ ପୂର୍ତ୍ତି ପାଳିତ




**କଣାସ,୨୦ା୯/ଏନ୍ଏନ୍ଏସ୍:** ଭାରତ ସରକାରଙ୍କ ଦକ୍ଷତା ବିକାଶ ଉଦ୍ୟମିତା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ପୁରୀ ଜିଲ୍ଲାରେ ପ୍ରତିଷ୍ଠିତ ଶିକ୍ଷା ଅନୁଷ୍ଠାନ ଜନଶିକ୍ଷଣ ସଂସ୍ଥାନ ତରଫରୁ ପି.ଏମ୍ ବିଶ୍ୱକର୍ମା ଯୋଜନାର ୧ବର୍ଷ ପୂର୍ତ୍ତି ପାଳିତ ହୋଇଯାଇଛି। କଣାସ ବ୍ଲକ ସ୍ଥିତ ଦୟାବିହାରଠାରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ଆଜି ପ୍ରତିଷ୍ଠାନର ଅଧକ୍ଷ କସ୍ତୁରୀଚରଣ ଚମ୍ପତିଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଜିଲ୍ଲାର ଏଜୁକୁଟିଭି ପ୍ରୋଜେକ୍ଟ ଅଫିସ୍‌ର ସୁବାସ ଚନ୍ଦ୍ର ବେହେରା, ଏଲ.ଡି.ଏମ୍ କିଶୋର କୁମାର ଆଚାର୍ଯ୍ୟ, କଣାସ ଭାରତୀୟ ଶାଖା ପରିଚାଳକ, ମ୍ୟାନେଜର ବ୍ୟାଙ୍କ ଅଫ୍ ବରଦା ପୁରୀ, ଜେ.ଏସ୍.ଏସ୍ ଅଧକ୍ଷ ଜ୍ଞାନବିକାଶ ଗଜେନ୍ଦ୍ର, ଶିକ୍ଷାବିତ୍ ସୁଦର୍ଶନ ପରିଡ଼ା ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ପି.ଏମ୍ ବିଶ୍ୱକର୍ମା ଯୋଜନା ସମ୍ପର୍କରେ ବୁଝାଇଥିଲେ। ଏହି ଉତ୍ସବରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ବିଶ୍ୱକର୍ମା ଯୋଜନାରେ ଅର୍ନ୍ତଭୁକ୍ତ ଥିବା ୩୫୭ଜଣ ହିତାଧିକାରୀ ଯୋଗଦେଇଥିଲେ। ପି.ଏମ୍ ବିଶ୍ୱକର୍ମା ଯୋଜନାରେ ୫ଦିନିଆ ମୌଳିକ ତାଲିମ୍ ନେଇଥିବା ୧୯୫ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧରେ ୧୫୪ ଜଣ ରାଜମିସ୍ତ୍ରୀ, ୪୧ଜଣ ସିଲେଇ କାରିଗର ଥିଲେ। ରାଷ୍ଟ୍ରୀୟ କୌଶଳ ବିକାଶ ନିଗମ ଏନ.ଏସ୍.ଡି.ସି ଅଧିକାରୀ ସୁଜାତା ସାହୁ ଉପସ୍ଥିତ ରହିଥିଲେ। ଏହି ଅବସରରେ ଟୁଲ୍‌କିଟ୍ ପ୍ରଦର୍ଶିତ କରାଯାଇଥିଲା। ଜିଲ୍ଲାର ୧୦ଜଣ ସଫଳ ହିତାଧିକାରୀଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର କର୍ମଚାରୀ କିଶୋର ହାତୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# କୋର୍ଟ ଆଦେଶ ପରେ ରମାଦେବୀଙ୍କୁ ସ୍ୱାଗତ



**ଡେଲାଙ୍ଗ,୨୦।୯/ଏନ୍ଏନ୍ଏସ୍:** ଡେଲାଙ୍ଗ ବ୍ଲକ ଅଧକ୍ଷା ତଥା ହରିରାଜପୁର ପଞ୍ଚାୟତର ସମିତି ସଭ୍ୟା ବାସନ୍ତୀ ସାହୁଙ୍କ ପଦବୀକୁ ଗୁରୁବାର ପିପିଲି ସିଭିଲ ଜଜ୍ ସିନିୟର ଡିଭିଜନ ଅସିଦ୍ଧ ଘୋଷଣା କରିଛନ୍ତି। ଅନ୍ୟପଟେ ଅଧକ୍ଷା ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଡେଲାଙ୍ଗ କୋଠବାଡ଼ ପଞ୍ଚାୟତର ସମିତି ସଭ୍ୟା ରମାଦେବୀ ରାଉତରାୟଙ୍କୁ ନୂତନ ଡେଲାଙ୍ଗ ବ୍ଲକ ଅଧକ୍ଷା ଭାବେ କୋର୍ଟ ଗୁରୁବାର ଘୋଷଣା କରିଛନ୍ତି। ଏନେଇ ଶୁକ୍ରବାର ଡେଲାଙ୍ଗ ବ୍ଲକର ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ସ୍ୱାଗତ ସଭାର ଆୟୋଜନ କରାଯାଇଥିଲା। ଶ୍ରୀମତୀ ରାଉତରାୟ, ସମିତିସଭ୍ୟ ପ୍ରଭାତ କୁମାର ଜେନା, ରିତାଞ୍ଜଳୀ ପ୍ରଧାନ, ରାଜଲକ୍ଷ୍ମୀ ବେହେରା,ସ୍ୱର୍ଣ୍ଣଲତା ନାୟକ,ସରପଞ୍ଚ ଶେଷଦେବ ବାରିକ, ପୂର୍ବତନ ସରପଞ୍ଚ ଦୁର୍ଗାଚରଣ ରାଉତରାୟ ପ୍ରମୁଖ ସଭାରେ ଅଂଶଗ୍ରହଣ କରିଥିଲେ। ବ୍ଲକରେ ବିଡିଓ ଅନୁପସ୍ଥିତ ଯୋଗୁ କୋର୍ଟଙ୍କ ଆଦେଶନାମାକୁ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଦେଇଥିଲେ। ଆସନ୍ତା କାଲି ବିଡିଓ ଏହି ଆଦେଶନାମା ଦେବା ପରେ ଅଧକ୍ଷା ଭାବେ ଦାୟିତ୍ୱ ନେବେ ବୋଲି ରମାଦେବୀ ସୂଚନା ଦେଇଛନ୍ତି।

# ପ୍ରସୂତିଙ୍କୁ ଚିକିତ୍ସା ନ କରି ତଡ଼ିଦେଲେ ଡାକ୍ତର




**ଓଡ଼ଗାଁ,୨୦।୯/ଏନ୍ଏନ୍ଏସ୍:** ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ପ୍ରସୂତି ମହିଳାଙ୍କୁ ତଡ଼ି ଦେଇଥିବା ଅଭିଯୋଗ ହୋଇଛି। ପ୍ରସୂତି ବେଦନାରେ ମହିଳା ଜଣକ ଛଟପଟ ହେଉଥିଲେ ମଧ ଡାକ୍ତର ଏଥିପ୍ରତି କର୍ଣ୍ଣପାତ କରିନଥିଲେ।

ଅଭିଯୋଗ ଅନୁଯାୟୀ ଶୁକ୍ରବାର ଅପରାହ୍ନରେ ଓଡ଼ଗାଁ ଏନ୍ଏସି ଜାରିଙ୍ଗି ଅଞ୍ଚଳର ପ୍ରସୂତି ମହିଳା ଜିତେନ୍ଦ୍ର ନାୟକଙ୍କ ସ୍ତ୍ରୀ ରଶ୍ମିତା ନାୟକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ସେ ଯନ୍ତ୍ରଣାରେ ଛଟପଟ ହେଉଥିଲେ ମଧ ଡ଼ାକ୍ତର ବୈଜୟନ୍ତୀ ଜେନା ରୋଗୀଙ୍କୁ ନ ଦେଖି ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରି ଦେଇଥିଲେ। ଏନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ରୋଗୀଙ୍କ ସମ୍ପର୍କୀୟଙ୍କ କହିବା କଥା, ଆମେ ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବାପରେ ଡାକ୍ତର ରୋଗୀଙ୍କୁ ନଦେଖି ନୟାଗଡ଼ ନେଇଯାଅ ବୋଲି କହିଥିଲେ। ଆମେ ବାରମ୍ବାର ଗୁହାରି କରିଥିଲେ ମଧ ସେ କିଛି ବି ଶୁଣିନଥିଲେ ବରଂ ନିଆଁବାଣ ହୋଇ ଇଆଡୁ ସିଆଡୁ କହିଥିଲେ। ବାଧହୋଇ ଆମେ ୧୦୮ ଆମ୍ବୁଲାନ୍ସ ଡାକିଥିଲୁ ବୋଲି କହିଛନ୍ତି। ଏପଟେ ଡାକ୍ତର ଶ୍ରୀମତୀ ଜେନାଙ୍କୁ ପଚାରିବାପରେ ସେ କହିଛନ୍ତି ଯେ ପ୍ରସୂତି ମହିଳାଙ୍କୁ ୧୦୮ ଆମ୍ବୁଲାନ୍ସରୁ କାଢ଼ି ଚିକିତ୍ସାପାଇଁ ନିଆଯାଇଥିଲା। ପ୍ରତିଦିନ ଡାକ୍ତର ଶ୍ରୀମତୀ ଜେନା କିଛି ନା କିଛି ରୋଗୀଙ୍କୁ ନାନାଦି ପ୍ରକାର କଥାକହି ଗାଳିକରୁଥିବା ଅଭିଯୋଗ ହେଉଛି। ଏପଟେ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀ ଅଭାବ ଲାଗି ରହିଥିବାରୁ ସମସ୍ୟା ସୃଷ୍ଟି ହୋଇଥିବା କିଛି କର୍ମଚାରୀ କହିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ନୀଳାଞ୍ଜନ ଦାଶ ଛୁଟିରେ ଅଛନ୍ତି। ତାଙ୍କୁ ଫୋନ୍ କରିବାରୁ ଘଟଣା ସମ୍ପର୍କରେ ବୁଝିବି ବୋଲି କହିଛନ୍ତି।

# ଗୁଳିକାଣ୍ଡ ଘଟଣାକୁ ପାଞ୍ଚଦିନ ବିତିଲା, ପୁଲିସ ହାତ ଖାଲି

**ନୟାହାଟ,୨୦।୯/ଏନ୍ଏନ୍ଏସ୍:** କୁଣ୍ଢେଇହାଟ ଗୁଳିକାଣ୍ଡ ଘଟଣାକୁ ପାଞ୍ଚ ଦିନ ବିତିଯାଇଥିବା ବେଳେ ଏବେ ବି ପୁଲିସ ହାତ ଖାଲି। ସୁନା ବ୍ୟବସାୟ ନିରଞ୍ଜନ ସାହୁଙ୍କୁ ୨ ଜଣ ଯୁବକ ହତ୍ୟା ଉଦ୍ୟମ ରଖି ଗୁଳି ମାରିଥିଲେ। ଶ୍ରୀ ସାହୁ ସୌଭାଗ୍ୟବଶତଃ ଜୀବିତ ଥାଇ ଚିକିତ୍ସାଧିନ ଅଛନ୍ତି। ଶ୍ରୀ ସାହୁଙ୍କ ଦୋକାନରୁ ସୁନା ଜିନିଷ ଲୁଟ୍ ହୋଇନଥିବାବେଳେ ତାଙ୍କୁ ଗୁଳି ମାଡ଼ ପଛରେ କାହାର ହାତ ଅଛି ବୋଲି ପୁଲିସ ଘଟଣାର ଛାନ୍‌ବିନ୍ ଚଳାଇଥିବାବେଳେ ଅଦ୍ୟାବଧି ପୁଲିସ ହାତରେ ମୁଖ୍ୟ ଅଭିଯୁକ୍ତକୁ ଧରିବାରେ ବିଫଳ ହୋଇଛି। ନୟାହାଟ ଅଞ୍ଚଳ ଏକ ଅପରାଧୀଙ୍କ ଆଡାସ୍ଥଳୀ ପାଲଟିଥିବା ବେଳେ ଗୁଳି କାଣ୍ଡ ଘଟଣାରେ ସୁଜାଗଡ଼ (କ )ଗ୍ରାମରୁ କାର, ସୁନା, ଟଙ୍କା ଜବତ ଓ ଜଣେ ସନ୍ଦେହରେ ଅଟକ ରହିବା ଘଟଣା ୫ ଦିନ ବିତିଯାଇଥିଲେ ମଧ ଅନ୍ୟ ଅଭିଯୁକ୍ତମାନଙ୍କ ସମ୍ପର୍କରେ ପୁଲିସ ଟେର୍ ପାଉନି। କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଅପରାଧ ଘଟାଇ ନୟାହାଟଠାରୁ ଚାରିପଟୁ ରାସ୍ତା ଥିବାରୁ ଅପରାଧୀମାନେ ଖସିଯାଉଛନ୍ତି। ଏହି ନିକଟରେ ନୟାହାଟ ଫାଣ୍ଡି ଅଧିକାରୀଙ୍କ ବଦଳି ହେଇଥିବାବେଳେ ତାଙ୍କ ସ୍ଥାନରେ ପୁରୀ ଟାଉନ୍ ଥାନାର ଅଶୋକ ବେହେରା ଆଦ୍ୟାବଧି ଦାୟିତ୍ୱ ଗ୍ରହଣ କରିନାହାନ୍ତି। ନୟାହାଟ ଅଞ୍ଚଳରେ ପାଟ୍ରୋଲିଙ୍ଗ ସେବା ଠପ୍ ଥିବାବେଳେ ଅପରାଧୀମାନଙ୍କୁ ଖସିଯିବାରେ ସୁବିଧା ହେଉଛି।

# ନିରତାରରେ ଆଲୋଚନାଚକ୍ର



**କଣ୍ଟାପଡ଼ା,୨୦।୯/ଏନ୍ଏନ୍ଏସ୍:** କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଓଲଟପୁରଠାରେ ଥିବା ଏସଭି ନିରତାରରେ 'ସାଧାରଣ ଲୋକଙ୍କ ପାଇଁ ପ୍ରଯୁକ୍ତି ବିଦ୍ୟା'ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଦି ଓଡ଼ିଶା ବିଜ୍ଞାନ ମଣ୍ଡଳ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିରତାର ନିର୍ଦ୍ଦେଶକ ଡାକ୍ତର ପତିତପାବନ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ। ଡ଼ଃ.ଗୌରୀଶଙ୍କର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମୁଖ୍ୟଅତିଥିଭାବେ ଯୋଗଦେଇ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଡାକ୍ତର ନୀଳମାଧବ ରଥ, ସଞ୍ଜୟ କୁମାର ପଟ୍ଟନାୟକ, ଡାକ୍ତର ଆୟୁଷୀ ଗୋୟଲ, ଡାକ୍ତର ଆରାଧନା ଚାନ୍ଦେଲ, ଡାକ୍ତର ନାରାୟଣ ମହାନ୍ତି, ଅଧାପକ ବିଜୟକୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ହେମନ୍ତ ବେହେରା, ସଂଗ୍ରାମ ସାହୁ, ତପନ କୁମାର ପୃଷ୍ଟି, ଆର୍ଯ୍ୟକୁମାର ଶର୍ମା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଅଧାପକ ମନୋରଞ୍ଜନ ମହାନ୍ତି ଧନ୍ୟବାଦ୍ ଦେଇଥିଲେ।

# ମାଙ୍କଡ଼ ଆକ୍ରମଣରେ ବୃଦ୍ଧ ଗୁରୁତର



**ଚାନ୍ଦପୁର,୨୦।୯/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ପାରିଓରଡ଼ ଗ୍ରାମରେ ଦେଖାଦେଇଛି ପାଗଳ ମାଙ୍କଡ଼ର ଆତଙ୍କ। ପାଦରେ ଚାଲି ଚାଲି ଯାଉଥିବା ଜଣେ ବୃଦ୍ଧଙ୍କୁ ଆକ୍ରମଣ କରିଛି। ମାଙ୍କଡ଼ ଆକ୍ରମଣରେ ବୃଦ୍ଧଙ୍କର କାନ ଛିଣ୍ଡିଯାଇଛି। ଗୁରୁତର ଅବସ୍ଥାରେ ବୃଦ୍ଧଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁତର ବୃଦ୍ଧ ହେଲେ ନୃସିଂହ ଦାଶ (୭୫)। ଘର ଓରଡ଼ ଗ୍ରାମରେ ବୋଲି ଜଣାପଡ଼ିଛି। ଗତ ଦୁଇ ଦିନରେ ୬ରୁ ଅଧିକ ବ୍ୟକ୍ତି ମାଙ୍କଡ଼ ଆକ୍ରମଣର ଶିକାର ହୋଇଛନ୍ତି। ଲୋକେ ଟାଙ୍ଗୀ ବନ ବିଭାଗକୁ ଜଣାଇଥିଲେ ମଧ ସୁଫଳ ମିଳୁନାହିଁ। ତୁରନ୍ତ ବନ ବିଭାଗ ମାଙ୍କଡ଼କୁ ଉଦ୍ଧାର କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଦଶପଲ୍ଲା ପୁଲିସକୁ ବଡ଼ ସଫଳତା: ୩୧ ଚୋରା ବାଇକ୍ ଉଦ୍ଧାର





**ଦଶପଲ୍ଲା,୨୦।୯/ଏନ୍ଏନ୍ଏସ୍:** ଦଶପଲ୍ଲା ଅଞ୍ଚଳରେ ବାଇକ ଚୋରି ବଢ଼ି ଚାଲିଥିବା ବେଳେ ଦଶପଲ୍ଲା ପୁଲିସ ଏହାର ବଡ଼ ପର୍ଦ୍ଦାଫାସ୍ କରିବା ସହ ୩୧ଟି ଚୋରା ବାଇକ ଉଦ୍ଧାର କରିଛି। ସୂଚନା ଅନୁଯାୟୀ ଚଳିତ ମାସ ୧୩ ତାରିଖ ଦିନ ଦଶପଲ୍ଲା ଅଞ୍ଚଳରୁ ଦୁଇ ବାଇକ୍ ଚୋରକୁ ଧରି ସେମାନଙ୍କଠାରୁ ୩ଟି ବାଇକ ଜବତ ସହ ସେମାନଙ୍କୁ କୋର୍ଟ ଫରୱାର୍ଡ଼ କରିଥିଲା। ସେମାନଙ୍କଠାରୁ ଏହି ଚୋରା ବାଇକ୍‌ର ରାକେଟ ସମ୍ପର୍କରେ ଗୁପ୍ତ ତଥ୍ୟ ପାଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜ୍ୟୋନ୍‌ଙ୍କ ନିର୍ଦ୍ଦେଶକ୍ରମେ ଓ ଦଶପଲ୍ଲା ଥାନା ଅଧିକାରୀ ମୁକେଶ ବେହେରାଙ୍କ ତତ୍ତ୍ୱାବଧାନରେ ଦୁଇ ଦଳୀୟ ଟିମ୍ ଗଠନ କରି କନ୍ଧମାଳ ଜିଲ୍ଲା ବାଲିଗୁଡା ଅଞ୍ଚଳରେ ପହଞ୍ଚି ଚଢଉ କରିଥିଲେ। ସେଠାରୁ ଦୁଇ ଜଣଙ୍କୁ ଗିରଫ ସହ ସେମାନଙ୍କ ଦ୍ୱାରା ବିକ୍ରି କରାଯାଇ ଥିବା ୩୧ଟି ବାଇକ୍ ଜବତ କରିବାରେ ପୁଲିସ ସଫଳ ହୋଇଛି। ଅଭିଯୁକ୍ତ ଦ୍ୱୟ ହେଲେ ଦଶପଲ୍ଲା ବିଜ୍ଞପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୧୦ ନମ୍ବର୍ ୱାର୍ଡ଼ର ଅଜୟ ନାୟକ (୪୨) ଓ ତାଙ୍କ ସ୍ତ୍ରୀ ପ୍ରିୟଙ୍କା ନାୟକ (୩୫)ବୋଲି ଜଣାପଡ଼ିଛି। ଏମାନେ ବିଭିନ୍ନ ଜିଲ୍ଲାରୁ ଚୋରା ବାଇକ ଆଣି ବାଲିଗୁଡ଼ା ଅଞ୍ଚଳରେ ବିକ୍ରି କରୁଥିଲେ। ଏହି ଘଟଣାରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଓ ଏସ୍‌ଡିପିଓ ଦଶପଲ୍ଲା ଥାନାରେ ପହଞ୍ଚି ଏକ ସାମ୍ବାଦିକ ସମ୍ମିଳନୀ କରିବା ସହ ଆଗାମୀ ଦିନରେ ଚୋରି ହୋଇଥିବା ବାଇକ୍‌ର ମାଲିକମାନେ ଥାନାରେ ଅଭିଯୋଗ କରିବା ପରେ ଏକ ବାଇକ ମେଳା କରି ବାଇକ୍ ଫେରାଇ ଦିଆଯିବ ବୋଲି କହିଛନ୍ତି। ପ୍ରତ୍ୟେକ ପରିବାର ନିଜ ନିଜ ଘରେ ସିସିଟିଭି ଲଗାଇବାକୁ ଅନୁରୋଧ କରିଛନ୍ତି। ଏହି ଘଟଣାରେ ନୟାଗଡ଼ ପୁଲିସ୍ ପକ୍ଷରୁ ଧୀରେନ୍ଦ୍ର ସେଲ୍‌ଙ୍କ ନେତୃତ୍ୱରେ ଶିବାନନ୍ଦ ରଞ୍ଜନ ସିଙ୍ଗା, ଦିଲ୍ଲୀପ ବେହେରା, ଲକ୍ଷ୍ମୀକାନ୍ତ ବରାଳ ସାମିଲ ହୋଇଥିବାବେଳେ ଦଶପଲ୍ଲା ଥାନାରୁ ଧୀରେନ୍ଦ୍ର ପାତ୍ର, ପ୍ରଦୀପ କୁମାର ସାହୁ, ରଞ୍ଜନ ଦଳେଇ, ପଙ୍କଜ ନାଏକ ପ୍ରମୁଖ ସାମିଲ ହୋଇ ଚଢ଼ଉ କରିଥିଲେ। ଏହି ଘଟଣାରେ ପୁଲିସ କେସ୍ ନଂ-୨୩୦/୨୪ରେ ଏକ ମାମଲା ରୁଜୁ କରି ଅଧିକ ଅନୁସନ୍ଧାନ ଜାରିରଖିଛି।

# ସିରିଜ୍ ଚୋରି, ଜଣେ ଅଟକ

**ବଲଙ୍ଗା,୨୦।୯/ଏନ୍ଏନ୍ଏସ୍:** ଗୁରୁବାର ବିଳମ୍ବିତ ରାତିରେ ବଲଙ୍ଗା ଥାନା ଅନ୍ତର୍ଗତ ତରେବାଇ, ତେରହଳ, ଗୋପୀନାଥପୁର, ଖିରିଖିଆ, ତୋଟାପଡା, ଜୁଣୁପୁର ଏହି ସବୁ ଗ୍ରାମର ତେଜରାତି ଦୋକାନରୁ ସିରିଜ୍ ଚୋରି ହୋଇଥିବା ନେଇ ବଲଙ୍ଗା ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ ତରେବାଇ ଗ୍ରାମର ସନାତନ ସ୍ୱାଇଁ, ତେରହଳ ଗ୍ରାମର ବିହାରୀ ସେନାପତି, ଗୋପୀନାଥପୁର ଗ୍ରାମର ନକୁଳ ସାହୁ, ଖିରିଖିଆ ଗ୍ରାମର ଜଳେନ୍ଦ୍ର ସେଠୀ, ତୋଟାପଡା ଗ୍ରାମର ଦିବାକର ସ୍ୱାଇଁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଗତକାଲି ବିଳମ୍ବିତ ରାତିରେ ସମସ୍ତ ଦୋକାନୀ ଦୋକାନ ବନ୍ଦକରି ଘରକୁ ଯାଇଥିଲେ। ତା' ପରଦିନ ଦୋକାନକୁ ଆସି ଦେଖନ୍ତି ଯେ ସମସ୍ତଙ୍କ ଦୋକାନ ତାଲା ଭଙ୍ଗାଯାଇ ଦୋକାନରେ ଥିବା ଆସବାବପତ୍ର ଓ ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ସେହିପରି ଚାରି ଛକ ଥାନା ଅଧିନ ଜୁଣୁପୁର ଗ୍ରାମର ରବୀନ୍ଦ୍ର ଜେନା ବଲଙ୍ଗା ବଜାରକୁ ଆସି ହୋଟେଲରେ ଖାଉଥିବା ବେଳେ ତାଙ୍କର ମୋଟର ସାଇକେଲ ଓଡି ୦୫ ଏସ ୦୩୨୪କୁ କୌଣସି ଦୁର୍ବୃତ୍ତ ନେଇଯାଇଥିବା ବଲଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ବଲଙ୍ଗା ପୁଲିସ ଅଭିଯୋଗ ପାଇବା ପରେ ବଲଙ୍ଗା ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡା ଘଟଣାକୁ ଗୁରୁତର ସହ ନେଇ ୬ଟି ମାମଲା ୨୫୮/୨୪, ୨୫୯/୨୪, ୨୬୦, ୨୬୨, ୨୬୨, ୨୬୩/୨୪ ରୁଜୁ କରି ଜଣେ ଅଭିଯୁକ୍ତକୁ ଗିରଫ କରି ଥାନାରେ ଅଟକ ରଖିଥିବା ନେଇ ବଲଙ୍ଗା ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

# ଜନାବ ହାଜି ସେଖ ଅବଦୁଲ ହାଫିଜଙ୍କୁ ବିଦାୟ ସମ୍ବର୍ଦ୍ଧନା



**ଅସ୍ତରଙ୍ଗ,୨୦।୯/ଏନ୍ଏନ୍ଏସ୍:** କାକଟପୁର ଥାନା ଖାନପୁର ଗ୍ରାମରେ ମସଜିଦ୍‌ର ଇମାମ ଜନାବ ହାଜି ସେଖ ଅବଦୁଲ ହାଫିଜ ଶୁକ୍ରବାର ଦିନ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ସେ ଏହି ମସଜିଦରେ ୩୮ ବର୍ଷ ନିଷ୍ଠାପର ଭାବେ କାର୍ଯ୍ୟ ତୁଲାଉଥିଲେ। କାର୍ଯ୍ୟକ୍ରମରେ (ଏସିଏସ)ର ସଭାପତି ମୁନସଫ ଖାଁଙ୍କ ନେତୃତ୍ୱରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦାୟ କାଳୀନ ସମ୍ବର୍ଦ୍ଧନାରେ ଇମାମ ଜନାବ ହାଜି ସେଖ ଅବଦୁଲ ହାଫିଜ ଜଣେ ନିଷ୍ଠାପର, ଧର୍ମପରାୟଣ , ପରୋପକାରୀ ଓ ଗ୍ରାମ ପାଇଁ ତାଙ୍କର ସେବା ଯୋଗାଇ ଦେଉଥିଲେ ବୋଲି ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ଗ୍ରାମର ସମସ୍ତ ବରିଷ୍ଠ ବ୍ୟକ୍ତି ବିଶେଷଙ୍କ ସହିତ ଯୁବକ, କୁନି କୁନି ପିଲା ଉପସ୍ଥିତ ରହି ପୁଷ୍ପମାଲ୍ୟ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ (ଏସିଏସ୍)ର ସାଧାରଣ ସମ୍ପାଦକ ରିହାନ ଖାଁଙ୍କ ସହିତ ଗ୍ରାମର ମୁଜାହିତ, ଏଜାଜ ଅହମ୍ମଦ, କଲାମ, ମିନହାଜ ହାଫିଜ, ସବୀର ଖାନ୍, ଫିରଜ, ମେହେବୁବୁ, ସଲାଉଦିନ, ଫେସଲ୍, ସୋବାଲ, ମୁସ୍ତାକିମ ନେସାରୁଲୁ, ଆମଯଦ, ଓସିମ, ହମିଦ୍, ଅହମଦୁନୁ, ଟୁକୁ, ବୁଲୁ ପ୍ରମୁଖ ଅନ୍ୟାନ୍ୟ ସଭ୍ୟମାନେ ଉପସ୍ଥିତ ରହି ଇମାମ ଜନାବ ହାଜି ସେଖ ଅବଦୁଲ ହାଫିଜଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦେଇଥିଲେ।

# ଶାନ୍ତିଶୃଙ୍ଖଳାର ସହିତ ଦଶହରା ପାଳନ ପାଇଁ ପ୍ରଶାସନର ନିବେଦନ



**ଆଠଗଡ଼,୨୦।୯/ଏନ୍ଏନ୍ଏସ୍:** ଶାନ୍ତି ଶୃଙ୍ଖଳାର ସହିତ ଦଶହରା ପର୍ବକୁ ପାଳନ କରିବାକୁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ସହର ତଥା ଗ୍ରାମାଞ୍ଚଳର ଅଧିବାସୀଙ୍କୁ ନିବେଦନ କରିଛି ଉପଖଣ୍ଡ ପ୍ରଶାସନ। ଏହି ଉପଲକ୍ଷେ ସ୍ଥାନୀୟ ଉପଜିଲ୍ଲାପାଳଙ୍କ ସଭାଗୃହଠାରେ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ତହସିଲଦାରଙ୍କ ବୈଠକରେ ସଂଯୋଜନା କରିଥିଲେ।

ମା'ଙ୍କର ସମସ୍ତ ପୂଜାର୍ଚ୍ଚନା ଓ ନୀତିକାନ୍ତି କରାଯିବା ସହିତ ଅକ୍ଟୋବର ୧୦ ତାରିଖରେ ପୂଜାମଣ୍ଡପରେ ସପ୍ତମୀ ଏବଂ ୧୩ ତାରିଖରେ ଦଶହରା ପୂଜା ଅନୁଷ୍ଠିତ ହେବ। ବିଶେଷକରି ୧୬ ତାରିଖରେ ହେବାକୁଥିବା ଭସାଣି କାର୍ଯ୍ୟକୁ କିଭଳି ଅଧିକ ଶାନ୍ତିଶୃଙ୍ଖଳାରେ କରାଯିବ ସେ ଦିଗରେ ଅଧିକ ଗୁରୁତ୍ୱ ଦେବାକୁ ସମସ୍ତ ପୂଜାମଣ୍ଡପ କର୍ମକର୍ତ୍ତାଙ୍କୁ ଅନୁରୋଧ କରାଯାଇଛି। ଏହାସହିତ ଉକ୍ତ ଦିନ ସମସ୍ତ ମଦ ଦୋକାନ ବନ୍ଦ ରହିବ ବୋଲି ନିର୍ଦ୍ଦେଶନାମା ମଧ ଜାରି କରାଯାଇଛି। ଦଶହରା ପର୍ବରେ ଆଇନଶୃଙ୍ଖଳା ଏବଂ ଟ୍ରାଫିକ୍ ନିୟନ୍ତ୍ରଣ, ଆଶୁ ଚିକିତ୍ସା ଏବଂ ପାନୀୟ ଜଳର ସୁ-ବ୍ୟବସ୍ଥା, ରାସ୍ତାଘାଟର ମରାମତି, ବିଦ୍ୟୁତ ସରବରାହ ସଠିକ୍ ରହିବା ଏବଂ ପରିମଳ ବ୍ୟବସ୍ଥାକୁ ସୁଚାରୁପେ ପରିଚାଳନା କରିବାକୁ ପୁଲିସ ପ୍ରଶାସନ, ଉପଖଣ୍ଡ ଚିକିତ୍ସା ବିଭାଗ, କୋଠାବାଡି ନିର୍ମାଣ ବିଭାଗ ଓ ବିଜ୍ଞାପିତ ପରିଷଦ ଅଞ୍ଚଳକୁ ଉପଜିଲ୍ଲାପାଳଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଆରକ୍ଷୀ ଅଧୀକ୍ଷକ, ଉପଖଣ୍ଡ ଚିକିତ୍ସାଳୟ ଅଧକ୍ଷ ଡା ବିଜୟ କୁମାର ମିଶ୍ର, ଏନ୍ଏସି ଅଧକ୍ଷା ସସ୍ମିତା ରାଉତ, ଆଠଗଡ଼ ଥାନା ଅଧିକାରୀ ଏବଂ ସମସ୍ତ ବଜାରର ପୂଜା କମିଟିର କର୍ତ୍ତୃପକ୍ଷ ଓ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ଶକ୍ତି ପରିଚାଳନା ଓ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ




**କୋଣାର୍କ,୨୦।୯/ଏନ୍ଏନ୍ଏସ୍:** ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଦାମୋଦର ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଶକ୍ତି ପରିଚାଳନା ଓ ସଂରକ୍ଷଣ ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀମାନେ ଶକ୍ତି ପରିଚାଳନା ଓ ସଂରକ୍ଷଣ ସମ୍ବନ୍ଧିତ ପ୍ଲାକାର୍ଡ ଧରି ଶୋଭାଯାତ୍ରା କରି ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ପରେ ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶକ୍ତି ପରିଚାଳନା ଓ ସଂରକ୍ଷଣ ଶୀର୍ଷକ ଆଲୋଚନାଚକ୍ରରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ମଞ୍ଜୁ ବାଳା ଦେଈ, କିରଣ ବାଳା ମହାନ୍ତି, ଧରିତ୍ରୀ ହୋତା, ମମତା ଭଞ୍ଜ, କାଦମ୍ବିନୀ ସେନାପତି ଓ ମନୋରମା ଦେଈ ପ୍ରମୁଖ ଶକ୍ତି ସଂରକ୍ଷଣର ଉପାଦେୟତା, ସଠିକ୍ ଭାବେ ପରିଚାଳନା ଓ ଅପବ୍ୟବହାର ରୋକିବା ଉପରେ ଛାତ୍ରୀମାନଙ୍କୁ ବିଶଦ ଭାବରେ ବୁଝାଇଥିଲେ। ଶକ୍ତି ପରିଚାଳନା ଓ ସଂରକ୍ଷଣ ସଚେତନତା ସମ୍ପର୍କରେ ବିଦ୍ୟାଳୟ ଛାତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ ସଫଳତା ହାସଲ କରିଥିବା ଛାତ୍ରୀମାନଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ କର୍ମଚାରୀ ପରିଚାଳନା କରିଥିଲେ।

# ବାଲୁଖଣ୍ଡ ଅଭୟାରଣ୍ୟରେ କୃଷ୍ଣସାର ଶାବକ ମୃତ



**କୋଣାର୍କ,୨୦।୯/ଏନ୍ଏନ୍ଏସ୍:** କିଛି ଦିନ ତଳେ ବାଲୁଖଣ୍ଡ ଅଭୟାରଣ୍ୟରେ ଜନ୍ମ ହୋଇଥିବା ବିରଳ କୃଷ୍ଣସାର ମୃଗ ଶାବକର ମୃତ୍ୟୁ ହୋଇଛି। ବନବିଭାଗର ଦୀର୍ଘ ୫ ମାସର ଅକ୍ଲାନ୍ତ ପରିଶ୍ରମ ଫଳରେ ଗତ ୧୩ ତାରିଖ ଶୁକ୍ରବାର ମଧାହ୍ନରେ କୁରୁଜଙ୍ଗ ପଞ୍ଚାୟତ ଅଧିନ ଖଣ୍ଡିଆ ନଈ ନିକଟ ଅଭୟାରଣ୍ୟରେ ଥିବା ସ୍ୱତନ୍ତ୍ର ଏନ୍‌କ୍ଲୋଜର୍ ସନ୍ନିକଟ ଜଙ୍ଗଲରେ ଏକ ମାଈ ବିରଳ କୃଷ୍ଣସାର ମୃଗ ଦୀର୍ଘ ୬ମାସ ଗର୍ଭବତୀ ରହିଥିଲା। ବନ ବିଭାଗର ସ୍ୱତନ୍ତ୍ର ନଜରରେ ଥିବା ଏହି ମାଈ କୃଷ୍ଣସାର ମୃଗଟି ଏକ ସନ୍ତାନ ଜନ୍ମ ଦେଇଥିଲା। ଶିଶୁ ଶାବକ ଓ ମା'ର ସ୍ୱାସ୍ଥ୍ୟ ଠିକ୍ ଥିଲା ବେଳେ ଶିଶୁ ଶାବକର ଓଜନ ଆନୁମାନିକ ୫ କେଜି ରହିଥିଲା। ମାତ୍ର ବିରଳ କୃଷ୍ଣସାର ମୃଗଙ୍କ ବଂଶ ବୃଦ୍ଧି ପାଇଁ ବନବିଭାଗର ପ୍ରଚେଷ୍ଟା ସଫଳ ରୂପ ନେବା ଆରମ୍ଭ କଲାବେଳକୁ ଏକ ଅଘଟଣ ଏବେ ଏଥିରେ ଭଙ୍ଗା ପକାଇଦେଇଛି।

ପ୍ରକାଶ ଯେ ବନବିଭାଗର କେତେକ ପରିଚାଳନା ତ୍ରୁଟିକୁ ନେଇ ଏହି ବିରଳ କୃଷ୍ଣସାର ଶିଶୁ ଶାବକ ବଞ୍ଚିବାରେ ବିଫଳ ହୋଇଛି। ବନବିଭାଗ ପକ୍ଷରୁ ଏହି ବିରଳ କୃଷ୍ଣସାର ମୃଗଙ୍କ ସ୍ୱତନ୍ତ୍ର ଯତ୍ନ ନେବା ସହ ସ୍ୱାସ୍ଥ୍ୟଗତ ନଜର ପାଇଁ ଯୁବ ପଶୁ ବୈଜ୍ଞାନିକ ଗତିକୃଷ୍ଣ ବେହେରାଙ୍କୁ ନିଯୁକ୍ତି ଦେବା ସତ୍ତ୍ୱେ ଜନ୍ମ ହେବାର ଦୁଇଦିନ ପରେ ଗତ ୧୫ ତାରିଖରେ ଏହି ଶିଶୁ ଶାବକ ଉପଯୁକ୍ତ ଲାଳନପାଳନ ଓ ଖାଦ୍ୟ ନ ପାଇ ମରିଯାଇଛି। ଖବର ପାଇ କୋଣାର୍କ ବନଖଣ୍ଡ ବନ୍ୟପ୍ରାଣୀ ଅଧିକାରୀ ସୁଦର୍ଶନ ଦେଉରୀ, ବନପାଳ କୈଳାସ କୁମାର ନାୟକ ଘଟଣା ସ୍ଥଳରେ ପହଞ୍ଚି ଶିଶୁଶାବକର ମୃତ ଦେହ ବ୍ୟବଚ୍ଛେଦ କରି ପୋତିଦେଇଛି।

# ଖଣି ବିଭାଗ ପକ୍ଷରୁ ଚଢ଼ଉ, ହାଇୱା ଜବତ

**ଖଣ୍ଡପଡ଼ା,୨୦।୯/ଏନ୍ଏନ୍ଏସ୍:** ପ୍ରଶାସନ ପକ୍ଷରୁ ବାରମ୍ବାର ତାଗିଦ୍ ସତ୍ତ୍ୱେ ମଧ ଖଣ୍ଡପଡା ବ୍ଲକର ସିଧାମୂଳା, ବାଣପୁର, କଣ୍ଟିଲୋ ଅଞ୍ଚଳ ଦେଇ ପ୍ରବାହିତ ମହାନଦୀର ବିଭିନ୍ନ ଘାଟରୁ ମାଫିଆମାନେ ଚୋରାରେ ବାଲି ଚାଲାଣ କରୁଥିବା ନେଇ ଅଭିଯୋଗ ହୋଇ ଆସୁଛି। ଇତିମଧ୍ୟରେ ଖଣି ବିଭାଗ ଅଧିକାରୀମାନେ ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନକୁ ଗସ୍ତ କରି ଚଢ଼ଉ କରୁଥିବା ଜଣାପଡ଼ିଛି। ଖଣ୍ଡପଡ଼ା ଦେଇ ନୟାଗଡ଼ ଅଭିମୁଖେ ଯାଉଥିବା ଏକ ବାଲି ବୋଝେଇ ହାଇୱା ଗାଡ଼ିକୁ ଖଣି ବିଭାଗ ଅଧିକାରୀମାନେ ଜବତ କରି ପୁଲିସରେ ଜିମା ଦେଇଛନ୍ତି। ମହାନଦୀରୁ ବାଲି ବୋଝେଇ କରି ମାଫିଆମାନେ ମାଲାମାଲ ହେଉଥିବା ବେଳେ ରାଜ୍ୟ ସରକାର ଏ ବାବଦରେ ବିପୁଳ ପରିମାଣର ରାଜସ୍ୱ ହରାଉଥିବା ଜଣାପଡ଼ିଛି।

**ନୀତି ଭାରତୀ**

ଆମେ ସେହି ଶିକ୍ଷା ଆବଶ୍ୟକ କରୁ, ଯାହାଦ୍ୱାରା ଚରିତ୍ର ଗଠନ ହୋଇଥାଏ, ମନର ଶକ୍ତି ବୃଦ୍ଧି ପାଇଥାଏ, ବୌଦ୍ଧିକତା ସମ୍ପ୍ରସାରିତ ହୋଇଥାଏ ଏବଂ ଯାହାଦ୍ୱାରା ଜଣେ ନିଜର ଗୋଡ଼ରେ ଠିଆ ହୋଇ ପାରିବେ। - ସ୍ୱାମୀ ବିବେକାନନ୍ଦ

ନିତିଦିନ NITIDIN
ଶନିବାର, ୨୧ ସେପ୍ଟେମ୍ବର, ୨୦୨୪

# ବିଚରା ମଣିଷ, ବୃଥା ଅହମିକା ଓ ଧୂଳିକଣା ସମ ପୃଥିବୀ

ଜୀବନଶୈଳୀ ବା ଜୀବନଯାତ୍ରା ସମସ୍ତଙ୍କ ପାଇଁ ସମାନ ନୁହେଁ, କେହି ଚବିଶ ତିରିଶ ବର୍ଷରେ କମ୍ପାନୀର ମୁଖ୍ୟ ବନି ଯାଇଥାଏ ତ କେହି ଚାକିରି ପାଇଁ ଧକ୍କା ଖାଉଥାଏ। କିଛି ପିଲା ନିର୍ଦ୍ଦିଷ୍ଟ ବିଷୟରେ କ୍ୟାରିଅର୍ ବନେଇବା ପାଇଁ ଚାରି/ ପାଞ୍ଚ ବର୍ଷ କସରତ କରି ମଧ୍ୟ ସଫଳ ହୁଅନ୍ତି ନାହିଁ; ଆଉ କେହି ସେହି ବୟସରେ ଡିଗ୍ରୀ ହାସଲ କରି ସେ କୌଣସି ସଂସ୍ଥାନରେ ଚାକିରି ପାଇ ସାରିଥାନ୍ତି। ତିରିଶ ଚାଳିଶ ବର୍ଷ ଧରି ବିଭିନ୍ନ ଦପ୍ତରରେ ସକ୍ରିୟ ରହି ବି ସଫଳତା ହାସଲ କରିପାରୁ ନଥିବା ବ୍ୟକ୍ତିବିଶେଷ ତାଙ୍କ ଉଦ୍ୟମ ଜାରି ରଖିଥିବା ବେଳେ ମାତ୍ର ଆଠ ଦଶ ବର୍ଷ ବୟସ ଭିତରେ ଜଣେ ସେଭଳି ଆଖିଦୃଶିଆ କାମ ନକରି ବି ସଫଳ ହୋଇ ପାରୁଛି। କେବେ କେବେ ଏଥିରେ ଲାଞ୍ଚ କାରବାର, ବ୍ୟକ୍ତିଗତ ଆକ୍ରୋଶ, ପ୍ରୀୟାପ୍ରୀତି ତୋଷଣ ବା ତେଲମଖା ଦୋଷ ରହିଥିଲେ ବି ଭାଗ୍ୟକୁ ନିନ୍ଦିବା ବ୍ୟତୀତ ଅନ୍ୟ ଚାରା ନାହିଁ। କିଛି ଲୋକ ନିଜ ଉଦାରତା ବା ବଡ଼ପଣରେ ମହାନ୍ ପରିଲକ୍ଷିତ ହୁଅନ୍ତି। ଆଉ କିଛି ସଂକୁଚିତ ମନୋଭାବ ପୋଷଣ କରି ନ୍ୟୁନ ମନେ ହୋଇଯାନ୍ତି। ଜୀବନର କେତେ ରଙ୍ଗ ବିଭବ! କାହାକୁ



ମୌସୁମୀ ପରିଡ଼ା

ବଦଳାଇବା ଆମ କାମ ନୁହେଁ। କିନ୍ତୁ ଜ୍ଞାତସାରରେ କାହା କଷ୍ଟ ଯନ୍ତ୍ରଣାର କାରଣ ହେବାକୁ ପଣ କରିନେବା ଅକରଣୀୟ। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୭୦ ବର୍ଷରେ ରାଜନୀତିକ ଜୀବନ ଆରମ୍ଭ କରିଥିବା ବେଳେ ବାରାକ୍ ଓବାମା ୫୦ ବର୍ଷ ବୟସରେ ରାଜନୀତିରୁ ସନ୍ନ୍ୟାସ ନେଇଥିଲେ। ସ୍ୱାମୀ ବିବେକାନନ୍ଦ ମାତ୍ର ୩୯ ବର୍ଷ ୫ ମାସ ୨୪ ଦିନର ଜୀବନ କାଳ ଭିତରେ ଆଧ୍ୟାତ୍ମିକତାକୁ ନେଇ ଯେତିକି ବିଖ୍ୟାତ ହୋଇ ପାରିଛନ୍ତି ୯୦ ବର୍ଷ ବୟସରେ ବି ସେତିକି ବିଖ୍ୟାତ ହେବା ସମସ୍ତଙ୍କ ଭାଗ୍ୟରେ ଜୁଟେନାହିଁ। ଏପରିକି ପଡ଼ୋଶୀ ପରିବାରର ଆତ୍ମୀୟ ସ୍ୱଜନଙ୍କର ଜୀବନଯାତ୍ରା ଏକା ପରି ହୋଇ ନଥାଏ। ସମାନ ମାଆର ପିଲାମାନଙ୍କ ରୂପ ରଙ୍ଗ, ସ୍ୱଭାବ, ଭାଗ୍ୟ, ଜୀବନଶୈଳୀ ବି ସମାନ ନୁହେଁ। ଏହା ହିଁ ସୃଷ୍ଟିର ଅଲୌକିକତା। ପ୍ରତ୍ୟେକଙ୍କର ନିଜସ୍ୱ ଜୀବନଶୈଳୀ ଥିବାରୁ ସମସ୍ତେ ନିଜ ନିଜ ଜୀବନରେ ଅନନ୍ୟ। କେହି କାହାରି ପରି ନୁହନ୍ତି କିମ୍ବା ହୋଇ ପାରିବେ ନାହିଁ। ତେଣୁ ତୁଳନାତ୍ମକ ବିଚାର ଅନାବଶ୍ୟକ। ଲତାଟିଏ ଗୋଟେ ଭାରାର ସାହାଯ୍ୟ ଖୋଜେ, ସେ ଗଛ ହେଉ ବା କାନ୍ଥ, କାରଣ ସେ ପରାଶ୍ରୟୀ। ଯେପରି ମାଛ ପରି ଜଳଜୀବ ସ୍ଥଳଭାଗରେ ବଞ୍ଚି ପାରନ୍ତିନି ସେହିପରି ବେଙ୍ଗ, ଚଢ଼େଇ, କିଛି ପ୍ରଜାତିର ସରୀସୃପ, କଇଁଛ ଇତ୍ୟାଦି ପ୍ରାଣୀ ଉଭୟ ଜଳଭାଗ ଓ ସ୍ଥଳଭାଗରେ ବଞ୍ଚି ପାରନ୍ତି। ମାଙ୍କଡ଼, ଚଢ଼େଇ ପରି ଜୀବମାନେ ଗଛରେ ରୁହନ୍ତି। ଭିନ୍ନତା ଏଇଆ ଯେ ଚଢ଼େଇ ବସା ବାନ୍ଧିଥାଏ, ମାଙ୍କଡ଼ର ବସା କି ଘର ନଥାଏ। ଏତେସବୁ ବ୍ୟତିକ୍ରମତା ସହିତ ପ୍ରକୃତିର ଜୀବନ ପ୍ରବାହ ତା'ର ନିଜସ୍ୱ ଢଙ୍ଗରେ ଚାଲିଛି। ସେହି ପ୍ରକୃତିର ଅଂଶ ହିସାବରେ ମଣିଷ ବହୁତଳ ପ୍ରାସାଦରେ ରହୁଥିବା ବେଳେ ଝଡ଼ ବତାସରେ ମାଙ୍କଡ଼ମାନେ ଗଛ ଡାଳ କିମ୍ବା ଅନ୍ୟତ୍ର ଆଶ୍ରୟ ନିଅନ୍ତି। ଏତେ ପ୍ରକାରର ବିବିଧତାରେ ଆମ ପୃଥିବୀ ପରିପୂର୍ଣ୍ଣମୟ।

୧୯୭୭ ମସିହାରେ ନାସା ଦ୍ୱାରା ଭଏଜର୍-୧ ନାମକ ସ୍ପେସକ୍ରାଫ୍ଟ ଆମ ସୌରମଣ୍ଡଳ ବାହାର ଗ୍ରହ ନକ୍ଷତ୍ରଙ୍କ ଉପରେ ଅନୁସନ୍ଧାନ କରିବାକୁ ଯାଇ ପ୍ରାଥମିକ ସଫଳତା ନିଜ କାମ ସାରିବା ପରେ ଫେରି ଆସିବାର ଥିଲା। ଗ୍ରହ ନକ୍ଷତ୍ର ଓ ଆକାଶ ବିଜ୍ଞାନରେ ରୁଚି ରଖିଥିବା ବୈଜ୍ଞାନିକ କାର୍ଲ ସାଗାନ୍ ଆଉ ଗୋଟେ ଚକ୍କର ଲଗାଇ ଅଧିକ ଦୂରତାରୁ ପୃଥିବୀର ଚିତ୍ର ଉତ୍ତୋଳନ କରିବାକୁ ନାସାକୁ ଅନୁରୋଧ କରିଥିଲେ। ତେବେ ଏହାର ସମ୍ଭାବନାକୁ ନେଇ ସମସ୍ତଙ୍କ ମନରେ ସନ୍ଦେହ ଉପୁଜିଥିଲା। ପ୍ରଥମତଃ, ବହୁ ଦୂରତାରେ ଥିଲା ଭଏଜର୍-୧, ଦ୍ୱିତୀୟରେ, ଏହା ସ୍ପେସ୍‌କ୍ରାଫ୍ଟର ମିଶନ ନଥିଲା। ଆଗରୁ ବି ଏହି ପ୍ରସ୍ତାବ ନାସା ଦ୍ୱାରା ବାରମ୍ବାର ପ୍ରତ୍ୟାଖ୍ୟାତ ହୋଇ ଆସୁଥିଲା। କାରଣ କ୍ୟାମେରା ପର୍ଦ୍ଦାର ସେତିକି ଦୂରତାରୁ ଫଟୋ ଉଠାଇବାର ସାମର୍ଥ୍ୟ କିମ୍ବା ସାଧନ ନଥିବାରୁ ନାସା ଗୁରୁତ୍ୱ ଦେଇ ନଥିଲା। ବିଭିନ୍ନ ଅସୁବିଧା ଦେଇ ଗତି କରୁଥିଲେ ମଧ୍ୟ କାର୍ଲ ସାଗାନ୍‌ଙ୍କ ବାରମ୍ବାର ଅନୁରୋଧ ଯୋଗୁଁ ଆଉ ଏକ ଚକ୍କର ଲଗାଇ ଥିଲା ସ୍ପେସ୍‌କ୍ରାଫ୍ଟ ଭଏଜର୍-୧। ପୃଥିବୀଠାରୁ ସୂର୍ଯ୍ୟର ଦୂରତା ଯେତିକି, ତା'ର ଚାଳିଶ ଗୁଣ ଦୂରତାରୁ ପୃଥିବୀର ଫଟୋଚିତ୍ର ଉତ୍ତୋଳନ କରିଥିଲା ଭଏଜର୍-୧। ବିଭିନ୍ନ ପରୀକ୍ଷଣ ପରେ ୧୯୯୦ ଫେବୃଆରୀ ୧୪ ତାରିଖରେ ସ୍ପେଶ୍‌ରୁ ପୃଥିବୀର ଏହି ବିରଳ ତଥା ଐତିହାସିକ ଉତ୍ତୋଳିତ ଫଟୋଚିତ୍ରଟି ସଂଗୃହୀତ ହୋଇ ପାରିଥିଲା। ବୈଜ୍ଞାନିକ କାର୍ଲ ସାଗାନ୍‌ଙ୍କ ଅନୁସନ୍ଧିତ୍ସାର ଫଳଶ୍ରୁତି ହେତୁକ ଅନନ୍ୟ ତଥ୍ୟ ସାମ୍ନାକୁ ଆସିଲା। ଛୋଟ ବିମ୍ବର ଆଲୋକରେ ଉଡୁଥିବା ଧୂଳିକଣା ସମ ଇଷତ୍ ନୀଳ ବର୍ଣ୍ଣର ପୃଥିବୀ, ବିଶ୍ୱର ଅସୀମତା ଭିତରେ କେତେ ସୁନ୍ଦର ଓ ଅନନ୍ୟ! ଭାବ ବିହ୍ୱଳ କାର୍ଲ ସାଗାନ୍ କହିଥିଲେ- 'ଆଉଥରେ ସେହି ଡଟ୍‌କୁ ନିରେଖି ଦେଖ। ତାହା ହିଁ ଏଇଟା, ଆମ ଘର, ଆମେ ସମସ୍ତେ।' ତାଙ୍କ ଅନୁସାରେ, ସବୁ ସହର, ଦେଶ ବିଦେଶ, ପାହାଡ଼ ପର୍ବତ ନଦୀ ଝରଣା, ସମୁଦ୍ର, ଆମେ, ଆମର ହସ ଲୁହ ସବୁ ଏଇଠି, ଏଇ ଛୋଟ ଡଟ୍ ପରି କ୍ଷୁଦ୍ରାତିକ୍ଷୁଦ୍ର ଧୂଳିକଣା ଭିତରେ!

ଏବେ ପ୍ରଶ୍ନ- ଏତେ ବଡ଼ ବିଶ୍ୱର ଧୂଳିକଣା ସଦୃଶ ସୀମିତ ଅଂଶ ପରିମିତ ପୃଥିବୀରେ କିପରି ସମୟ ଅତିବାହିତ କରୁଛି? ଏ କ'ଣ ସେହି ପୃଥିବୀ, ଯେଉଁଠାରେ ଆମେମାନେ ସମଗ୍ର ଜୀବ ଜଗତର ଶତ୍ରୁ ପାଲଟି ଯାଇଛେ! ଯେଉଁଠାରେ ହଣାକଟା, ଯୁଦ୍ଧ, ରକ୍ତପାତ ଅବିରତ ଚାଲି ଆସୁଛି! ସୁନ୍ଦର ପ୍ରକୃତିର ଅଂଶ ହୋଇ ମଧ୍ୟ ପ୍ରକୃତିକୁ ନଷ୍ଟ କରି ଚାଲିଛେ! ଜୀବନର କ୍ଷଣଭଙ୍ଗୁରତା ଜାଣି ବି ଅଯଥା ଅହମିକା, ଅସହିଷ୍ଣୁତା, ଈର୍ଷା ଓ ପ୍ରତିଯୋଗିତାରେ ଆକ୍ରାନ୍ତ ହୋଇ ନିଜ ମୌଳିକତା ଓ ମାନବିକତାକୁ ଏକ ରକମ ପାସୋରି ଦେଇଛେ! କେତେ କୁନି ଆମ ପୃଥିବୀ, ତା' ଭିତରେ ଆମ ସତ୍ତା କେତେ ନଗଣ୍ୟ, ଯାହାକୁ ସୁରକ୍ଷା ନଦେଇ ଧ୍ୱଂସ କରି ଚାଲିଛେ! କେଉଁଥି ପାଇଁ ଅହଙ୍କାର? ପୃଥିବୀର ସମସ୍ତ ଜୀବ ନିର୍ଜୀବଙ୍କ ଉପରେ ଆମ ଅନୁସନ୍ଧାନ ସରିନାହିଁ। ସମୁଦ୍ର ତଳ ଭାଗ ବିଷୟରେ ଆମେ ପୂରା ଅଜ୍ଞ। କିଛି କଥାର ମୂଳ ସ୍ରୋତ ବି ଖୋଜିବାକୁ ବୈଜ୍ଞାନିକମାନେ ଅକ୍ଷମ। କିନ୍ତୁ ପୌରାଣିକ ଆଖ୍ୟାନର ସତ୍ୟାସତ୍ୟକୁ ସାମ୍ନାକୁ ଆଣି ନପାରି ସେସବୁକୁ ନେଇ ତର୍କ, ସମାଲୋଚନା ଖୁବ୍ ହୁଏ। ନା ସମୁଦ୍ର ବିଷୟରେ ବିଶେଷ ଜ୍ଞାନ ଅଛି, ନା ଜଙ୍ଗଲ ଉପରେ; ନା ଜୀବଜନ୍ତୁମାନଙ୍କ ପ୍ରବୃତ୍ତିକୁ ଜାଣୁ, ନା ଆକାଶ ଉପରେ ସବିଶେଷ ତଥ୍ୟ ପ୍ରଦାନ କରିପାରୁ। ସୀମିତ ବୁଦ୍ଧି ଜ୍ଞାନରେ ଅନ୍ୟର ନିନ୍ଦା କରି ବୃଥା ଅହଙ୍କାର ଦ୍ୱାରା ଅଜ୍ଞତା ପ୍ରମାଣିତ କରି ଚାଲିଛେ। ପୃଥିବୀକୁ ବିଭିନ୍ନ ପ୍ରଣାଳୀରେ ଧ୍ୱଂସ କରିବାର ବିଧି ଆମକୁ ବେଶ୍ ଭଲ ଭାବେ ଜଣା; ହେଲେ ବଞ୍ଚେଇ ରଖିବାର କଳା ଆମକୁ ଅଜଣା। କାରଣ, ଆମେ ବାସ କରୁଥିବା ପୃଥିବୀକୁ ଶସ୍ତା ମନେ କରି ନେଇଛୁ। ବଳ ପ୍ରୟୋଗପୂର୍ବକ ଅକ୍ତିଆର କରିବାର କୌଶଳ, ଷଡ଼ଯନ୍ତ୍ର ରଚୁଛୁ। ନିଜକୁ



କ୍ଷମତାଶାଳୀ ଦର୍ଶାଇବାକୁ ଯାଇ ଯୁଦ୍ଧ କରୁଛୁ। କୁରାଢ଼ିରେ ନିଜ ଗୋଡ଼କୁ ହାଣିବା ଭଳି ଅବସ୍ଥା, ଅଥଚ ଆମର ସେ ଆଡ଼କୁ ନଜର ନାହିଁ। କିଛି ନଥିବାର ଶୂନ୍ୟତା ଅପେକ୍ଷା ସବୁକିଛି ଭୋଗ କରିବାର ଲାଳସା ମଣିଷକୁ ରାକ୍ଷସ ବନେଇ ଦେଇଛି।

ବିଖ୍ୟାତ କଣ୍ଠଶିଳ୍ପୀ ଲତା ମଙ୍ଗେସକରଙ୍କ ଜୀବନାନୁଭୂତିରୁ ଜଣାଯାଏ, ଜୀବନ ସେହି ଚିରାଚରିତ ଦର୍ଶନର ମୂଳଦୁଆ ଉପରେ ଦଣ୍ଡାୟମାନ। ଅଥଚ ଆମେ ଜାଣିଶୁଣି ସେ ସତ୍ୟକୁ ଅନୁଭବ କରୁନା। ଯେବେ ସେ ଅବସ୍ଥାରେ ଉପନୀତ ହେଉ, ସେତେବେଳେ ଆମ ହାତର ସେ ମହାମୂଲ୍ୟ ସମୟ ଟିକକ ସରି ଯାଇଥାଏ। ତାଙ୍କ ଅନୁସାରେ- ଏ ପୃଥିବୀରେ ମୃତ୍ୟୁଠାରୁ ବଳି ଆଉ କିଛି ସତ୍ୟ ନାହିଁ। ବିଶ୍ୱର ଦାମୀ କାର୍ ତାଙ୍କ ଗ୍ୟାରେଜ୍‌ରେ ଥୁଆ ହୋଇଛି। କିନ୍ତୁ ସେ ଗୋଟେ ହ୍ୱିଲ୍ ଚେୟାରର ସାହାରାରେ! ବିଭିନ୍ନ ଡିଜାଇନ୍ ଓ ରଙ୍ଗର ନାମୀଦାମୀ ଶାଢ଼ି, ଗହଣା, ଚପଲ ଓ ଆସବାବପତ୍ର ତାଙ୍କ ଘରେ ଭର୍ତ୍ତି, କିନ୍ତୁ ସେ ରହୁଥିବା ହସ୍ପିଟାଲ୍ ତାଙ୍କୁ ପିନ୍ଧିବାକୁ ଛୋଟିଆ ଗାଉନ୍‌ଟିଏ ଦେଇଛି! ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ସଂଗଚ୍ଛିତ ଅଜସ୍ର ଅର୍ଥ ଏବେ ତାଙ୍କର କୋଉ କାମକୁ ନୁହେଁ। ସେ ରହୁଥିବା ଘର ରାଜପ୍ରାସାଦ ପରି, ଅଥଚ ହସ୍ପିଟାଲ୍‌ର ଗୋଟେ ଛୋଟିଆ ବେଡ୍‌ରେ ସେ ଅସହାୟ ଭାବରେ ପଡ଼ି ରହିଛନ୍ତି! ସେ ବିଶ୍ୱର ବିଭିନ୍ନ ପଞ୍ଚତାରକା ହୋଟେଲ୍‌ରେ ଭିନ୍ନଭିନ୍ନ ପ୍ରକାରର ଖାଦ୍ୟ ଖାଇଛନ୍ତି, ରହିଛନ୍ତି। ଏବେ କିନ୍ତୁ ଦିନରେ ଦୁଇଟି ବଟିକା ଓ ସାଲାଇନ୍ ଡ୍ରପ୍ ତାଙ୍କର ଖାଦ୍ୟ! ସେ ବିଭିନ୍ନ ଉଡ଼ାଜାହାଜରେ ପୃଥିବୀ ଭ୍ରମଣ କରିଛନ୍ତି। ଏବେ କିନ୍ତୁ ବାରଣ୍ଡାକୁ ଯିବା ଆସିବା କରିବାକୁ ଦୁଇ ଜଣ ଲୋକଙ୍କ ସାହାରା ନେବାକୁ ପଡ଼େ। କୌଣସି ପ୍ରକାରର ସୁଖ ସୁବିଧା ତାଙ୍କର କୋଉ କାମରେ ଲାଗିପାରୁ ନାହିଁ! ସେ ବି ଗ୍ରହଣ କରି ନେଇଛନ୍ତି ଏସବୁକୁ। ତାଙ୍କୁ ଭଲ ପାଉଥିବା ଲୋକମାନଙ୍କ ମୁହଁ ଓ ସେମାନଙ୍କ ପ୍ରାର୍ଥନା ହିଁ ତାଙ୍କୁ ଜୀବିତ ରଖିଛି ବୋଲି ଆତ୍ମୀୟ ସ୍ୱଜନମାନଙ୍କୁ କୁହନ୍ତି। ଏହା ହିଁ ଜୀବନ। ବିତ୍ତଶାଳୀ, ଧନୀ, ଦରିଦ୍ର, ଅସହାୟ- ସମସ୍ତଙ୍କୁ ରିକ୍ତହସ୍ତରେ ହିଁ ସଂସାରରୁ ବିଦାୟ ନେବାକୁ ପଡ଼ିବ। ତେଣୁ ଦୟାଶୀଳ ମନୋଭାବ ପୋଷଣ କରିବା ଉଚିତ୍। ଅର୍ଥ, କ୍ଷମତାନୁସାରେ ଲୋକମାନଙ୍କୁ ଅନୁଶୀଳନ ନ କରି ଭଲ ଲୋକଙ୍କୁ ଶ୍ରଦ୍ଧା ବାଣ୍ଟିବା ଉଚିତ୍। ଯେଉଁମାନେ ସମୟ, ଅସମୟରେ ପାଖରେ ଛିଡ଼ା ହୋଇଛନ୍ତି, ସେମାନଙ୍କୁ ଉପେକ୍ଷା କିମ୍ବା ଆଘାତ ନକରି କୃତଜ୍ଞତା ଜ୍ଞାପନ କରିବା ଉଚିତ୍।

ବହୁ ବିଦ୍ୱାନ ଶେଷ ସମୟରେ ନିଜ ଜୀବନାନୁଭୂତି ବଖାଣି ଆମକୁ ଉଚିତ୍ ମାର୍ଗ ପ୍ରଦର୍ଶନ କରି ଯାଇଛନ୍ତି। ସେ ଲତା ମଙ୍ଗେସ୍‌କର ହୁଅନ୍ତୁ କି ସାର୍ ଅବଦୁଲ୍ କାଲାମ୍ ଆଜାଦ ବା ସ୍ୱାମୀ ବିବେକାନନ୍ଦ- ସମସ୍ତେ ନିଜ ନିଜ ଆଦର୍ଶରେ ସେହି ଏକା କଥା କହିଛନ୍ତି ଯେ ଆମେ ଏକା ଆସିଛେ, ଏକା ହିଁ ଯିବା। ଯାହା ଲୋଭରେ ପଡ଼ି ଅର୍ଜନ କରିଛେ, ସେସବୁ ସାଙ୍ଗରେ ଯିବନି। ସଂପର୍କିତ ମଣିଷମାନେ ମଲା ପରେ ଶବ କହିବେ। ପନ୍ଦର ଦିନ ପରେ ଭୁଲିବାକୁ ଆରମ୍ଭ କରିବେ। ତେବେ ବି ଆମ ଭିତରେ କେତେ ମୋହ, ଯାହା ପାଇଁ ଯେ କୌଣସି ପାପ କରିବାକୁ ଆମେ ବ୍ୟଗ୍ର! ଅବଶ୍ୟ ଦସ୍ୟୁ ରତ୍ନାକର ତା' ପରିବାରକୁ ପାପରେ ଭାଗୀ ହେବାର ପ୍ରଶ୍ନ କରି ଉତ୍ତର ପାଇଗଲା ପରେ ଅବାଟରୁ ସୁବାଟକୁ ଆସିବା ପାଇଁ ସାଂସାରିକ ମୋହ ତୁଟାଇ ତପସ୍ୟାରେ ନିମଗ୍ନ ହୋଇଥିଲା। ଆମେ କ'ଣ ତଦନୁରୂପ ଈଶ୍ୱରଙ୍କ ଶରଣାପନ୍ନ ହୋଇ ପାରିବା? ଆମ ପାଖରେ ସମୟ କାହିଁ? ଚାକିରି, ଘର ଜଞ୍ଜାଳ, ମୋବାଇଲ୍‌ରୁ ଆମକୁ ବିରତି ନେବାକୁ ହେବ। ଏସବୁ ସତ୍ୟକୁ ଅନୁଭବ କରିବାକୁ ଆମକୁ କ'ଣ ଶେଷ ସମୟରେ ହିଁ ଉପନୀତ ହେବାକୁ ପଡ଼ିବ! ସମୟ ଥାଇ ସେ ଜ୍ଞାନ ଆହରଣ କରି ପାରିବା ନାହିଁ? ଅନ୍ତତଃ କାହାକୁ କଷ୍ଟ ନଦେଇ ଜୀବନଯାପନ କଲେ କ୍ଷତି କ'ଣ! ଜୀବନରେ କିଛି ନୀତିଗତ ଆଦର୍ଶରେ ନିଜକୁ ପରିଚାଳିତ କରିବାର ସାଧ ଅଛି ଆମ ପାଖେ। ନହେଲେ ଦସ୍ୟୁ ରତ୍ନାକରଠାରୁ ଆମେ କେଉଁ ଗୁଣରେ କମ୍? ସେ ତ ଛାତିରେ ହାତ ରଖି କହି ପାରୁଥିଲା ସେ ଚୋର ବୋଲି। ଆମର କ'ଣ ସେତିକି ସତ୍‌ସାହସ ଅଛି ସତ୍ୟକୁ ସ୍ୱୀକାର କରିବାକୁ? ନହେଲେ ଆମେ ପିନ୍ଧିଥିବା ମୁଖାସବୁ ଖସି ପଡ଼ିବନି! ଅସଲ ପରିଚୟ ପଦାରେ ପଡ଼ିବା ସାର ହେବ ସିନା! କଥାରେ ଅଛି- କାଲ ଆଗରେ ମୂଳା ଚୋବେଇଲେ କେତେ, ଅନ୍ଧ ଦେଶରେ ଦର୍ପଣ ବିକିଗଲେ କେତେ! ତଥାପି ସଂସାରରୁ ବିଦାୟ ନେବା ପୂର୍ବରୁ କିଛି ମୂଲ୍ୟବୋଧ ଓ ଜୀବନାଦର୍ଶକୁ ନେଇ ବଞ୍ଚିବାରେ କ୍ଷତି ନାହିଁ। କେବଳ ମାନସିକତା ବଦଳିବା ଜରୁରୀ।■

ମୋ: ୯୪୩୭୩୧୭୦୨୬

# ଏକ ନିର୍ବାଚନର ଅନୁମୋଦନ

ନରେନ୍ଦ୍ର ମୋଦୀ ସରକାରଙ୍କ 'ଏକ ଦେଶ, ଏକ ନିର୍ବାଚନ' ପ୍ରସ୍ତାବ ଉପରେ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀର ମୋହର ମାରି ସାରିଛି। ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ସୁପାରିସ- ଏକା ସାଙ୍ଗରେ ଦେଶର ଲୋକସଭା ଏବଂ ସବୁ ରାଜ୍ୟର ବିଧାନସଭାଗୁଡ଼ିକର ନିର୍ବାଚନ କରାଯିବା ପାଇଁ ବିଜେପି ଦ୍ୱାରା ଉଦ୍ୟମ କରାଯିବାକୁ କେତେକ ଅତି ବେଶୀରେ ଦେଶରେ ଏକ ରାଷ୍ଟ୍ରପତି ବ୍ୟବସ୍ଥାର ପ୍ରଚଳନ କରିବା ସପକ୍ଷରେ ଜନମତ ସୃଷ୍ଟି କରିବାର ଆଖ୍ୟା ଦେଉଛନ୍ତି। ବିରୋଧୀ ଦଳମାନେ ଏହାକୁ ଏକ ଅବାସ୍ତବ ଧାରଣା ବୋଲି କହିଛନ୍ତି, ଯାହା ସଂଘୀୟ ନୀତି, ସମ୍ବିଧାନ ଏବଂ ଗଣତନ୍ତ୍ରର ବିରୋଧରେ ଯାଉଛି। ଏହି ପଦକ୍ଷେପ ବିଜେପିର ୨୦୧୯ ଏବଂ ୨୦୨୪ ଲୋକସଭା ନିର୍ବାଚନ ସମୟର ଇସ୍ତାହାରରେ ସ୍ଥାନ ପାଇଥିଲା। ପୁନଶ୍ଚ, ପ୍ରସ୍ତାବ ଅନୁସାରେ ଲୋକସଭା ଏବଂ ରାଜ୍ୟସଭାଗୁଡ଼ିକ ନିମନ୍ତେ ଗୋଟିଏ ସମୟରେ ନିର୍ବାଚନ ହୋଇ ସାରିବା ପରେ ପରେ ସହରାଞ୍ଚଳର ସଂସ୍ଥା ଏବଂ ଗ୍ରାମ ପଞ୍ଚାୟତମାନଙ୍କର ନିର୍ବାଚନ ଦ୍ୱିତୀୟ ପର୍ଯ୍ୟାୟରେ ଏକା ସାଙ୍ଗରେ କରାଇବାକୁ ଏହି କମିଟି ସୁପାରିସ କରିଛି, ଯାହା ମଧ୍ୟ କ୍ୟାବିନେଟ୍‌ର ଅନୁମୋଦନ ଲାଭ କରି ସାରିଛି। ଏହି ଉଦ୍ୟମର ବ୍ୟବହାର୍ଯ୍ୟତା ଉପରେ ପରୀକ୍ଷା କରି ଦେଖିବାର ଦାୟିତ୍ୱ ପ୍ରଦାନ କରାଯାଇଥିବା ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଏହି ଉଦ୍ୟମ ନିମନ୍ତେ ଆପାତତଃ ଏକମତ ହେବାର ସମର୍ଥନ ଲାଭ କରିଥିଲେ: ପ୍ରସ୍ତାବ ଉପରେ ଯେଉଁ ୪୭ଟି ରାଜନୀତିକ ଦଳ ସେମାନଙ୍କ ମତ ଦେଇଥିଲେ, ସେଥି ମଧ୍ୟରୁ ୩୨ଟି ସହମତି ପ୍ରକାଶ କରିଥିଲେ। ଯେଉଁମାନେ ଏକା ସାଙ୍ଗରେ ନିର୍ବାଚନ ହେବାକୁ ଅତି ଉତ୍ସାହର ସହିତ ସମର୍ଥନ ଜଣାଇଛନ୍ତି, ସେମାନେ ନିର୍ବାଚନର ଧାରାରେ ଏଭଳି ଏକ ପରିବର୍ତ୍ତନ ଦ୍ୱାରା ଯଥେଷ୍ଟ ପରିମାଣରେ ଅର୍ଥନୀତିକ ଏବଂ ପ୍ରଶାସନିକ ସୁବିଧା ଲାଭ ହେବାର ସମ୍ଭାବନାକୁ ଦେଖିଛନ୍ତି। ନିର୍ବାଚନୀ ଖର୍ଚ୍ଚଗୁଡ଼ିକ ହ୍ରାସ ପାଇବ, ଯାହା ଅର୍ଥନୀତିକ ଅଭିବୃଦ୍ଧିକୁ ସୁଗମ କରାଇବ। ସେହିଭଳି ଶାସନ କ୍ଷେତ୍ରରେ କୌଣସି ପ୍ରକାରର ବ୍ୟାଘାତ ସୃଷ୍ଟି ହେବାର ସମ୍ଭାବନା ରହିବ ନାହିଁ, ଯାହା ଜନକଲ୍ୟାଣର ସମ୍ପ୍ରସାରଣ ଘଟାଇବା ସହିତ ନୀତିଗତ ସ୍ଥାଣୁତା ଦେଖାଦେବ ନାହିଁ। ପୁଣି ନିର୍ବାଚନୀ ପ୍ରକ୍ରିୟା ଭୋଟରମାନଙ୍କ ପାଇଁ ସରଳ ହେବ ଓ ନିର୍ବାଚନୀ ଥକ୍କାପଣ ଦେଖାଦେବାର ସମ୍ଭାବନା ରହିବ ନାହିଁ। ପ୍ରସଙ୍ଗକ୍ରମେ ଉଲ୍ଲେଖଯୋଗ୍ୟ ଯେ ନୂଆ ନୂଆ ସ୍ୱାଧୀନତା ଲାଭ କରିଥିବା ଭାରତବର୍ଷ କିଛି ବର୍ଷ ପାଇଁ ଏକା ସାଙ୍ଗରେ ଜାତୀୟ ଏବଂ ରାଜ୍ୟସ୍ତରୀୟ ନିର୍ବାଚନ ଏକାଠି କରାଇ ଥିଲା। ତେବେ ରାଜନୀତିକ ବିକାଶଗୁଡ଼ିକ ଏହି ଏକା ସାଙ୍ଗରେ ନିର୍ବାଚନ ଅନୁଷ୍ଠିତ କରାଇବାର କାର୍ଯ୍ୟସୂଚୀରେ ବ୍ୟାଘାତ ସୃଷ୍ଟି କରିବା ଦିଗରେ ପଥ କଢ଼ାଇ ନେଇଥିଲା।

ତେବେ ଏଭଳି ଏକ ବ୍ୟବସ୍ଥା ତଥା ଏହା ସମ୍ମୁଖରେ ଦେଖା ଦେବାକୁ ଥିବା ଆହ୍ୱାନଗୁଡ଼ିକ ବିଷୟରେ ପ୍ରକଟ କରାଯାଇଥିବା ଚିନ୍ତାଗୁଡ଼ିକ ଅତି ଗମ୍ଭୀର ସ୍ୱଭାବର ମନେହୁଏ। ଏଗୁଡ଼ିକ ରାଜନେତା ଏବଂ ନାଗରିକମାନଙ୍କ ପକ୍ଷରେ ଭଲ ଭାବରେ ଭାବିଚିନ୍ତି ପଦକ୍ଷେପ ନେବାର ଦାବି ରଖନ୍ତି। ଏହି ଚିନ୍ତାଗୁଡ଼ିକ ମଧ୍ୟରୁ ପ୍ରମୁଖଟି ହେଉଛି, ଜାତୀୟ ସ୍ତରର ପ୍ରସଙ୍ଗଗୁଡ଼ିକ ଦ୍ୱାରା ଆଞ୍ଚଳିକ ଏବଂ ସ୍ଥାନୀୟ ପ୍ରସଙ୍ଗଗୁଡ଼ିକରେ ଗ୍ରହଣ ଲାଗିବାର ସମ୍ଭାବନା ରହିବ- ସେହିସବୁ ପ୍ରସଙ୍ଗ, ଯେଉଁଗୁଡ଼ିକ ସାଧାରଣତଃ ରାଜ୍ୟ ନିର୍ବାଚନଗୁଡ଼ିକର ଫଳାଫଳକୁ ନିର୍ଣ୍ଣୟ କରିଥାନ୍ତି। ଆଉ ଏହା ବଡ଼ ବଡ଼ ରାଜନୀତିକ ଦଳଙ୍କୁ ଫାଇଦାରେ ରଖିବ। ଏହା ଭାରତୀୟ ସଂଘୀୟବାଦର ଭବିଷ୍ୟତ ନିମନ୍ତେ ଶୁଭଙ୍କରୀ ହେବନାହିଁ, କାରଣ ଏକ ବାହୁବଳୀ କେନ୍ଦ୍ର ସରକାରଙ୍କ ସମ୍ମୁଖରେ ରାଜ୍ୟ ସରକାରମାନେ ସେମାନଙ୍କର ଶକ୍ତି ପ୍ରଦର୍ଶନ କରିବାର ସୁଯୋଗରୁ ବଞ୍ଚିତ ହେବେ। ଏହା ବାଦ୍ ରହିଲା ରାଜ୍ୟ ବିଧାନସଭାମାନଙ୍କର କାର୍ଯ୍ୟକାଳକୁ ଅଧାରୁ ବନ୍ଦ କରି ସାନି ନିର୍ବାଚନ କରାଯିବା କଥା। ଏଭଳି କ୍ଷେତ୍ରରେ ପ୍ରଶ୍ନ ଉଠେ, ସେମାନଙ୍କର ଭାଗ୍ୟ କ'ଣ ହେବ? ଏଭଳି କାଟଛାଣ୍ଟ କରାଯିବା ଲୋକମାନଙ୍କ ପସନ୍ଦକୁ ସମ୍ପୂର୍ଣ୍ଣ ଭାବରେ ସମ୍ମାନ ଦେବ କି? ସର୍ବୋପରି, ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଏକ ମୌଳିକ ଦ୍ୱନ୍ଦ୍ୱ ରହିଛି: ତାହା ହେଉଛି- 'ଏକ ଦେଶ, ଏକ ନିର୍ବାଚନ' ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଆବଶ୍ୟକ ସଂସଦରେ ସାମ୍ବିଧାନିକ ସଂଶୋଧନ ଯାହା ଦୁଇ-ତୃତୀୟାଂଶ ସଂଖ୍ୟା ଗରିଷ୍ଠତା ଆବଶ୍ୟକ କରେ। ଏକା ସାଙ୍ଗରେ ନିର୍ବାଚନ ଅନୁଷ୍ଠିତ କରାଇବା ସମ୍ବନ୍ଧିତ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ମଧ୍ୟ ଅନୁତ୍ତରିତ ରହିବା ଉଚିତ ନୁହେଁ: ଏଭଳି ହସ୍ତକ୍ଷେପ ଦ୍ୱାରା ଯେଉଁ ଆର୍ଥିକ ଏବଂ ପ୍ରଶାସନିକ ଲାଭଗୁଡ଼ିକ ଅମଳ ହେବ ବୋଲି ପ୍ରତିଶ୍ରୁତି ଦିଆଯାଉଛି, ତା' ଅପେକ୍ଷା ଭାରତର ସଂଘୀୟ ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ଭାବାବେଗକୁ ଅଧିକ ପ୍ରାଥମିକତା ଦିଆଯିବ ଉଚିତ ନୁହେଁ କି?

ଏଠାରେ ଉଲ୍ଲେଖ କରାଯାଇପାରେ କି, ଏହି ବ୍ୟବସ୍ଥାର ପ୍ରଚଳନ କରିବା ନିମନ୍ତେ ଆବଶ୍ୟକୀୟ ସାମ୍ବିଧାନିକ ସଂଶୋଧନ ପାଇଁ ସଂସଦର ଉଭୟ ସଦନରେ ଆବଶ୍ୟକ ବିଶେଷ ସଂଖ୍ୟା ଗରିଷ୍ଠତା ସରକାରଙ୍କ ନିକଟରେ ନାହିଁ। ସରକାର ଯଦି ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ବାସ୍ତବରେ ଅଧିକ ଆଗ୍ରହୀ, ତା'ହେଲେ ଏହା ଖୋଲା ମନ ନେଇ ଏହି ବିଷୟବସ୍ତୁ ଉପରେ ଏକ ଜାତୀୟ ସ୍ତରର ବିତର୍କ ଆରମ୍ଭ କରିବା ଉଚିତ ଏବଂ ଏଥିରୁ ଯେଉଁ ନିଷ୍କର୍ଷ ବାହାରିବ, ତାକୁ ମାନି ନେବାକୁ ପ୍ରସ୍ତୁତ ରହିବା ଜରୁରୀ। ଜୋର୍ ଜବରଦସ୍ତ ଏହି ପ୍ରସ୍ତାବକୁ ପାରିତ କରାଇବାର ଉଦ୍ୟମ ଅବଶ୍ୟ ବିଫଳ ହେବ, ଯାହାର ସଙ୍କେତ ବସ୍ତୁତଃ ଲୋକମାନେ ଗତ ସାଧାରଣ ନିର୍ବାଚନରେ ଶାସକ ସାମ୍ମୁଖ୍ୟକୁ ପ୍ରଦାନ କରି ସାରିଛନ୍ତି। ସରକାର ଏକଥା ମଧ୍ୟ ଭଲ ଭାବରେ ସ୍ମରଣ ରଖିବା ଉଚିତ ଯେ ଗଣତନ୍ତ୍ର ହେଉଛି ଏକ ଦାମିକା ବ୍ୟାପାର, ଯାହାକୁ ସାତ ଦଶନ୍ଧିରୁ ଅଧିକ ସମୟ ହେବ ଆମେ ସମସ୍ତେ ବାଧାବିଘ୍ନମାନ ସହି ଲାଳନପାଳନ କରି ଆସିଛେ। ଏଥିରେ ତେଣୁ ଗଭୀର ବୁଝାମଣା ବ୍ୟତୀତ କିଛି ହସ୍ତକ୍ଷେପ କରିବା ସରକାରଙ୍କ ପାଇଁ ବୁମେରାଂ ସାବ୍ୟସ୍ତ ହୋଇପାରେ।■

## ବିକ୍ରମାଦିତ୍ୟଙ୍କ ନିର୍ଲୋଭପଣ

ବିକ୍ରମାଦିତ୍ୟ ରାଜାଙ୍କ ବତ୍ରିଶ ସିଂହାସନର କଥା। 'ରାଜା ବିକ୍ରମାଦିତ୍ୟଙ୍କ ଶାସନ କାଳରେ ଜଣେ ଅପୁତ୍ରିକ ବ୍ରାହ୍ମଣ ଥିଲେ। ତାଙ୍କର ପତ୍ନୀ ପୁଅଟିଏ ଚାହିଁବାରୁ ବ୍ରାହ୍ମଣ 'ପ୍ରଦୋଷ ବ୍ରତ' କରି ପୁତ୍ରଲାଭ କଲେ। ପୁଅର ନାମ ଦେଲେ ଦେବଦତ୍ତ। ଦେବଦତ୍ତ ବଡ଼ ହେଲା। ଦିନେ ବ୍ରାହ୍ମଣ ତାକୁ ଡାକି କହିଲେ- 'ପୁଅ, ମୁଁ ତୀର୍ଥ କରିବାକୁ ଯାଉଛି। ଜୀବନରେ ଯେତେ ସମସ୍ୟା ଆସିଲେ ବି ତୁ ଧର୍ମ ତ୍ୟାଗ କରିବୁ ନାହିଁ। ଈଶ୍ୱରଙ୍କ ଉପରେ ଭରସା, ବିଶ୍ୱାସ ରଖିଥିବୁ। ମନ୍ଦ ଲୋକଙ୍କ ପାଖ ପଶିବୁ ନାହିଁ। ଧର୍ମାତ୍ମାମାନଙ୍କୁ ଅନୁସରଣ କରିବୁ।'

ଦେବଦତ୍ତ ମଧ୍ୟ ପିତାଙ୍କ ଆଦେଶ ମାନି ଚଳିଲା। ଥରେ ରାଜା ବିକ୍ରମାଦିତ୍ୟ ଜଙ୍ଗଲରେ ବାଟ ହୁଡ଼ିଗଲେ। ବିପଦସଂକୁଳ ଅବସ୍ଥାରେ ଦେବଦତ୍ତ ତାଙ୍କୁ ରାଜନଅରରେ ପହଞ୍ଚାଇ ଦେଲା। ବିକ୍ରମାଦିତ୍ୟ ଖୁସି ହୋଇ ଦେବଦତ୍ତଙ୍କୁ ରାଜ ଦରବାରରେ ନିଯୁକ୍ତି ଦେଲେ। ଥରେ ମନ୍ତ୍ରୀ, ଅମାତ୍ୟଙ୍କ ଗହଣରେ ବସିଥିବା ଅବସରରେ ବିକ୍ରମାଦିତ୍ୟ କହିଲେ- 'ଦେବଦତ୍ତ, ମୁଁ ଜୀବନରେ ତୁମ ଋଣ ଶୁଝି ପାରିବି ନାହିଁ। ଯାହା ମାଗିବ- ଦେବି।' ଦେବଦତ୍ତ ରାଜାଙ୍କ ମନୋଭାବକୁ ପରୀକ୍ଷା କରିବାକୁ ଚାହିଁଲା।

ଦେବଦତ୍ତ ରାଜକୁମାରଙ୍କୁ ଲୁଚାଇ ନେଇ ନିଜ ପାଖରେ ରଖିଲା। ନିଜ ଚାକର ହାତରେ ରାଜକୁମାରର ଅଳଙ୍କାର ବିକ୍ରି କରିବାକୁ ବଜାରକୁ ପଠାଇଲା। ଅନ୍ୟ ପକ୍ଷରେ ପୁଅକୁ ନ ପାଇ ରାଜା ଗୁପ୍ତଚରଙ୍କୁ ଲଗାଇ ଜାଣିଲେ ଯେ ତାଙ୍କ ପୁଅକୁ ଦେବଦତ୍ତ ନେଇ ଯାଇଛି। ତେଣୁ ଦେବଦତ୍ତଙ୍କୁ ଡକାଇ ନିଜ ପୁଅ ବିଷୟରେ ପଚାରିଲେ। ସେ କହିଲେ- 'ମୁଁ ଲୋଭବଶତଃ ଆପଣଙ୍କ ପୁତ୍ରକୁ ହତ୍ୟା କରି ଅଳଙ୍କାର ନେଇ ଯାଇଛି।' ଏହା ଶୁଣି ସମସ୍ତେ ଦେବଦତ୍ତଙ୍କୁ ହତ୍ୟା କରାଯିବା ଉଚିତ୍ ବୋଲି ମତ ଦେଲେ। କିନ୍ତୁ ରାଜା ବିକ୍ରମାଦିତ୍ୟ କହିଲେ- 'ମୋ ପୁଅ ପୂର୍ବ ଜନ୍ମର କର୍ମ ଫଳରୁ ମରିଛି। ସେହି ଅନୁସାରେ ମୋ ଜୀବନ ବି ଦେବଦତ୍ତ ବଞ୍ଚାଇଛି। ତେଣୁ ତାଙ୍କୁ ଦଣ୍ଡ ଦିଆଯିବ ନାହିଁ।'

ପରେ ଦେବଦତ୍ତ ରାଜକୁମାରଙ୍କୁ ଆଣି ବିକ୍ରମାଦିତ୍ୟଙ୍କ ନିକଟରେ ପହଞ୍ଚାଇଲା। ରାଜା ବିକ୍ରମାଦିତ୍ୟ କହିଲେ- 'ଉପକାରୀର ଉପକାରକୁ ଭୁଲି ଯାଉଥିବା ଲୋକ ନରାଧମ।'

ଦେବଦତ୍ତ କହିଲେ- 'ମହାରାଜ, ଆପଣ ନିଃସ୍ୱାର୍ଥ ଭାବରେ ସମସ୍ତଙ୍କର ମଙ୍ଗଳ ଚାହୁଁଥିବାରୁ ଆପଣ ମୋର ପରମ ବନ୍ଧୁ।'

ବିକ୍ରମାଦିତ୍ୟଙ୍କର ଏହି ମହାନତାକୁ ପ୍ରକାଶ କରି ଚତୁର୍ଥ ପିତୁଳି ଭୋଜରାଜାଙ୍କୁ କହିଲା- 'ରାଜନ୍, ଆପଣଙ୍କର ଯଦି ଏହିଭଳି କୃତଜ୍ଞତା ଦେବାର ଗୁଣ ଅଛି, ତେବେ ଆପଣ ସିଂହାସନରେ ବସନ୍ତୁ।' ଭୋଜରାଜା ନିଜକୁ ସମୀକ୍ଷା କରି ପଞ୍ଚମ ପାହାଚକୁ ପାଦ ବଢ଼ାଇଲେ।■

# କୃତ୍ରିମ ମେଧା, ଉନ୍ନତ ଜ୍ଞାନକୌଶଳ ଏବଂ ଓଡ଼ିଆ ସାମ୍ବାଦିକତା

କୃତ୍ରିମ ମେଧା କହିଲେ କ'ଣ ବୁଝାଏ? କୃତ୍ରିମ ମେଧା ବା ଆର୍ଟିଫିସିଆଲ ଇଣ୍ଟେଲିଜେନସ ବର୍ତ୍ତମାନ କମ୍ପ୍ୟୁଟର ପ୍ରଯୁକ୍ତିବିଦ୍ୟାର ପରବର୍ତ୍ତୀ ସ୍ତର। ଏଥିରେ ମେସିନକୁ ବିଭିନ୍ନ ପ୍ରକାର ଆଲଗୋରିଦମ୍ ମାଧ୍ୟମରେ ନିଜେ ନିଜେ କିଛି କାର୍ଯ୍ୟ କରିବାକୁ ଶିଖା ଯାଇଥାଏ। ଏଥିରେ ମେସିନ୍ ନିଜେ ସିଦ୍ଧାନ୍ତ ନେଇ ଗୋଟେ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିଥାଏ। ପୂର୍ବ ପ୍ରଯୁକ୍ତିରେ ଏହା ସମ୍ଭବ ନଥିଲା। ସେଥିପାଇଁ ଏହାକୁ କୃତ୍ରିମ ମେଧା ବା ଆର୍ଟିଫିସିଆଲ ଇଣ୍ଟେଲିଜେନସ କୁହାଯାଏ।
ଏବେ ଦେଖାଯାଉ ଯେ ସାମ୍ବାଦିକତା କ୍ଷେତ୍ରରେ କୃତ୍ରିମ ମେଧା କି ପ୍ରକାର ଜ୍ଞାନକୌଶଳ ନେଇ ଆସିଛି। ପ୍ରଥମ: ଅର୍ଥାତ ମେସିନ୍‌କୁ ଆଦେଶ ଦେଲେ ସେ ଏଗୁଡ଼ିକ ଲେଖିଦେଇ ପାରିବ।

ଶବ୍ଦ ଛବି ଅକ୍ଷର



ଡ. ମୃଣାଳ ଚାଟାର୍ଜୀ

ଜଣେ ଯଦି ରିପୋର୍ଟର ମୋଟାମୋଟି କଥା କହିଦିଏ, ତେବେ ସଂପୂର୍ଣ୍ଣ ରିପୋର୍ଟଟି କୃତ୍ରିମ ମେଧା ଆଧାରରେ ତିଆରି କମ୍ପ୍ୟୁଟରରେ ଆପେ ଆପେ ଲେଖି ହୋଇଯିବ। ଏଥିରେ କ'ଣ କ'ଣ ଆଉ କରାଯାଇ ପାରିବ। ଏହା ଫଳରେ ଜଣେ ରିପୋର୍ଟ ଲେଖିଦେଇ ପାରିବ, ନାଟକ, ଗଳ୍ପ, କବିତା, ପ୍ରବନ୍ଧ, ଚିତ୍ରନାଟ୍ୟ ଇତ୍ୟାଦି ଲେଖିଦେଇ ପାରିବ।

ରେଡିଓ ଜିପିଟି ମାଧ୍ୟମରେ ସଂପୂର୍ଣ୍ଣ ରେଡିଓ ଷ୍ଟେସନର କାମ କମ୍ପ୍ୟୁଟର ଦ୍ୱାରା କରାଯାଇ ପାରିବ। ସ୍କ୍ରିପ୍ଟରୁ ଆରମ୍ଭ କରି ଉଦ୍‌ଘୋଷଣାରୁ ଆରମ୍ଭ କରିକି ଖବରଗୁଡ଼ିକ କ'ଣ ଦିଆଯାଇ ପାରିବ, ତା'ର ତାଲିକା କରାଯିବାରୁ ବିଭିନ୍ନ ସ୍ୱରରେ, ବିଭିନ୍ନ ଭାଷାରେ ଉଦ୍‌ଘୋଷଣା ପର୍ଯ୍ୟନ୍ତ ସବୁ କଥା ତାହାଦ୍ୱାରା କରାଯାଇ ପାରିବ। ସେମିତି ଭିଜୁଆଲ କ୍ଷେତ୍ରରେ ବା ଦୃଶ୍ୟଶ୍ରାବ୍ୟ କ୍ଷେତ୍ରରେ ଏଆଇ ବ୍ୟବହାର କଲେ ଗୋଟେ ଗଳ୍ପ ବା କାହାଣୀ କହିଲେ, ତାହାର ଚିତ୍ର ଭିଜୁଆଲସ୍ ସେ ତିଆରି କରିଦେଇ ପାରିବ। ଅର୍ଥାତ୍ କିଛି ଚରିତ୍ରର ବର୍ଣ୍ଣନା, କିଛି ଘଟଣାର ବର୍ଣ୍ଣନା କରିଦେଲେ ତାକୁ ନେଇ ମେସିନ୍ ନିଜେ ନିଜେ ଗୋଟେ ଡକ୍ୟୁମେଣ୍ଟାରୀ ବା ଗୋଟେ ସିନେମା କରିଦେଇ ପାରିବ।

ଦ୍ୱିତୀୟ, ଯେଉଁ ପ୍ରଯୁକ୍ତିଟି ଗଣମାଧ୍ୟମ କ୍ଷେତ୍ରରେ ପ୍ରଭାବ ପକେଇ ପାରେ, ତାହା ହେଲା ଲେଜର ଟେକ୍ନୋଲୋଜି। ଲେଜର ଟେକ୍ନୋଲୋଜି ଫଳରେ ଶୂନ୍ୟରେ ଗୋଟେ ଚିତ୍ର କରାଯାଇ ପାରିବ। ଏହାର ଚଳଚ୍ଚିତ୍ର ଶିଳ୍ପ, ପ୍ରିଣ୍ଟ ମିଡିଆ ବା ଛାପା ମାଧ୍ୟମ ବା ଟେଲିଭିଜନ ଶିଳ୍ପ ଉପରେ ପ୍ରଭାବ ପଡ଼ିପାରେ।

ତୃତୀୟ, ଯେଉଁ ପ୍ରଯୁକ୍ତିଟି ଗଣମାଧ୍ୟମ ଉପରେ ପ୍ରଭାବ ପକେଇ ପାରେ, ତାହା ହେଲା ରୋବୋଟିକ୍ସ। ଏଆଇ ଏବଂ ରୋବୋଟିକ୍ସର ସମ୍ମିଶ୍ରଣରେ ଭିଡିଓ, ଅଡିଓ ଏଡିଟିଂ ରୋବୋଟ୍ କରିଦେଇ ପାରିବ। ସଂପୂର୍ଣ୍ଣ ଭାବରେ ଖବରକାଗଜଟିଏ ବାହାର କରିଦେଇ ପାରିବ। ସଂପୂର୍ଣ୍ଣ ଭାବରେ ଗୋଟେ ଟେଲିଭିଜନ କାର୍ଯ୍ୟକ୍ରମ କରିଦେଇ ପାରିବ।

ଏବେ ଦେଖାଯାଉ, ଏହା ଫଳରେ ଲାଭ କ'ଣ ହେବ? କୌଣସି ତଥ୍ୟ ପାଇବା ପାଇଁ ବା ରିପୋଟଟିଏ ଶୀଘ୍ର ଲେଖିବା ପାଇଁ ଯେତେ ସମୟ ଲାଗୁଥିଲା, ଆଉ ଯେତେ ବ୍ୟାପକ ଭାବରେ ଖୋଜିବା ପାଇଁ ପଡୁଥିଲା, ତାହା ଆଉ ପଡ଼ିବ ନାହିଁ। ଅଙ୍ଗୁଳି ଟିପରେ ହିଁ ତାହା ହୋଇ ପାରିବ। ତେଣୁ କାମ କରିବାରେ ଅଧିକ ସୁବିଧା ହେବ।

ଦ୍ୱିତୀୟ, ଯେଉଁ ସୁବିଧାଟି ହେବ, ତାହା ହେଉଛି: ଜଣେ ଅଧିକ ଆଇଡିଆ, ଅଧିକ କଳ୍ପନା କରି ପାରିବ। ଧରାଯାଉ, ଗୋଟେ ଲୋଗୋ ତିଆରି କରାଯାଉଛି। ଏଆଇ ବ୍ୟବହାର କଲେ ସେ ଖୁବ୍ କମ୍ ସମୟ ଭିତରେ ଆଉ ଦଶ ପ୍ରକାର ଲୋଗୋ ତିଆରି କରିଦେଇ ପାରିବ।

ତୃତୀୟ ସୁବିଧାଟି ହେବ: ତଥ୍ୟ ସଂଗ୍ରହ ଏବଂ ତାକୁ ଏକାଠି କରିବା (ଏଗ୍ରିଗେସନ) ଅଧିକ ସହଜ ହେବ। ବିଭିନ୍ନ ପ୍ରକାର ଏବଂ ବିସ୍ତୃତ ତଥ୍ୟକୁ ଏକାଠି କରି ତା'ର ଚିତ୍ରରୂପ ମଧ୍ୟ ଏହାଦ୍ୱାରା କରାଯାଇ ପାରିବ, ଯାହା ବିଷୟଟିକୁ ବୁଝିବା ପାଇଁ ଶ୍ରୋତା, ପାଠକ, ଦର୍ଶକଙ୍କୁ ସାହାଯ୍ୟ କରିବ।

ଚତୁର୍ଥରେ, କୌଣସି ଘଟଣା, ବର୍ଣ୍ଣନାକୁ ଗୋଟେ ଇମର୍ସିଭ୍ ଏକ୍ସପିରିଏନ୍ସ ଦେଇ ପାରିବ। ଇମର୍ସିଭ ଏକ୍ସପିରିଏନ୍ସର ଅର୍ଥ, ତାକୁ ଆହୁରି ଭଲ ଭାବରେ ତା' ଭିତରେ ପଶି ସେହି ଘଟଣାସ୍ଥଳରେ ରହି ନିଜ ଆଖିରେ ଦେଖିଲା ଭଳି ଢଙ୍ଗରେ। ଉଦାହରଣ ସ୍ୱରୂପ, ଯଦି ଆଣ୍ଟାର୍କଟିକାର ବର୍ଣ୍ଣନା କରାଯାଉଛି, ଏଆଇ ବ୍ୟବହାର କରି ଆଣ୍ଟାର୍କଟିକାରେ ଯେମିତି ପରିବେଶ, ସେମିତି ପରିବେଶ ସୃଷ୍ଟି କରି ଜଣେ ପାଠକ ଯେମିତି ସେ ପରିବେଶ ଭିତରେ ଅଛି, ତାହା କରାଯାଇ ପାରିବ।

ଏବେ ଦେଖାଯାଉ, ଏଥିରେ ସମସ୍ୟା କ'ଣ କ'ଣ ହେବ। ପ୍ରଥମ ସମସ୍ୟା: ନୂଆ ସ୍କିଲ୍ ଶିଖିବା ପାଇଁ ପଡ଼ିବ। ନୂଆ ପ୍ରଯୁକ୍ତି ବ୍ୟବହାର କରିବାର ଦକ୍ଷତା ହାସଲ କରିବାକୁ ପଡ଼ିବ। ଦ୍ୱିତୀୟ ଆହ୍ୱାନଟି ହେଉଛି: ମାନବ ଶକ୍ତିର ଆବଶ୍ୟକତା ବହୁ ପରିମାଣରେ କମିଯିବ। ଅର୍ଥାତ୍ ଗୋଟେ କାମ କରିବା ପାଇଁ ଯେତିକି ଲୋକ ଆଗରୁ ଦରକାର ପଡୁଥିଲେ, ତା'ଠୁ ବହୁତ କମ୍ ଲୋକରେ ସେ କାମ ହୋଇ ପାରିବ। ଗୋଟେ ଖବରକାଗଜ ବାହାର କରିବା ପାଇଁ ଯଦି ଗୋଟେ ସମୟରେ ସମ୍ପାଦକୀୟ ବିଭାଗରେ ୫୦ ଜଣ ଲୋକ ଲାଗୁଥିଲେ, ତେବେ ହୁଏତ ୫ ଜଣରେ ସେ କାମ ହୋଇ ପାରିବ। ତେଣୁ ପ୍ରାଥମିକ ଭାବରେ ନିଯୁକ୍ତି କ୍ଷେତ୍ରରେ ଏକ ସମସ୍ୟା ନିହାତି ଭାବରେ ସୃଷ୍ଟି ହେବ।

ତୃତୀୟରେ ଯେଉଁ ଆହ୍ୱାନଟି ରହିଛି, ତାହା ହେଉଛି- ବିଶ୍ୱସନୀୟତାର ପ୍ରଶ୍ନ। ଯେହେତୁ ଏସବୁ ପ୍ରଯୁକ୍ତି ବ୍ୟବହାର କରିବା ସହଜ ଏବଂ କ୍ରମଶଃ ତାହା ଜଣେ ସାଧାରଣ ଲୋକ ମଧ୍ୟ କରି ପାରିବ, ନିଜ ମୋବାଇଲ, କମ୍ପ୍ୟୁଟର ମାଧ୍ୟମରେ କରି ପାରିବ, ସେଥିପାଇଁ କୌଣସି ନକଲ (ଫେକ୍) ନ୍ୟୁଜ୍ ଦେବା ଅତ୍ୟନ୍ତ ସହଜ ହୋଇଯିବ। କ୍ରମଶଃ ପ୍ରଯୁକ୍ତିବିଦ୍ୟା ଯେଉଁ ଜାଗାରେ ପହଞ୍ଚୁଛି, ସେଥିରେ ସତ ମିଛ ଜାଣିବା ବହୁତ କଷ୍ଟ ହୋଇ ଯାଉଛି ଏବଂ ପରବର୍ତ୍ତୀ ସମୟରେ ଆହୁରି କଷ୍ଟ ହେବ।

ଏହା ସାମ୍ବାଦିକତା ପାଇଁ ଆହ୍ୱାନ, କାରଣ ସାମ୍ବାଦିକତାର ଲକ୍ଷ୍ୟ ହେଉଛି ସତ୍ୟକୁ ଉଜାଗର କରିବା। ପ୍ରାମାଣିକ ତଥ୍ୟ ଆଧାରରେ ସତ୍ୟକୁ ଉଜାଗର କରିବା ହେଉଛି ସାମ୍ବାଦିକତାର ଲକ୍ଷ୍ୟ। ଯେତେବେଳେ ନକଲ କରିବା ବେଶି ସୁବିଧା ହୋଇଯିବ, ମିଛ ଖବର ପ୍ରସାରିତ କରିବାର ସୁବିଧା ହୋଇଯିବ, ସେତେବେଳେ ସତଟାକୁ ଆଣି ପାଠକ ଶ୍ରୋତାମାନଙ୍କ ଆଗରେ ଥୋଇବା ଅଧିକ କଷ୍ଟକର ଏବଂ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯିବ।

ଏବେ ଦେଖାଯାଉ, ଏହାର ଭବିଷ୍ୟତ କ'ଣ ହେବ। ପ୍ରଯୁକ୍ତିବିଦ୍ୟାର ଯେଉଁ ପ୍ରକାର ବିକାଶ ହେଉଛି, ସେଥିରେ ଦଶ ବର୍ଷ ପରେ କ'ଣ ହେବ, ତା'ର ଭବିଷ୍ୟବାଣୀ କରିବା ଅତ୍ୟନ୍ତ କଷ୍ଟକର ହୋଇ ଯାଇଛି। ଗୋଟେ ଉଦାହରଣ ଦେଲେ ହୁଏତ ଏହା ଅଧିକ ସ୍ପଷ୍ଟ ହେବ। ଗୁଟେନବର୍ଗଙ୍କ ଦ୍ୱାରା ପ୍ରିଣ୍ଟିଂ ମେସିନର ଆବିଷ୍କାର ହୋଇଥିଲା ୧୪୫୫ରେ। ୫୦୦ ବର୍ଷ ଧରି ସେ ପ୍ରଯୁକ୍ତିରେ ଛାପାକାର୍ଯ୍ୟ ଚାଲୁଥିଲା। କମ୍ପ୍ୟୁଟର କ୍ଷେତ୍ରରେ ମାତ୍ର ୫୦ ବର୍ଷ ଭିତରେ ଆମୂଳଚୂଳ ପରିବର୍ତ୍ତନ ହୋଇ ଯାଇଛି। ସାମାଜିକ ଗଣମାଧ୍ୟମ କ୍ଷେତ୍ରରେ ଦେଖିଲେ ଫେସ୍‌ବୁକ୍, ହ୍ୱାଟସଆପ, ୟୁ-ଟ୍ୟୁବ୍, ଇନ୍‌ଷ୍ଟାଗ୍ରାମ୍- ଯେତିକି ସାମାଜିକ ଗଣମାଧ୍ୟମ ଅଧିକ ଲୋକପ୍ରିୟ, ଏ ସମସ୍ତଙ୍କ ବୟସ ୨୦ ତଳେ। ଅର୍ଥାତ୍ ମାତ୍ର ୨୦ ବର୍ଷ ଭିତରେ ଏହା ଗଣମାଧ୍ୟମର ଚେହେରାକୁ ସଂପୂର୍ଣ୍ଣ ବଦଳେଇ ଦେଲା। ତେଣୁ ଟେକ୍ନୋଲୋଜି କ୍ଷେତ୍ରରେ ବର୍ତ୍ତମାନ ଭବିଷ୍ୟବାଣୀ କରିବା ବଡ଼ କଷ୍ଟ।

ଆଉ ଗୋଟିଏ କଥା ହେଉଛି, ଟେକ୍ନୋଲୋଜି ହେଉଛି ୱାନ୍‌ୱେ ଟ୍ରାଫିକ- ଏକମୁଖୀ ରାସ୍ତା, ଯାହା କେବଳ ଆଗକୁ ହିଁ ଯିବ। ଆଉ ଏହାର ଗତିକୁ ବନ୍ଦ କରିବା ବା ଟେକ୍ନୋଲୋଜିର ପ୍ରଗତିକୁ ବିରୋଧ କରିବା ଅତ୍ୟନ୍ତ କଷ୍ଟସାଧ; ପ୍ରାୟ ଅସମ୍ଭବ। ଯେତେବେଳେ ବିଜୁଳି ଆସିଥିଲା, ସେତେବେଳେ ବି ଅନେକେ ଏହାର ବ୍ୟବହାରକୁ ବିରୋଧ କରିଥିଲେ। ଯେତେବେଳେ କମ୍ପ୍ୟୁଟର ଆସିଥିଲା, ସେତେବେଳେ ବି ଏହାର ବ୍ୟବହାରକୁ ବିରୋଧ କରାଯାଇଥିଲା। କିନ୍ତୁ ଏହା ଏବେ ଆମ ଜୀବନର ଅଙ୍ଗ ହୋଇଯାଇଛି। ଏହାକୁ ବାଦ୍ ଦେଇ ଆମ ଜୀବନ କଥା ଆମେ କଳ୍ପନା କରି ପାରୁନୁ। ସମାନ କଥା ପରବର୍ତ୍ତୀ ସ୍ତରୀୟ ପ୍ରଯୁକ୍ତି କ୍ଷେତ୍ରରେ। ତେଣୁ ଏଠି ଆମକୁ ପ୍ରଯୁକ୍ତିକୁ ଜାଣିବା ପାଇଁ ପଡ଼ିବ। ତା' ସହିତ ମହଣ ହେବାକୁ ପଡ଼ିବ। ତା' ଉପରେ ମାଷ୍ଟେରୀ ହାସଲ କରିବା ପାଇଁ ପଡ଼ିବ।

ତା' ସହିତ ନୂତନ ପ୍ରଯୁକ୍ତି ଯେମିତି କ୍ଷତି ନକରେ, ସେ ବିଷୟରେ ଯତ୍ନବାନ ହେବା ପାଇଁ ପଡ଼ିବ। ତାହା ନିତି ନିର୍ଦ୍ଧାରକମାନଙ୍କର କାମ। ଆଇନ୍ କରି ରେଗୁଲେଟ୍ କରି ତାହା ଯେମିତି କ୍ଷତି କରି ନ ପାରିବ, ତାହା ଦେଖିବା। ଓଡ଼ିଆ ସାମ୍ବାଦିକତା କ୍ଷେତ୍ରରେ ଭବିଷ୍ୟତ କଥା କହିଲେ କ୍ରମଶଃ ଓଡ଼ିଆ ସାମ୍ବାଦିକତାରେ ମଧ୍ୟ କୃତ୍ରିମ ମେଧା ଏବଂ ଅନ୍ୟାନ୍ୟ ନୂତନ ଜ୍ଞାନକୌଶଳର ବ୍ୟବହାର ଆରମ୍ଭ ହୋଇ ଗଲାଣି। ଆମ ଓଡ଼ିଆ ଟେଲିଭିଜନ ଚ୍ୟାନେଲରେ ମଧ୍ୟ ଏଆଇ ଆଙ୍କର କାର୍ଯ୍ୟକ୍ରମ ପ୍ରସାରଣ କରୁଛନ୍ତି। ପରବର୍ତ୍ତୀ ସମୟରେ ଯଦି ଲୋକେ ଏହାକୁ ଅଧିକ ଗ୍ରହଣ କରିବେ, ତା'ହେଲେ ଆହୁରି ଅଧିକରୁ ଅଧିକ ଏହାର ବ୍ୟବହାର ହେବ।

ତେଣୁ ଯେଉଁମାନେ ଗଣମାଧ୍ୟମ କ୍ଷେତ୍ରରେ ଅଛନ୍ତି ବା ଗଣମାଧ୍ୟମ କ୍ଷେତ୍ରକୁ ଆସୁଛନ୍ତି, ସେମାନଙ୍କ ପାଇଁ ନୂଆ ପ୍ରଯୁକ୍ତିକୁ ଶିଖିବା ଏବଂ ବ୍ୟବହାର କରିବା ଆବଶ୍ୟକ। ଅନ୍ୟଥା ଆପଣ ଏଇ ଗଣମାଧ୍ୟମ କ୍ଷେତ୍ରରେ ଅଲୋଡ଼ା ହୋଇଯିବେ।

ଶେଷ କଥା: କୃତ୍ରିମ ମେଧା ବ୍ୟବହାର କରିବା ଭଲ। କିନ୍ତୁ ସଂପୂର୍ଣ୍ଣ ଭାବରେ ଏହା ଉପରେ ନିର୍ଭର କରିବା ଠିକ୍ ନୁହେଁ। ତା'ର କାରଣ ହେଉଛି, କୃତ୍ରିମ ମେଧା ହେଲେ ବି ତାହା ମଣିଷକୃତ ଏବଂ ତା'ର ଜ୍ଞାନର ଗୋଟେ ସୀମାବଦ୍ଧତା ଅଛି। ତେଣୁ ଏହାକୁ ବ୍ୟବହାର କରନ୍ତୁ, ଏହା ଉପରେ ସଂପୂର୍ଣ୍ଣ ନିର୍ଭର କରନ୍ତୁ ନାହିଁ। ଆପଣ ଏହାର ମାଷ୍ଟର ହୁଅନ୍ତୁ। ଯନ୍ତ୍ରକୁ ଆପଣଙ୍କ ମାଷ୍ଟର ହେବାକୁ ଦିଅନ୍ତୁ ନାହିଁ।■

ସଂଚାର ମାର୍ଗ, ଢେଙ୍କାନାଳ

ନିତିଦିନ NITIDIN



## ପ୍ରଥମ ପୃଷ୍ଠାରୁ

### ଦୋଷୀଙ୍କୁ...

ଘଟଣା ସରକାରଙ୍କ ଦୃଷ୍ଟିକୁ ଆସିବା ମାତ୍ରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେବା ସହିତ ଆଇନ ଅନୁଯାୟୀ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି।'

ସେହିପରି ଅଖିଳ ଭାରତୀୟ ଆର୍ୟୁବିଜ୍ଞାନ ପ୍ରତିଷ୍ଠାନ (ଏମ୍ସ)ରେ ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ଭେଟି ଆଶ୍ୱାସନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସାମ୍ବାଦିକଙ୍କୁ ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ପୀଡ଼ିତାଙ୍କ ସହିତ ବିସ୍ତୃତ ଆଲୋଚନା କରିଛି। ସେ ମାନସିକ ସ୍ତରରେ ଦୁର୍ବଳ ହୋଇପଡ଼ିଛନ୍ତି। ତାଙ୍କୁ ଉଚିତ୍ ନ୍ୟାୟ ମିଳିବ। ରାଜ୍ୟ ସରକାର ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ସେ ଯେ'କେହି ବି ଛଡ଼ାଯିବ ନାହିଁ। ମାମଲା କ୍ରାଇମବ୍ରାଞ୍ଚକୁ ଯାଇଛି। ଡିଜିପି ୫ ଜଣଙ୍କୁ ସସ୍‌ପେଣ୍ଡ କରିଛନ୍ତି। ତେବେ ଡିସିପିଙ୍କ ରିପୋର୍ଟ ଆଧାରରେ ଭରତପୁର ଥାନାରେ ପୂର୍ବରୁ ହିଁ ସିସିଟିଭି ନଥିଲା। କିନ୍ତୁ ସରକାର ସମସ୍ତ ଥାନାରେ ସିସିଟିଭି ଲଗାଇବେ। ରାଜ୍ୟ ସରକାର ମହିଳାଙ୍କ ପ୍ରତି 'ଜିରୋ ଟଲେରାନ୍ସ' ନୀତି ଆପଣାଇଛନ୍ତି ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

### ବିଜେପି...

ସେହିପରି କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀ ମଧ୍ୟ ନିଜ ଏକ୍ସ ପୋଷ୍ଟରେ ଏସମ୍ପର୍କରେ ନିଜ ପ୍ରତିକ୍ରିୟା ରଖିଛନ୍ତି। ପ୍ରିୟଙ୍କା ଲେଖିଛନ୍ତି, ନିଜ ମହିଳା ବନ୍ଧୁଙ୍କ ସହ ସହାୟତା ମାଗିବାକୁ ଯାଇଥିବା ସେନା ଅଧିକାରୀଙ୍କ ସହ ଓଡ଼ିଶା ପୁଲିସ ଯେଉଁଭଳି ବ୍ୟବହାର କରିଛି ତାହା ଅତ୍ୟନ୍ତ ଭୟଙ୍କର ଓ ସମଗ୍ର ଦେଶକୁ ବିଚଳିତ କରିଦେଇଛି। ଅଯୋଧ୍ୟାରେ ମଧ୍ୟ ଜଣେ ଦଳିତ ସମ୍ପ୍ରଦାୟର ଗଣଦୁଷ୍କର୍ମ ପୀଡ଼ିତାଙ୍କ ସହ ପୁଲିସ ଏପ୍ରକାର ଅନ୍ୟାୟ କାର୍ଯ୍ୟ କରିଥିଲା ଏବଂ ନ୍ୟାୟ ଦେବା ପରିବର୍ତ୍ତେ ମାମଲା ରଫାଦଫା କରିବାକୁ ତାଙ୍କ ଉପରେ ଚାପ ପକାଇଥିଲେ କାରଣ ଅଭିଯୁକ୍ତମାନେ ବିଜେପି ସହ ଜଡ଼ିତ ଥିଲେ। ବିଜେପି ନେତୃତ୍ୱାଧୀନ ରାଜ୍ୟ ସରକାରମାନେ ପୁଲିସକୁ ରକ୍ଷକରୁ ଭକ୍ଷକରେ ପରିଣତ କରିବା ନୀତି କାର୍ଯ୍ୟକାରୀ କରୁଛନ୍ତି। ବିଜେପି ସରକାରରେ ମହିଳାଙ୍କ ବିରୋଧରେ ହେଉଥିବା ଅପରାଧ ପ୍ରତି ପୁଲିସର ଆଭିମୁଖ୍ୟ ବାସ୍ତବରେ କ୍ଷମତାରେ ଥିବା ଲୋକଙ୍କ ଠାରୁ ମିଳୁଥିବା ସୁରକ୍ଷାର ପରିଣାମ। ଏଭଳି ପରିସ୍ଥିତିରେ ଦେଶର ମହିଳାମାନେ ନିଜ ସୁରକ୍ଷା ଓ ନ୍ୟାୟ ପାଇଁ କ'ଣ କରିପାରିବେ ? ସେମାନେ କୁଆଡେ ଯିବେ ?

### ହାଇକୋର୍ଟ...

ମାମଲାକୁ ଗୁରୁତ୍ୱର ସହ ନେଇ ଏଥିରେ ହସ୍ତକ୍ଷେପ କରିବାକୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ନିବେଦନ କରିଛନ୍ତି ଲେଫ୍ଟନାଣ୍ଟ ଜେନେରାଲ ପିଏସ ଶେଖାୱତ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ବି ଥାନାରେ ସିସିଟିଭି କ୍ୟାମେରା ଲାଗି ନଥିବା ଓ ଜଣେ ସେନା ଅଫିସର ଏବଂ ତାଙ୍କ ବାନ୍ଧବୀଙ୍କ ଉପରେ ଅମାନବୀୟ ଅତ୍ୟାଚାର ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଅନୁରୋଧ କରିଛନ୍ତି ।

### ସରୋଜିନୀ ସାହୁ...

ଏଥିସହିତ କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନାର ଉତ୍କର୍ଷ ପାଇଁ ପ୍ରତିବର୍ଷ ଇମ୍ପାଚାରିଟେବଲ ଟ୍ରଷ୍ଟ ପକ୍ଷରୁ ପ୍ରଦାନ କରାଯାଉଥିବା 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ମଧ୍ୟ ୨୦୨୪ ମସିହା ପାଇଁ ଘୋଷିତ ହୋଇଛି। ବିଖ୍ୟାତ ଭାସ୍କର୍ଯ୍ୟଶିଳ୍ପୀ ସୁଦର୍ଶନ ସାହୁ ଏବଂ ପ୍ରସିଦ୍ଧ କଣ୍ଠଶିଳ୍ପୀ ତାନସେନ୍ ସିଂଙ୍କୁ ଚଳିତ ବର୍ଷ ଏହି ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବାବଦରେ ଉଭୟଙ୍କୁ ଦୁଇଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ଓ ଫଳକ ପ୍ରଦାନ କରାଯିବ। ସଙ୍ଗୀତ ବିଭାଗରେ ସୁସ୍ମିତା ଦାସ, ରତିକାନ୍ତ ଶତପଥୀ, ଶରତ ନାୟକ ଏବଂ ଚିତ୍ରକଳା ବିଭାଗରେ ପଞ୍ଚମୀ ମାନୁ ଉକୀଲ, ସତ୍ୟଭୂଷଣ ହୋତା ଓ ବୀରେନ୍ଦ୍ର ପାଣି ବିଚାରକ ଥିଲେ।

ଏଠାରେ ସୂଚନାଯୋଗ୍ୟ ଯେ ବିଶିଷ୍ଟ ଶିଳ୍ପପତି ବୈଜ୍ଞାନିକ ଡ. ବଂଶୀଧର ପଣ୍ଡା ଓ ତାଙ୍କର ସହଧର୍ମିଣୀ କଳାବିଦୁଷୀ ଇଲା ପଣ୍ଡାଙ୍କର କଳାତ୍ମକ ଚେତନାର ଫଳଶ୍ରୁତି ହେଉଛି ଶାରଳା ପୁରସ୍କାର ଉତ୍ସବ। ୧୯୮୦ ମସିହାରୁ ପ୍ରଦାନ କରାଯାଇଆସୁଥିବା ଶାରଳା ପୁରସ୍କାର ୪୫ ବର୍ଷ ଧରି ଏହାର ଅଭିଯାତ୍ରା ଜାରି ରଖିଛି। ପରବର୍ତ୍ତୀ ସମୟରେ ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ ଏହି ଗୌରବମୟ ପରମ୍ପରାରେ ସାମିଲ ହୋଇଛି। ଇମ୍ପାକ୍ଟରଅନ୍ୟଏକ ପ୍ରମୁଖ କାର୍ଯ୍ୟକ୍ରମ ମଧ୍ୟରେ ରହିଛି 'ଏକଲବ୍ୟ ପୁରସ୍କାର', ଯାହାକି ପ୍ରତିବର୍ଷ ଓଡ଼ିଶାର ଯୁବ କ୍ରୀଡ଼ାବିତମାନଙ୍କୁ ସେମାନଙ୍କ ଉତ୍କର୍ଷ ପାଇଁ ପ୍ରଦାନ କରାଯାଇଆସୁଛି।

### ଭିଜିଲାନ୍ସ...

ସେହିପରି ତାଙ୍କ ଶଳାଙ୍କ ଘରୁ ନଗଦ ୪୬.୪୫ ଲକ୍ଷ ଟଙ୍କା ଜବତ କରାଯାଇଛି। ମୁଖ୍ୟଯନ୍ତ୍ରୀ ଶ୍ରୀ ରାଓଙ୍କ ୨ଟି କୋଠା ମଧ୍ୟରୁ ଗୋଟିଏ ବ୍ରହ୍ମପୁରର ଭବାନୀପୁରରେ ରହିଛି। ତାହା ୨୧ଶହ ବର୍ଗଫୁଟ ଅଞ୍ଚଳରେ ଥିବା ବେଳେ ଅନ୍ୟ କୋଠାଟି ଭୁବନେଶ୍ୱରର ପାତ୍ରପଡ଼ାରେ ରହିଛି, ଯାହା ୩୦୦୦ ବର୍ଗ ଫୁଟ ଅଞ୍ଚଳରେ ନିର୍ମିତ ହୋଇଛି। ବ୍ରହ୍ମପୁରର ବୈଦ୍ୟନାଥପୁରର ସ୍କେକ୍ଟ୍ରମ ଗ୍ରୀନ୍ ଆପାର୍ଟମେଣ୍ଟରେ ତାଙ୍କର ଏକ ଥ୍ରି-ବିଏଚ୍‌କେ ଫ୍ଲାଟ ଅଛି। ଏହା ସହିତ ତାଙ୍କର ୨ଟି ବେନାମୀ ଫ୍ଲାଟ ଥିବା ସନ୍ଦେହ କରାଯାଉଛି। ସେଥିରୁ ଗୋଟିଏ ଭୁବନେଶ୍ୱରର ସୁନ୍ଦରପଦାରେ ଓ ଅନ୍ୟଟି ବ୍ରହ୍ମପୁରର ବୈଦ୍ୟନାଥନଗରର ସ୍ୱସ୍ତିକ ଆପାର୍ଟମେଣ୍ଟରେ ରହିଛି। ଭିଜିଲାନ୍ସର ଏହା ମାଲିକ କିଏ, ତାହା ସ୍ପଷ୍ଟ କରିବାକୁ ଯାଞ୍ଚ ଜାରି ରଖିଛି। ଶ୍ରୀ ରାଓଙ୍କର ୪ଟି ପ୍ଲଟ୍ ମଧ୍ୟରୁ ୨ଟି ଭୁବନେଶ୍ୱରରେ ଓ ଗୋଟିଏ ବ୍ରହ୍ମପୁରରେ ଅଛି। ଆଉ ଗୋଟିଏ ଗଞ୍ଜାମ ଜିଲ୍ଲାର ବଡ଼ଗୁମୁଲାରେ ଅଛି। ତାଙ୍କର ସମସ୍ତ କୋଠା, ଫ୍ଲାଟ ଓ ପ୍ଲଟର ମାପଚୁପ ଓ ମୂଲ୍ୟାୟନ କାର୍ଯ୍ୟ ଜାରି ରଖିଛି ଭିଜିଲାନ୍ସର ବୈଷୟିକ ଟିମ୍। ମୁଖ୍ୟଯନ୍ତ୍ରୀ ଶ୍ରୀ ରାଓଙ୍କ ଶାଳକଙ୍କ ଘରେ ମଧ୍ୟ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଉଥିଲା। ସେଠାରୁ ଭିଜିଲାନ୍ସକୁ ନଗଦ ୪୬.୪୫ ଲକ୍ଷ ଟଙ୍କା ମିଳିଛି। ଶ୍ରୀ ରାଓଙ୍କ ଶାଳକ ବ୍ରହ୍ମପୁର ଜେଲରେ ଡାକ୍ତର ଅଛନ୍ତି। ଏତେ ପରିମାଣରେ ନଗଦ ଅର୍ଥ କେଉଁଠାରୁ ଆସିଲା, ସେ ନେଇ ଭିଜିଲାନ୍ସ ପକ୍ଷରୁ ତଦନ୍ତ ଜାରି ରହିଛି। ଏସ୍‌ବିଆଇର ବ୍ରହ୍ମପୁର ଶାଖାରେ ଶ୍ରୀ ରାଓଙ୍କ ପତ୍ନୀଙ୍କ ନାମରେ ଏକ ଲକର ଅଛି। ଭିଜିଲାନ୍ସ ପକ୍ଷରୁ ଏଯାଏଁ ଉକ୍ତ ଲକରକୁ ଖୋଲା ଯାଇନି। ତାଙ୍କର ଅନ୍ୟାନ୍ୟ ଜମା, ନିବେଶ ଓ ସଂପତ୍ତି ନେଇ ଭିଜିଲାନ୍ସର ଖୋଳତାଡ଼ ଜାରି ରହିଛି।

### ୩ ବିଏସ୍‌ଏଫ...

ଆହତଙ୍କୁ ଏୟାରଲିଫ୍ଟ ଯୋଗେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବୁଡଗାଁଓର ବ୍ରେଲ ୱାଟରହେଲ ଅଞ୍ଚଳରେ ଏହି ଘଟଣା ଘଟିଛି। ନିର୍ବାଚନ ଡ୍ୟୁଟିରେ ନିୟୋଜିତ ହୋଇଥିବା ୩୫ ଜଣ ବିଏସ୍‌ଏଫ୍ ଯବାନଙ୍କୁ ନେଇ ଏକ ଘରୋଇ ବସ୍ (ଭଡା ସୂତ୍ରରେ) ଘାଟି ରାସ୍ତା ଦେଇ ଯାଉଥିବା ବେଳେ ଭାରସାମ୍ୟ ହରାଇ ଖାଇକୁ ଖସି ପଡ଼ିଥିଲା। ଆହତମାନଙ୍କୁ ବୁଡଗାଁଓ ଓ ଶ୍ରୀନଗରର ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବସ୍ ଚାଳକ ମଧ୍ୟ ଆହତ ହୋଇଛନ୍ତି। ପ୍ରକାଶ, ଜମ୍ମୁ ଓ କାଶ୍ମୀରରେ ବିଧାନସଭା ନିର୍ବାଚନ ପାଇଁ ତିନିଟି ପର୍ଯ୍ୟାୟରେ ଭୋଟ୍ ଗ୍ରହଣ ହେଉଥିବା ବେଳେ ପ୍ରଥମ ଚରଣ ଗତ ୧୮ ତାରିଖରେ ଶେଷ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟ ମତଦାନ ସେପ୍ଟେମ୍ବର ୨୫ ତାରିଖରେ ଅନୁଷ୍ଠିତ ହେବ।

### କେନ୍ଦୁଝରକୁ କରିବୁ...

ଏହା ସହିତ ଆପଣମାନେ ଗାଁ ଗହଳିରେ ବାସ କରୁଥିବା ଗରୀବ ଦୁଃଖୀ ଲୋକମାନଙ୍କର ଶୁଦ୍ଧିକ୍ରିୟା ପାଇଁ ପାଇଁ ମଧ୍ୟ ସହଯୋଗ କରୁଛନ୍ତି। ଗରୀବ ଲୋକଙ୍କ ସୁଖ ଦୁଃଖରେ ସାଥୀ ହୋଇ ସେମାନଙ୍କ ଅସମୟରେ ତାଙ୍କ ପାଖରେ ଛିଡା ହେବା ଦ୍ୱାରା ସେମାନଙ୍କର ମନୋବଳ କେତେ ବୃଦ୍ଧି ପାଉଥିବ ତାହା ସହଜରେ ଅନୁମେୟ ନୁହେଁ। ସେ କହିଥିଲେ ଯେ, ଆପଣମାନେ ଏହିପରି ୬୦୦ ରୁ ୭୦୦ ପରିବାରକୁ ସାହାଯ୍ୟ କରି ସମାଜକୁ ଏକ ସୁନ୍ଦର ବାର୍ତ୍ତା ଦେଇଛନ୍ତି। ଏହା ସହିତ ପ୍ରାୟ ଶତାଧିକ ରୋଗୀଙ୍କୁ ମଧ୍ୟ ସହରକୁ ନେଇ ଡାକ୍ତରଖାନାରେ ଚିକିତ୍ସା ଯୋଗାଇଦେବା କ୍ଷେତ୍ରରେ ମଧ୍ୟ ଆପଣମାନେ ସହଯୋଗ କରୁଛନ୍ତି। ଆପଣଙ୍କର ଏହି ଭଳି ସାମାଜିକ ଦାୟିତ୍ୱବୋଧ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଅନୁକରଣୀୟ। ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନିକଟରେ ବନ୍ଦେ ଭାରତ ଏକ୍ସପ୍ରେସ ଉଦଘାଟନ କରିଥିଲେ। ବ୍ରହ୍ମପୁର- ଟାଟା ନଗର ବନ୍ଦେ ଭାରତ ଏକ୍ସପ୍ରେସ କେନ୍ଦୁଝର ଦେଇ ଯାଉଛି। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, କୋରେଇ ବିଧାୟକ ଆକାଶ ଦାସ ନାୟକ, ତେଲକୋଇ ବିଧାୟକ ଡା ଫକୀର ମୋହନ ନାୟକ ପାଟଣା ବିଧାୟକ ଅଖିଳ ନାଏକ ,କେନ୍ଦୁଝର ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ ଏବଂ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂ ଉପସ୍ଥିତ ରହି ଥିଲେ। କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ରାଇସୁଆଁ ଏୟାର ଷ୍ଟ୍ରିପ ଠାରେ ଅବତରଣ କରି ଏକ ବିଶାଳ ବାଇକ୍ ଶୋଭାଯାତ୍ରା ରେ ସିଧା ଅଡିଟୋରିୟମ ପହଞ୍ଚି ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟବ୍ୟାପୀ ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବିଶିଷ୍ଟ ବ୍ୟକ୍ତିବିଶେଷ ମଧ୍ୟ ଉପସ୍ଥିତ ରହି ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିଲେ। ଲାଇଫ୍ ସେଭର୍ସ ଗ୍ରୁପ ଟ୍ରଷ୍ଟ ପକ୍ଷରୁ ବିଶିଷ୍ଟ ସମାଜସେବୀ ତଥା ଟ୍ରଷ୍ଟର ଆବାହକ ଯୁଧିଷ୍ଠିର ମହାନ୍ତ, ବିଦ୍ୟାଧର ମହାନ୍ତ, ବିଜୟ ଖୁଣ୍ଟିଆ, ମନୋଜ ମାଝୀ, ତରଣୀ ସେନ ମହାନ୍ତ, ପ୍ରିୟବ୍ରତ କମଳକୃଷ୍ଣ ନାୟକ, ବିଜୟ ମହାକୁଡ଼, ଅଭିଷେକ ସାହୁ, ରବିନ୍ଦ୍ର ସିଂ ଫୌଜି, ଲକ୍ଷ୍ମଣ ସିଙ୍କୁ, ବିନୋଦ ମହାନ୍ତ, ଚନ୍ଦ୍ରଶେଣ ମହାନ୍ତ ତଥା ପାଖାପାଖି ତିନିଶହରୁ ଅଧିକ ଯୁବ ରକ୍ତବୀର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ସଞ୍ଚାଳନ କରିଥିଲେ।

---

**ସୁଧୁରୁନି ଶିକ୍ଷା ବ୍ୟବସ୍ଥା**

# ଶିକ୍ଷକ ଜାଣିନାହାନ୍ତି ଶିକ୍ଷା ଅଧିକାରୀଙ୍କ ନାଁ, ପାଠପଢ଼ା ଛାଡ଼ି ନିଦରେ ଶିକ୍ଷକ

**ଓଡ଼ଗାଁ,୨୦।୯/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ଶିକ୍ଷା ବିଭାଗରେ ଦେଖିବାକୁ ମିଳିଛି ବିଚିତ୍ର ନୀତି। ଛାତ୍ରଛାତ୍ରୀଙ୍କୁ ପାଠପଢ଼ାଇବା ଏବେ ପ୍ରହସନ ପାଲଟିଛି। କିଛି ଶିକ୍ଷକ ବ୍ଲକ୍ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନାଁ ନ ଜାଣିବା ବିଭାଗର ପାରିବାପଣିଆ ଉପରେ ଅଙ୍ଗୁଳି ଉଠିଛି। ଖାଲି ସେତିକି ନୁହେଁ, ଛାତ୍ରଛାତ୍ରୀ ମଧ୍ୟ ଶିକ୍ଷକଙ୍କ ନାଁ ଜାଣିନଥିବାର ଠୋସ୍ ପ୍ରମାଣ ମିଳିଛି। ଏଭଳି ଘଟଣା ଓଡ଼ଗାଁ ବ୍ଲକ୍ ବିଟଲଗାଡ଼ିଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ସହକାରୀ ଶିକ୍ଷକ ପାଠ ପଢ଼ାଇବା ବଦଳରେ ଶୋଇଥିବା ଓ ପ୍ରଧାନଶିକ୍ଷକ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା।





ପ୍ରକାଶଥାଉକି, ଓଡ଼ଗାଁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧିନରେ ଥିବା ବିଟଲଗାଡ଼ିଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୩୭ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ବିଦ୍ୟାଳୟରେ ଦୁଇ ଜଣ ଶିକ୍ଷକ ଥିବାବେଳେ ଏଠି ପାଳିରେ ଶିକ୍ଷାଦାନ କରାଯାଇଥାଏ। ଆଜି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ଦଳେଇ ଅନୁପସ୍ଥିତ ଥିବାବେଳେ ସହକାରୀ ଶିକ୍ଷକ ଅଶୋକ କୁମାର ନାୟକ ଉପସ୍ଥିତ ଥିଲେ। ସେ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା ବଦଳରେ ଚେୟାରରେ ଶୋଇପଡ଼ିଥିଲେ। ଛାତ୍ରଛାତ୍ରୀ ନିଜ ଭିତରେ ଗପସପ କରୁଥିବା ଦେଖିବାକୁ ମିଳିଥିଲା। ହଠାତ୍ ସହକାରୀ ଶିକ୍ଷକ ଶ୍ରୀ ନାୟକ ନିଦରୁ ଉଠିପଡ଼ିଥିଲେ। ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢ଼ାଇବା ପାଇଁ ସରକାର ରାଜ୍ୟ ରାଜକୋଶରୁ ଶହଶହ କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ଛାତ୍ରଛାତ୍ରୀ ସଠିକ୍ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ଆଉ କିଛି ଶିକ୍ଷକ ବିଦ୍ୟାଳୟକୁ ଆସି କେବଳ ବୁଲିଚାଲି ଯାଉଥିବା ଅଭିଯୋଗ ହେଉଛି। ସହକାରୀ ଶିକ୍ଷକ ଶ୍ରୀ ନାୟକଙ୍କୁ ବ୍ଲକ୍ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନାଁ ଗଣମାଧ୍ୟମ ପ୍ରତିନିଧି ପଚାରିଥିଲେ ମଧ୍ୟ ସେ କହିନପାରିବାରୁ ଏଠି ଶିକ୍ଷାଦାନ କିଭଳି ଚାଲିଥିବ ତାହା ବାସ୍ତବରେ ଅନୁମାନ କରିହେଉଛି। ଏମିତିକି ଅତିରିକ୍ତ ଶିକ୍ଷା ଅଧିକାରୀଙ୍କ ନାଁ କହିବାକୁ ସେ ଅସମର୍ଥ ହୋଇ ପଡ଼ିଥିଲେ। ଛାତ୍ରଛାତ୍ରୀ ମଧ୍ୟ ଶିକ୍ଷକଙ୍କ ନାଁ କହି ନ ପାରିବା ଶିକ୍ଷା ବ୍ୟବସ୍ଥାର ଦୁର୍ବଳତାକୁ ବେଶ ବାରି ହୋଇପଡୁଛି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ି ତୋଳିବାକୁ ବାପା-ମାଆ କେତେ ଆଶାନେଇ ବିଦ୍ୟାଳୟକୁ ପିଲାମାନଙ୍କୁ ପଠାଇଥାନ୍ତି କିନ୍ତୁ ଏଠି ପାଠପଢା କେତେ ଯେ ତଳସ୍ତରକୁ ଯାଉଛି ତାହା ନଦେଖିଲେ ସହଜରେ ଜାଣିବା କଷ୍ଟକର ହେବ। ଯେଉଁଠି ନିଜେ ଶିକ୍ଷକମାନେ ଶିକ୍ଷା ବିଭାଗ ଅଧିକାରୀଙ୍କ ନାଁ ଜାଣିନଥିବେ ସେମାନେ ଛାତ୍ରଛାତ୍ରୀଙ୍କୁ କିଭଳି ପାଠ ପଢ଼ାଉଥିବେ ତାହା ସହଜରେ ବୁଝାପଡୁଛି। ତେବେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ସହିତ ଅନିଭିଜ୍ଞ ଶିକ୍ଷକଙ୍କୁ ତାଲିମ୍ ପ୍ରଦାନ କରାଯାଉ ବୋଲି ଅଭିଭାବକ ମହଲରେ ଦାବିଉଠିଛି। ଏହି ଘଟଣାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୀତାଞ୍ଜଳି ସାହୁ ଏହାର ତଦନ୍ତକରି ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି।

---

## ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା




**ନିମାପଡ଼ା,୨୦।୯/ଏନ୍‌ଏନ୍‌ଏସ୍:** ନିମାପଡ଼ା ଶିକ୍ଷା ମଣ୍ଡଳ ତରଫରୁ ଶୁକ୍ରବାର ନିମାପଡ଼ା ଉଚ୍ଚ ବିଦ୍ୟାଳୟ ପୁରୁଣା କ୍ୟାମ୍ପସ୍‌ଠାରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଆନୁକୁଲ୍ୟରେ ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସବ୍ ଜୁନିଅର, ଜୁନିଅର, ସିନିଅର ବିଭାଗରେ ୯ ଜଣ ବିଜୟୀ ହୋଇଛନ୍ତି। ସବ୍-ଜୁନିଅରରେ ଗଡ଼ଚାନ୍ଦପୁର ସ୍କୁଲର ଆଶୀର୍ବାଦ ପ୍ରଧାନ ପ୍ରଥମ ସ୍ଥାନ, ଚାରିମୌଜା ସ୍କୁଲର ସାଲୋନି ନାୟକ ଦ୍ୱିତୀୟ ଓ ଚଡ଼େଇଗାଁ ସ୍କୁଲର ମାମୁନି ଭଞ୍ଜ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଜୁନିଅରରେ ଜେ.ବି.ଆର. ସ୍କୁଲର ମେହମୁଦା ଖାତୁନ ପ୍ରଥମ, ରେଙ୍ଗାଲୋ ସ୍କୁଲର ସୌମ୍ୟ ରଞ୍ଜନ ପାତ୍ର ଦ୍ୱିତୀୟ ଓ ହରିପୁର ସ୍କୁଲର ରାଜଲକ୍ଷ୍ମୀ ବେହେରା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସିନିଅରରେ ନିମାପଡ଼ା ଉଚ୍ଚ ବିଦ୍ୟାଳୟର ଲିପୁନ୍ ଗୁରୁ ପ୍ରଥମ, ଜେ.ବି.ଆର. ସ୍କୁଲର ପ୍ରତ୍ୟାଶା ପ୍ରିୟଦର୍ଶିନୀ ଦାସ ଦ୍ୱିତୀୟ ଓ ଗୋପୀନାଥପୁର ସ୍କୁଲର ସତ୍ୟରଞ୍ଜନ ପୃଷ୍ଟି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ବସନ୍ତ କୁମାର ସ୍ୱାଇଁ, ମଣ୍ଡଳ ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ, ଏବିଇଓ ପ୍ରତିଭା ମହାନ୍ତି, ନିମାପଡ଼ା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ବ୍ଲକର ୨୮୦ ବିଦ୍ୟାଳୟରୁ ୨୮୦ ଜଣ ବିଦ୍ୟାର୍ଥୀ ଏଥିରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ସିଆର୍‌ସିସି ସହଯୋଗ କରିଥିଲେ।

## ଚୋରଙ୍କୁ ଧରାଇଲା ସାଇରନ୍

**ଟାଙ୍ଗୀ,୨୦।୯/ଏନ୍‌ଏନ୍‌ଏସ୍:** ଟାୱାର୍‌ରୁ ତାର ଚୋରି କରୁଥିବା ବେଳେ ଧରାଇଦେଲା ସିଗନାଲ୍ ସାଇରନ। ଏଭଳି ଘଟଣା ଘଟିଛି ଟାଙ୍ଗୀ ଥାନା ଅନ୍ତର୍ଗତ ନପଙ୍ଗ ପଞ୍ଚାୟତ ଇଟୁଆ ଗ୍ରାମନିକଟରେ ଥିବା ଭୋଡ଼ାଫୋନ୍ ଟାୱାରରେ। ସୂଚନା ମୁତାବକ ଆଜି ସକାଳେ ଭଟିମୁଣ୍ଡା ପଞ୍ଚାୟତର ଦୁଇ ଜଣ ବ୍ୟକ୍ତି ଯଚିନ୍ଦ୍ର ସାହୁ, ସଞ୍ଜୟ କୁମାର ସାହୁ ତାର ଚୋରି କରୁଥିବା ବେଳେ ସିଗ୍‌ନାଲ୍ ସାଇରନ୍ ଟାୱାର୍ ସୁପର୍‌ଭାଇଜର୍ ଆଲୋକ କୁମାର ଦାସଙ୍କ ବାଜିଉଠିଥିଲା। ସେ ତୁରନ୍ତ ଉକ୍ତ ଗ୍ରାମର କିଛି ଟାୱାର କର୍ମଚାରୀଙ୍କୁ ଖବର ଦେଇଥିଲେ। ଟାୱାର କର୍ମଚାରୀ ସ୍ଥାନୀୟ ଲୋକମାନେ ସେଠାରେ ପହଞ୍ଚି ଦେଖନ୍ତି ତ ଦୁଇ ଜଣ ବ୍ୟକ୍ତି ତାର କାଟୁଛନ୍ତି । ବିଳମ୍ବ ନକରି ଦୁଇ ଜଣଙ୍କୁ କାବୁ କରିବା ସହ ପୁଲିସ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଦୁଇ ଜଣକୁ ଥାନାକୁ ଆଣି କୋର୍ଟ ଚାଲାଣ କରିଥିଲେ। ସେମାନଙ୍କ ନିକଟରୁ ୧୪୦ମିଟର ତାର, କଟର୍ ମେସିନ୍ ଓ ଏକ ତାଲା ଅଟୋ ଜବତ କରିଛି। ତେବେ ଜବତ ହୋଇଥିବା ତାରର ଅନୁମାନିକ ମୂଲ୍ୟ ୫୦ ହଜାରରୁ ଉର୍ଦ୍ଧ୍ୱ ହେବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଚଳନ୍ତା ଟ୍ରାକ୍ଟର୍‌ରୁ ଖସି ଚାଳକ ମୃତ

**ଟାଙ୍ଗୀ,୨୦।୯/ଏନ୍‌ଏନ୍‌ଏସ୍:** ମରଣ କାହା ଭାଗ୍ୟରେ କେତେ ବେଳେ କେମିତି ଆସିବ କେହି କହିପାରିବେନି। ହେଲେ ନିଜେ ଗାଡ଼ି ଚଳାଇ ନିଜ ଗାଡ଼ି ଚକ ତଳେ ପଡ଼ି ଜୀବନ ହାରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ଏଭଳି ଦୁଃଖଦ ଘଟଣା ଘଟିଛି ଟାଙ୍ଗୀ ଥାନା କନ୍ହେପୁର ପଞ୍ଚାୟତ ତେଲିଆପଡ଼ା ରାସ୍ତାରେ। ସୂଚନା ମୁତାବକ କ୍ଷେତ୍ରଫଳ ଗ୍ରାମର କାଣ୍ଡୁରାମ ସିଂ (୫୦) ନାମକ ଜଣେ ଟ୍ରାକ୍ଟର ଡ୍ରାଇଭର୍ ତେଲିଆପଡ଼ା ଗ୍ରାମ ନିକଟରେ ହୋଇଥିବା ଇଟା କମ୍ପାନୀରୁ ଇଟା ଲୋଡ୍ କରି ଭଗତପୁର ଛକ ଅଭିମୁଖେ ଆସୁଥିଲେ। ହେଲେ ଟ୍ରାକ୍ଟର୍‌ଟି ଚଳନ୍ତା ଅବସ୍ଥାରେ ଥିବାବେଳେ କୌଣସି କାରଣବଶତଃ କାଣ୍ଡୁରାମ ଟ୍ରାକ୍ଟର ମଝି ଚକା ତଳେ ପଡ଼ିଯାଇଥିଲେ।

ତେବେ ବସିଥିବା ଦୁଇ ଜଣ ହେଲ୍ପର ଗାଡ଼ିଟିକୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଅସଫଳ ହେବା ସହ ଗାଡ଼ିଟି ସମ୍ପୂର୍ଣ୍ଣ ଭାବେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ଡ୍ରାଇଭର ଜଣକର ମୃତ୍ୟୁ ହେବା ସହ ଗାଡ଼ି ବିଲ କଡ଼କୁ ମାଡ଼ି ହୋଇ ଯାଇଥିଲା। ତୁରନ୍ତ ସ୍ଥାନୀୟ ଲୋକେ ପହଞ୍ଚି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲ୍‌କୁ ପଠାଇ ଟ୍ରାକ୍ଟରଟିକୁ ଜବତ କରି ଥାନାକୁ ଆଣିବା ସହ ଅଧିକ ତଦନ୍ତ ଜାରି ରଖିଛି।

## ଜିଲ୍ଲାସ୍ତରୀୟ ବିକାଶ ମେଳା



**ନୟାଗଡ଼,୨୦।୯/ଏନ୍‌ଏନ୍‌ଏସ୍:** ନୟାଗଡ଼ ଷ୍ଟାଡିୟମ୍‌ଠାରେ ଜିଲ୍ଲାସ୍ତରୀୟ ବିକାଶ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମବାୟ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ କୁମାର ବଳ, ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଉପସ୍ଥିତ ରହିଥିଲେ। ନୟାଗଡ଼ ଜିଲ୍ଲାପଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ପଣ୍ଡା, ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ପ୍ରମୁଖ ଉପସ୍ଥିତ ରହିଥିଲେ। ଜିଲ୍ଲାପାଳ ସ୍ୱାଗତ ଅଭିଭାଷଣପୂର୍ବକ ନୟାଗଡ଼ ଜିଲ୍ଲାରେ ରାଜ୍ୟ ସରକାରଙ୍କ ଦ୍ୱାରା ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ପାଇଁ ଜଙ୍ଗଲ ଓ ପରିବେଶ ମଞ୍ଜୁରୀପ୍ରାପ୍ତ ହେବା ନୟାଗଡ଼ ଜିଲ୍ଲାବାସୀଙ୍କ ପାଇଁ ଏକ ବଡ଼ ପଦକ୍ଷେପ ବୋଲି କହିଥିଲେ। ଏହା ସହିତ ଜିଲ୍ଲାରେ ୩.୫ ଲକ୍ଷ ହିତାଧିକାରୀ ସୁଭଦ୍ରା ଯୋଜନାରେ ଉପକୃତ ହେବେ ବୋଲି ସୂଚନା ଦେବା ସହ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଜିଲ୍ଲାପାଳ ସୂଚନା ପ୍ରଦାନ କରିଥିଲେ।

ଖଣ୍ଡପଡ଼ା ବିଧାୟକ ଶ୍ରୀଯୁକ୍ତ ସ୍ୱାଇଁ ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ବଜେଟ୍ ସମ୍ପର୍କରେ ଆଲୋକପାତ କରିବା ସହ ନୟାଗଡ଼ ପାଇଁ ଚିନିଶିଳ୍ପର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ସମବାୟ ମନ୍ତ୍ରୀ ୬ ମାସ ମଧ୍ୟରେ ଚିନିଶିଳ୍ପ ଚଲାଇବା ପାଇଁ ପ୍ରତିଶ୍ରୁତି ଦେବାକୁ ସେ ଆହ୍ୱାନ ଦେଇଥିଲା। ମୁଖ୍ୟଅତିଥି ଶ୍ରୀ ସାମନ୍ତ ତାଙ୍କ ବକ୍ତବ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା, ରତ୍ନ ଭଣ୍ଡାର ଖୋଲାଯାଇ ଗଣତି ମଣିତି ହେବା, ସୁଭଦ୍ରା ଯୋଜନା କାର୍ଯ୍ୟକାରୀ ହେବା, ସୂର୍ଯ୍ୟଘର ଯୋଜନା ପାଇଁ ବ୍ୟୟ ବରାଦ ହେବା ଏବଂ ରାଜ୍ୟରେ ୨ଟି ବନ୍ଦେ ଭାରତ ଟ୍ରେନ ଚାଲିବା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ ବ୍ଲକର ସୁଭଦ୍ରା ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ୯ଟି ଗ୍ରାମକୁ ଗୋଷ୍ଠୀ ଜଙ୍ଗଲ ଅଧିକାର ପଟ୍ଟା ପ୍ରଦାନ କରାଯାଇଥିଲା। ଏଥିରେ ବହୁ ସଂଖ୍ୟାରେ ମହିଳା ଉପସ୍ଥିତ ଥିଲେ। ଜିଲ୍ଲାପାଳ ଶ୍ରୀ ଅଗ୍ରୱାଲ ବିଜେପି ଜିଲ୍ଲା ସଭାପତି ତାପସ କୁମାର ମାର୍ଥାଙ୍କୁ ଶ୍ରେଷ୍ଠ ସମାଜସେବୀ ଭାବେ ସମ୍ବର୍ଦ୍ଧିତ କରିଥିଲେ।

## ଧନ୍ଦାମୂଳକ ଶିକ୍ଷାର୍ଥୀଙ୍କ ଶିଳ୍ପାନୁଷ୍ଠାନ ପରିଭ୍ରମଣ

**ଶରଣକୁଳ,୨୦।୯/ଏନ୍‌ଏନ୍‌ଏସ୍:** ଶରଣକୁଳ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ସମଗ୍ର ଶିକ୍ଷା ଯୋଜନା ଅଧୀନରେ ଚାଲୁଥିବା ଧନ୍ଦାମୂଳକ ଶିକ୍ଷା ଛାତ୍ରଛାତ୍ରୀଙ୍କ ଦ୍ୱାରା ଶିଳ୍ପାନୁଷ୍ଠାନ ପରିଭ୍ରମଣ ଶିକ୍ଷା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଇଲେକ୍ଟ୍ରୋନିକ୍ସ ଓ ହାର୍ଡୱେର ବିଭାଗର ଛାତ୍ରଛାତ୍ରୀ ଶିଳ୍ପାନୁଷ୍ଠାନ ପରିଭ୍ରମଣ କରି ବିଭିନ୍ନ ଜ୍ଞାନ କୌଶଳ ଉପରେ ଶିକ୍ଷା ଲାଭ କରିଛନ୍ତି। ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଶ୍ମିରଞ୍ଜନ ମିଶ୍ର ଓ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାକର ସାହୁଙ୍କ ମିଳିତ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ଟି.ପି.ସି.ଓ.ଡ଼ି.ଏଲ ଶରଣକୁଳ ସେକ୍ସନ -୧୩୩/୧୧କେଭି ସବ୍‌ଷ୍ଟେସନ୍ ପରିଭ୍ରମଣ କରି ବିଭିନ୍ନ ଶିକ୍ଷା ଗ୍ରହଣ କରିଥିଲେ।




ଇଲେକ୍ଟ୍ରୋନିକ୍ସ ଓ ହାର୍ଡୱେର ବିଭାଗର ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ପ୍ରଶିକ୍ଷକ ଗୌରାଙ୍ଗ ସାହୁଙ୍କ ସହିତ ଶିଳ୍ପନୁଷ୍ଠାନକୁ ଯାଇଥିଲେ। ସେଠାରେ ଲାଇନମ୍ୟାନ -ବି ସୁଜିତ କୁମାର ପ୍ରଧାନ ଓ କନିଷ୍ଠ ଯନ୍ତ୍ରୀଙ୍କ ସହଯୋଗକ୍ରମେ ଟ୍ରାନ୍ସଫର୍ମର୍‌ର ରକ୍ଷଣାବେକ୍ଷଣ , ଆଧୁନିକ ଇଲେକ୍ଟ୍ରିକାଲ ଯନ୍ତ୍ରପାତି, ଜ୍ଞାନ କୌଶଳ ଓ ଏହାର ସୁରକ୍ଷା କିପରି କରାଯାଇ ପାରିବ ସେ ବିଷୟରେ ଜ୍ଞାନ ଲାଭ କରିଥିଲେ। ଏଥିରେ ବିଦ୍ୟାଳୟ ଧନ୍ଦାମୂଳକ ଶିକ୍ଷା ଗ୍ରହଣ କରୁଥିବା ୪୫ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଶିକ୍ଷା ଛାତ୍ରଛାତ୍ରୀଙ୍କ ପାଇଁ ବିଶେଷ ଲାଭପ୍ରଦ ହେବ ବୋଲି ପ୍ରଶିକ୍ଷକ ଶ୍ରୀ ସାହୁ କହିଛନ୍ତି।

---

**ଷଷ୍ଠ କଣ୍ଟାପଡ଼ା ପଞ୍ଚାୟତ ସମିତି ବୈଠକ**

# ଦଳଗତ ମନୋଭାବ ଭୁଲି ଏକାଠି କାମ କରିବାକୁ ପରାମର୍ଶ

**କଣ୍ଟାପଡ଼ା,୨୦।୯/ଏନ୍‌ଏନ୍‌ଏସ୍:** କଣ୍ଟାପଡ଼ା ପଞ୍ଚାୟତ ସମିତିର ଷଷ୍ଠ ସାଧାରଣ ବୈଠକ ଶାନ୍ତି ଶୃଙ୍ଖଳା ମଧ୍ୟରେ ଶେଷ ହୋଇଛି। ସମିତି ଅଧ୍ୟକ୍ଷା ସୁଶ୍ରୀ ଜିନା ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନିଆଳି ବିଧାୟକ ଛବି ମଲ୍ଲିକ ଯୋଗଦେଇ ମାଟି ମା'ର ଉନ୍ନତି ପାଇଁ ପାର୍ଟିକୁ ପଛରେ ପକାଇ ସମସ୍ତେ ଏକାଠି ହେବାକୁ ପରାମର୍ଶ ଦେଇଥିଲେ।



କଣ୍ଟାପଡା ପଞ୍ଚାୟତ ସମିତିର ଷଷ୍ଠ ସାଧାରଣ ବୈଠକ ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ କାରଣକୁ ନେଇ ଏହି ବୈଠକଟି ବେଶ ସରଗରମ ହେବ ବୋଲି ପ୍ରାକ୍ ସୂଚନା ମିଳିଥିଲେ ମଧ୍ୟ କିଛି ନିର୍ବାଚିତ ପ୍ରତିନିଧିଙ୍କ ଗୋଟି ଚାଳନା କାରଣରୁ ଶେଷରେ ଏହା ଶାନ୍ତିଶୃଙ୍କଳା ମଧ୍ୟରେ ଶେଷ ହୋଇଛି। ନବ ନିର୍ବାଚିତ ବିଧାୟକ ଛବି ମଲ୍ଲିକଙ୍କ ପାଇଁ ଏହା ପ୍ରଥମ ବୈଠକ ହୋଇଥିବା ବେଳେ ବୈଠକଟି ଆଶାତୀତ ଶାନ୍ତି ଶୃଙ୍ଖଳା ମଧ୍ୟରେ ଶେଷ ହୋଇଛି। ପ୍ରଥମେ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ଓ ପରେ ଜାତୀୟ ସଂଗୀତ ଗାନ ପରେ ବୈଠକ ଆରମ୍ଭ ହୋଇଥିଲା। ପରେ ଜିପିଇଓ ସବିତା ଜେନା ପୂର୍ବ ବୈଠକର ବିବରଣୀ ପାଠ କରିବା ପରେ ବିଧାୟକ ଛବି ମଲ୍ଲିକ ଉପସ୍ଥିତ ସଭାକୁ ସମ୍ବୋଧନ କରିଥିଲେ। ବିଧାୟକ ତାଙ୍କ ବକ୍ତବ୍ୟରେ କଣ୍ଟାପଡ଼ା ପଞ୍ଚାୟତ ସମିତିର ସମସ୍ତ ସଦସ୍ୟ ଦଳଗତ ମନୋଭାବକୁ ଭୁଲି ସାଧାରଣ ଲୋକଙ୍କ ପାଇଁ କାମ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ପ୍ରତ୍ୟେକ ନିର୍ବାଚିତ ପ୍ରତିନିଧିଙ୍କ ନିଜସ୍ୱ କ୍ଷମତା ଉପରେ କାହାରି କିଛଇବି ଚାପ କିମ୍ବା ପ୍ରଭାବ ରହିବ ନାହିଁ ବୋଲି ସଭାରେ ପ୍ରତିଶ୍ରୁତି ଦେଇଥିଲେ। ପରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମୁତାବକ ଯୋଗାଣ ବିଭାଗ, ଭତ୍ତା ବିଭାଗ, ମିଶନ୍ ଶକ୍ତି ବିଭାଗ, ଉନ୍ନୟକ ବିଭାଗ, ପାନୀୟ ଜଳ ଯୋଗାଣ ବିଭାଗ ପରି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ବିଭିନ୍ନ ପଞ୍ଚାୟତରେ ଲାଗି ରହିଥିବା ଏହି ସବୁ ବିଭାଗର କାର୍ଯ୍ୟକାରିତା ଉପରେ ସଦସ୍ୟମାନେ ପ୍ରଶ୍ନ କରିଥିବାବେଳେ ବିଭାଗୀୟ ଅଧିକାରୀମାନେ ତା'ର ଉତ୍ତର ରଖିଥିଲେ। ବୈଠକରେ କଣ୍ଟାପଡ଼ା ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟ, ଉପାଧ୍ୟକ୍ଷ ଯଚିନ୍ଦ୍ର ନାଥ ବରାଳ, ଜିଲ୍ଲା ପରିଷଦ ସଦସ୍ୟ ପୀୟୁଷ ମିଶ୍ର, କ୍ରିଷ୍ଣାରାଣୀ ବେହେରା ପ୍ରମୁଖ ଉପସ୍ଥିତ ଥିବାବେଳେ ବିଡିଓ ସ୍ୱପ୍ନୀତା ନାୟକ ବୈଠକ ସଞ୍ଚାଳନ କରିଥିଲେ। ବିଭିନ୍ନ ପ୍ରସଙ୍ଗ ଉପରେ ସରପଞ୍ଚ ନିର୍ମଳ କୁମାର ସାହୁ, ତୃପ୍ତିମୟୀ ରାଉତ, ଜ୍ୟୋତ୍ସ୍ନାରାଣୀ ସେଠୀ, କୁନି ଭୋଇ, ଅଭିଷେକ ମହାପାତ୍ର, ହେମନ୍ତ କୁମାର ମଲ୍ଲିକ, ସଞ୍ଜୟ କୁମାର ରାଉତରାୟ, ସସ୍ମିତା ଶାସେନୀ, ଇତିଶ୍ରୀ ବେହେରା, ସୁମିତ୍ରା କର, ସମିତି ସଦସ୍ୟ ବୃନ୍ଦନାଥ ବେହେରା, ପ୍ରଶାନ୍ତ କୁମାର ପାଢ଼ୀ, ପବିତ୍ର ମୋହନ ସ୍ୱାଇଁ, ଜଗନ୍ନାଥ ସାହୁ, ପ୍ରିୟବ୍ରତ ବେଉରା ପ୍ରମୁଖ ଆଲୋଚନା କରିଥିଲେ।

## ବିଦ୍ୟାଳୟସ୍ତରୀୟ ଖେଳକୁଦ ପ୍ରତିଯୋଗିତା

**ବାରିପଦା,୨୦।୯/ଏନ୍ଏନ୍ଏସ୍:** ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାରିପଦା ବ୍ଲକ୍‌ର ବିଦ୍ୟାଳୟସ୍ତରୀୟ ବାର୍ଷିକ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତପସ୍ୱିନୀ ଦାଶ ଓ ବ୍ରଜମୋହନ ମୁର୍ମୁ ଅତିଥିଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହ ପ୍ରତିଯୋଗୀଙ୍କୁ ଉନ୍ନତମାନର ଖେଳ ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୋମନାଥ ସିଂହ, ନୋଡ଼ାଲ କ୍ରୀଡ଼ା ପ୍ରଶିକ୍ଷକ କଳ୍ପନା ମହାପାତ୍ରଙ୍କ ସମେତ ନଳିନୀ ସେନାପତି, କ୍ଷୀରୋଦ ବେହେରା, ସୋନାଲି ପରଡ଼ା, ଅଭିଷେକ ବେହେରା, ନାଦିଆ ଦାସ ଓ ବାସନ୍ତୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

୧୭ ବର୍ଷରୁ କମ୍ ବିଭିନ୍ନ ବିଭାଗରେ ପାୟଲ ହାଁସଦା, କିସୁନ ବାସ୍କେ, ସଲମା ହାଁସଦା, ରଘୁନାଥ ମୁର୍ମୁ, ଜସ୍ମିତା ସିଂ, ଧନୁର୍ଜୟ ମାର୍ଣ୍ଡି, ତରୁଣକାନ୍ତି ମାର୍ଣ୍ଡି, ଗୀତାଞ୍ଜଳି ମୁର୍ମୁ, ଚନ୍ଦନ ମହାପାତ୍ର ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ୧୪ ବର୍ଷରୁ କମ୍ ବିଭିନ୍ନ ବିଭାଗରେ ପାପାଲି ସିଂ, ଖେଲେ ସୋରେନ, ରିଷିକ ସୋରେନ, ପାପାଲି ସିଂ, କିସୁନ କିସ୍କୁ ଓ ସରସ୍ୱତୀ ମୁର୍ମୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

ସରକାରଙ୍କ ୧୦୦ ଦିନ ପୂର୍ତ୍ତି

# ୨୨ରୁ ଜିଲ୍ଲାସ୍ତରୀୟ ବିକାଶମେଳା ଓ ସାଂସ୍କୃତିକ ମହୋତ୍ସବ



**କେନ୍ଦ୍ରାପଡ଼ା,୨୦।୯/ଏନ୍ଏନ୍ଏସ୍:** ସରକାରଙ୍କ ୧୦୦ ଦିନ ପୂର୍ତ୍ତି ଉପଲକ୍ଷେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ଏକ ଜିଲ୍ଲାସ୍ତରୀୟ ବିକାଶମେଳା ଏବଂ ସାଂସ୍କୃତିକ ମହୋତ୍ସବର ଆୟୋଜନ କରାଯିବ। ଏହି ଅବସରରେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।

ଏଥିରେ ଜିଲ୍ଲାପାଳ ଶ୍ରୀ ପ୍ରଧାନ କହିଥିଲେ, ୨୦୩୬ ମସିହା ସୁଦ୍ଧା ବିକଶିତ ଓଡ଼ିଶାର ଅଭ୍ୟୁଦୟ ପାଇଁ ସରକାରଙ୍କର ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେବାସହ ପ୍ରଗତିର ନୂତନ ସୂର୍ଯ୍ୟୋଦୟ ହେବ। ତେଣୁ ସରକାରଙ୍କ ୧୦୦ ଦିନର ପୂର୍ତ୍ତି ଉପଲକ୍ଷେ ଆସନ୍ତା ୨୨ ତାରିଖ ସକାଳ ୧୧ଟାରେ ଏକ ଜିଲ୍ଲାସ୍ତରୀୟ ବିକାଶମେଳା ଏବଂ ସାଂସ୍କୃତିକ ମହୋତ୍ସବକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ଲୋକସଭା ସାଂସଦ ବୈଜୟନ୍ତ ପଣ୍ଡା, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ଜିଲ୍ଲାର ସମସ୍ତ ପଞ୍ଚାୟତ ସମିତି ଓ ପୌରପରିଷଦର ଅଧ୍ୟକ୍ଷ ପ୍ରମୁଖ ଯୋଗଦେବେ।

ଏହି ବିକାଶମେଳାରେ ୩୫ଟି ଷ୍ଟଲ୍ ପ୍ରଦର୍ଶନ କରାଯିବା ସହ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ୩ ଦିନିଆ

### ଉଦ୍‌ଘାଟନ କରିବେ ଉପମୁଖ୍ୟମନ୍ତ୍ରୀ

ବିକାଶମେଳାର ପ୍ରତି ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ବ୍ୟବସ୍ଥା କରାଯାଇଛି।

ଏହି କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ମଞ୍ଚ ପରିଚାଳନାଠାରୁ ଆରମ୍ଭ କରି ଆଇନଶୃଙ୍ଖଳା ପର୍ଯ୍ୟନ୍ତ ୧୫ଟି କମିଟି ଗଠନ କରାଯାଇଛି ଏବଂ ପ୍ରତ୍ୟେକ କମିଟିରେ ବରିଷ୍ଠ ଅଧିକାରୀଙ୍କୁ ମୁଖ୍ୟ ଦାୟିତ୍ୱ ଦିଆଯାଇଛି। ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଦିଆଯାଇଥିବା ଦାୟିତ୍ୱକୁ ସଠିକ୍ ଭାବେ ନିର୍ବାହ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏଥିରେ ବିଭିନ୍ନ ବିଭାଗ ଯଥା ପୁଲିସ, ଅଗ୍ନିଶମ, ଓରମାସ୍, ଜିଲ୍ଲାପରିଷଦ, ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା, ରାଜନଗର ବନଖଣ୍ଡ, ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ କୃଷି, ପଶୁ ଚିକିତ୍ସା, ମିଶନ ଶକ୍ତି, ହସ୍ତଶିଳ୍ପ, ସମଗ୍ର ଶିକ୍ଷା, କୃଷି ବିଜ୍ଞାନକେନ୍ଦ୍ର, ମତ୍ସ୍ୟ, ବ୍ୟାଙ୍କ, ଓଡ଼ିଶା ଜୀବିକା ମିଶନ, ଜିଲ୍ଲା ଦକ୍ଷତା ବିକାଶ ଓ ନେଚର୍ସ କ୍ଲବ୍ ପ୍ରଭୃତିର ୩୫ଟି ଷ୍ଟଲ୍ ଖୋଲାଯିବ। କିଛି ଷ୍ଟଲ୍‌ରେ ହାତ ତିଆରି ସାମଗ୍ରୀ ବିକ୍ରିବଟାର ବ୍ୟବସ୍ଥା ଥିବାବେଳେ ୨ରୁ ୩ଟି ଫୁଡ୍‌ଷ୍ଟଲ୍ ରହିବ।

ପ୍ରଥମ ଷ୍ଟଲ୍‌ରେ ସୁଭଦ୍ରା ଯୋଜନା ପଞ୍ଜିକରଣ ଓ ଆଧାର ଲିଙ୍କ କରାଯିବ। ଉଦ୍‌ଘାଟନୀ ଉତ୍ସବରେ ୧୧ଜଣ ସୁଭଦ୍ରା ହିତାଧିକାରୀ, ଜଣେ ଆଶାକର୍ମୀ, ଜଣେ କୃଷକ, ଜଣେ ଉଦ୍ୟାନ କୃଷକ, ଜଣେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟା, ଜଣେ ପରିବେଶ ଚାମ୍ପିଅନ୍ ଓ ଜଣେ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କୃତ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ପ୍ରଧାନ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲାପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ନିଲୁ ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ କୁମାର ବଳିଆରସିଂହଙ୍କ ସହ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

**AFFIDAVIT**

I, Patam Rasmita Kumari Patro, W/o - P Baleswar Patro, resident of house no 25, Madhusudan Nagar, Rajabagicha, PO/PS/Dist - Nayagarh, Pin - 752069 Odisha declare by this affidavit no - V-31/203/02.09.2024 dtd.- 02-09-2024 that now onwards I shall be known as **P RASHMITA PATRA** for all future purposes.

**AFFIDAVIT**

I, P Rashmita Patro, W/o - P Baleswar Patro, resident of house no 25, Madhusudan Nagar, Rajabagicha, PO/PS/Dist - Nayagarh, Pin - 752069 Odisha declare by this affidavit no - V-31/204/02.09.2024 dtd.- 02-09-2024 that now onwards I shall be known as **P RASHMITA PATRA** for all future purposes.

## ଡାକ୍ତର ରବିନାରାୟଣ ଦାଶଙ୍କୁ ଶ୍ରଦ୍ଧାଞ୍ଜଳି



**ସୋର,୨୦।୯/ଏନ୍ଏନ୍ଏସ୍:** ସୋର ନାଗରିକ ମଞ୍ଚ, ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମଞ୍ଚର ବରିଷ୍ଠ ସଦସ୍ୟ ଡାକ୍ତର ରବିନାରାୟଣ ଦାଶଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ନାଗରିକ ମଞ୍ଚର ସଭାପତି ନେତ୍ରାନନ୍ଦ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଉପସ୍ଥିତି ସଦସ୍ୟମାନେ ୧ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ସ୍ୱର୍ଗତ ଦାଶ ଜଣେ ନମ୍ର, ଭଦ୍ର ଓ ପରୋପକାରୀ ଚିକିତ୍ସକ ଭାବେ ରୋଗୀଙ୍କ ପାଇଁ ଅତ୍ୟନ୍ତ ଦରଦୀ ଥିଲେ। ସେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଉପନିର୍ଦ୍ଦେଶକ ପଦବୀରୁ ଅବସର ଗ୍ରହଣ କରି ନିଜ ଜନ୍ମସ୍ଥାନ ତୁଳମତୁଳା ବେତଡ଼ାକୁ ନଯାଇ ଶେଷ ପର୍ଯ୍ୟନ୍ତ ସୋରରେ ରହି ରୋଗୀ ସେବା ଏବଂ ବିଭିନ୍ନ ସାମାଜିକ ଅନୁଷ୍ଠାନରେ ମଧ୍ୟ ସମ୍ପୃକ୍ତ ଥିଲେ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ନବକିଶୋର ଦାସ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ଜିତେନ୍ଦ୍ର କୁମାର ବେହେରା, ମାୟାଧର ନାୟକ, ଭଗବାନ ମହାପାତ୍ର, ଅନାମ ପ୍ରସାଦ ବାରିକ, ଗଙ୍ଗାଧର ପାଢ଼ୀ, ଉଦ୍ଧବ ଚରଣ ବିଶ୍ୱାଳ, ବାସୁକୃଷ୍ଣ ମହାପାତ୍ର, ଦାମୋଦର ଦାଶମହାପାତ୍ର, ମନୋଜ କୁମାର ରାୟ, ନିତ୍ୟାନନ୍ଦ କର, ଜଗନ୍ନାଥ ବାରିକ, ସୁରେନ୍ଦ୍ର ପାଣିଗ୍ରାହୀ, ରବିନାରାୟଣ ନନ୍ଦ, ପ୍ରଫୁଲ୍ଲ ଷଡ଼ଙ୍ଗୀ ଓ ଶ୍ରୀଧର ପତ୍ରି ପମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଶେଷରେ କମଳାକାନ୍ତ ତିଆଡ଼ି ଧନ୍ୟବାଦ ଦେଇଥିଲେ।

# ସଂଗ୍ରାମୀ ମହମ୍ମଦ ହନିଫ୍‌ଙ୍କ ଶ୍ରାଦ୍ଧ ପାଇଁ ପ୍ରସ୍ତୁତି



**ଭଦ୍ରକ,୨୦।୯/ଏନ୍ଏନ୍ଏସ୍:** ଭଦ୍ରକ ଫେଲୋସିପ୍‌ରେ ପୁରୁଣା ବଜାର ସଂଗ୍ରାମୀ ମହମ୍ମଦ ହନିଫ ସ୍ମୃତି ସଂସଦ ଆନୁକୂଲ୍ୟରେ ସ୍ୱାଧୀନତା ସଂଗ୍ରାମୀ ମହମ୍ମଦ ହନିଫ୍‌ଙ୍କ ୫୭ତମ ବାର୍ଷିକ ଶ୍ରାଦ୍ଧ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଶିଷ୍ଟ କବି ମାଷ୍ଟର ମୁସ୍ତାକ ଗୌହର ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆସନ୍ତା ଅକ୍ଟୋବର ୬ରେ ମହମ୍ମଦ ହନିଫ୍‌ଙ୍କ ୫୭ତମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ପାଳନ କରାଯିବ ବୋଲି ସ୍ଥିର କରାଯାଇଛି। ଏହି ଦିନ ପୁରୁଣା ବଜାର ବୁଢ଼ା ଗଣେଶଙ୍କର ଭସାଣି ଉତ୍ସବ ହେଉଥିବାରୁ ମହମ୍ମଦ ହନିଫ୍‌ଙ୍କ ସାଧାରଣ ସଭା ସ୍ଥଗିତ କରାଯାଇଛି। କେବଳ ନାରାୟଣ ଚନ୍ଦ୍ର ହାଇସ୍କୁଲ ଉତ୍ତର ପଟ ଗେଟ୍‌ରୁ ଏକ ଶୋଭାଯାତ୍ରା ବାହାରି ପୁରୁଣା ବଜାର ଛକ ଦେଇ କାଜି ମହଲାରେ ମହମ୍ମଦ ହନିଫଙ୍କ ସମାଧୀ ପୀଠରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଦିଆଯିବ ଓ ସର୍ବଧର୍ମ ପ୍ରାର୍ଥନା କରାଯିବ। ପ୍ରକାଶଥାଉକି ମହମ୍ମଦ ହନିଫ୍ ୧୮୯୯ ଜୁଲାଇ ୧୨ରେ ଜନ୍ମହୋଇ ୧୯୬୭ ଅକ୍ଟୋବର ୬ରେ ମୃତ୍ୟୁବରଣ କରିଥିଲେ। ଇଂରେଜଙ୍କ ଅତ୍ୟାଚାର ଶାସନ ତାଙ୍କ ମନରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଥିଲା। ତେଣୁ ୨୧ ବର୍ଷ ବୟସରେ ଅବକାରୀ ବିଭାଗ ନିରୀକ୍ଷକ ଚାକିରି ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ। ୧୯୪୨ ଭାରତ ଛାଡ଼ ଆନ୍ଦୋଳନରେ ଜେଲ୍ ଭୋଗିଲେ, ୧୯୫୦ରେ ଲୋକସଭା ସଦସ୍ୟ, ୧୯୫୨ରେ ଭଦ୍ରକ ବିଧାନସଭାରୁ ନିର୍ବାଚିତ ହୋଇ ଓଡ଼ିଶାର ଉପବାଚସ୍ପତି ଓ ୧୯୬୬ରେ ରାଜ୍ୟସଭା ସଦସ୍ୟ ଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍ ଏମ୍ ଫାରୁକ୍, ହାଜି ଅନୱର ହୋସେନ, ହାଜି ଅବଦୁଲ କାଶିମ ଖାନ୍, ସୁଧାକର ରାଉତ, ବିବେକାନନ୍ଦ ମୁଖାର୍ଜୀ, ଅଶୋକ କୁମାର ଦାସ, ଲଲାଟେନ୍ଦୁ ମହାନ୍ତି, ଅଟଳ ବିହାରୀ ନାୟକ, ଶାନ୍ତନୁ କୁମାର ରାଉତ, କୈଳାଶ ମହାପାତ୍ର, ହାଜି ଅବଦୁଲ ମୁକିତ ଖାନ, ମିର୍ଜା ଇଜାଜ୍ ବେଗ ଓ ଲକ୍ଷ୍ମୀକାନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

A-308

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**MAIN DAM DIVISION, BURLA**
**AT/PO- BURLA, DIST-SAMBALPUR (ODISHA) 768017**
Government of Orissa
"e" Procurement Notice No. MDD-e-05/2024-25 (Online)
Email Id: semaindamdivn@gmail.com

No. 10119 Date: 18.09.2024

1. No. of work : 01 No.
2. Estimated cost : Rs.17.38 lakhs
3. Period of completion : 03 (Three calendar) months.
4. Date & time of available of bid document in the portal : 23.09.2024 at 10.00 AM
5. Last date / Time for receipt of bids in the portal : 03.10.2024 upto 05.00 PM
6. Date of opening of bid : 04.10.2024 at 11.00 AM
7. Name & address of the Officer inviting bid : Superintending Engineer Main Dam Division, Burla At/Po- Burla, Dist-Sambalpur, Odisha, Email: semaindamdivn@gmail.com

Further details, any corrigendum or addendum can be seen from the e-procurement portal http://tendersorissa.gov.in

OIPR-32017/11/0003/2425

Sd/- Superintending Engineer, Main Dam Division, Burla

# ଜିଲ୍ଲାସ୍ତରୀୟ ଉଚ୍ଚ ପ୍ରାଥମିକ ଶିକ୍ଷକଙ୍କ ବିଆର୍‌ଜି ତାଲିମ





**ଯାଜପୁର,୨୦।୯/ଏନ୍ଏନ୍ଏସ୍:** ଯାଜପୁର ବ୍ଲକ୍ ଅନ୍ତର୍ଗତ ଶେଷଦେବ ବାସନ୍ତୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଉଚ୍ଚ ପ୍ରାଥମିକ ଶିକ୍ଷକଙ୍କ ନିମନ୍ତେ ବିଆର୍‌ଜି ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଯାଜପୁର ମଣ୍ଡଳ ଶିକ୍ଷାଧିକାରିଣୀ ଡଃ ସ୍ମୃତିରେଖା ନାୟକ ଉଦ୍‌ଘାଟନ କରିଥିଲେ। ଏଥିରେ ପେଡ଼ାଗୋଜି କୋର୍ଡ଼ିନେଟର୍ ରାଜେଶ କରମହାପାତ୍ର ଓ ଜିଲ୍ଲା ବିଜ୍ଞାନ ନିରୀକ୍ଷକ କୁମାର ସେନ ସେନାପତି ଉପସ୍ଥିତ ରହି ପ୍ରଶିକ୍ଷକଙ୍କୁ ଉକ୍ତ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା ଅତିଥିଭାବେ ଯୋଗ ଦେଇଥିବାବେଳେ ସହମଣ୍ଡଳ ଶିକ୍ଷାଧିକାରୀ ତଥା ବିଆର୍‌ସିସି ନିର୍ମଳ ଚନ୍ଦ୍ର ଜେନା ଉପସ୍ଥିତ ଥିଲେ। ଏଥିରେ ଯାଜପୁର ଜିଲ୍ଲାର ୧୦ଟି ବ୍ଲକ୍‌ରୁ ମୋଟ୍ ୬୦ଜଣ ପ୍ରଶିକ୍ଷାର୍ଥୀ ଯୋଗଦେଇ ତାଲିମ ନେଇଥିଲେ। ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ୪ଜଣ ପ୍ରଶିକ୍ଷକ ସୁରେନ୍ଦ୍ର ବାହାଲିଆ, ପ୍ରଶାନ୍ତ ଗୁଇଁ, ଅରୁଣ କୁମାର ଦାସ ଓ ବିଜୟିନୀ ନନ୍ଦ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଯାଜପୁର ମଣ୍ଡଳ ଶିକ୍ଷାଧିକାରୀ ଓ ମଣ୍ଡଳ ସଂଯୋଜକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଉକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଶିକ୍ଷା କର୍ମଚାରୀଙ୍କ ଆତିଥେୟତା ଓ ସହଯୋଗକୁ ସମସ୍ତେ ବେଶ୍ ପ୍ରଶଂସା କରିଥିଲେ।

O-293

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KENDRAPARA-JAJPUR.**
AT-CHANDIKHOL, PO- SUNGUDA, JAJPUR -754296, Email-serw_kpd@yahoo.com

No. Tender Online RCK- 21/24 Letter No. - Date:-

**e-Procurement NOTICE**

1. **Name of the work** : Repair/Maintenance of Rural Roads Constructed under PMGSY works in the Dist. of Kendrapara-Jajpur.
2. **Total No. of Package.** : 4 (Four) nos. of Road Packages.
3. **Estimated cost** : 3.40 Crores for 4 (Four) nos. of Road Packages.
4. **Other Details** :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK -21/24 | 21.09.2024 at 11.00 A.M. | 05.10.2024 to 5.00 P.M. | 04.10.2024 up to 2.00 P.M. | 07.10.2024 at 11.00 A.M. | Will be intimate later |

Further details can be seen from the website www.pmgsytenders.gov.in

OIPR-25129/11/0013/2425

Sd/- Chief Construction Engineer
Rural Works Circle, Kendrapara-Jajpur

MM-165

ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ: ବଣାଇଁ ବନଖଣ୍ଡ
OFFICE OF THE DIVISIONAL FOREST OFFICER: BONAI FOREST DIVISION.
Phone No.– 06626-244454: E-mail At- dfo.bonai@odisha.gov.in

By E-mail

**INVITATION FOR BIDS**

Bid Identification No.1 Online

| | | | |
|---|---|---|---|
| | The Divisional Forest Officer, Bonai on behalf of Governor of Odisha invites percentage rate bids in Single cover system in ONLINE MODE | | |
| 1. | Nature of Works | : | Building works (Forest Guard Qtr-2 Nos & Range Office 1 No.) (Civil) |
| 2. | No. of Works | : | 3 (Three). |
| 3. | Bid Cost | : | 6,000/- |
| 4. | Estimated Cost | : | Rs.12.99 lakhs to Rs.26.46 lakhs |
| 4. | Class of Contractor | : | "D" Class, "C" Class |
| 5. | Date & Time of availability of the Tender documents | : | 20th Sept-2024 to 30th Sept- 2024 up to 5.30 P.M. |
| 6. | Last date & time of receipt of bids in portal | : | 30th Sept-2024 up to 5.30 P.M. |
| 7. | Date of opening of Bid | : | 1st Oct- 2024 at 11.00 A.M. |
| 8. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in Any addendum/corrigendum/ cancellation of tender can also be seen in the said website only. | | |

OIPR-08040/11/0008/2425

Sd/- Division Forest Officer
Bonai Division

C-638

**OFFICE OF THE MUNICIPAL COUNCIL, PARARALAKHEMUNDI, GAJAPATI.**

**'e'-Procurement Notice**

Bid Identification No. 01 / PKDM - 2024-25

Letter No. 3932 Date: 20.09.2024

| | | |
|---|---|---|
| 1 | Nature of the work | 2 no of civil composite construction works |
| 2 | Estimated Cost | Rs. Rs.58.88 to 78.85 Lakhs |
| 3 | Period of completion | Six calendar months. |
| 4 | Date and time of availability of bid documents in the portal | From 21.09.2024 at 10.00 A.M. to 07.10.2024 at 5.00 P.M. |
| 5 | Last date / Time for receipt of bids in the portal | 07.10.2024 at 5.00 P.M. |
| 6 | Date and time of opening of technical bid | 08.10.2024 at 11.00 A.M. |
| 7 | Name and address of the officer Inviting Bid | Executive Officer, Paralakhemundi Municipality. |

Further details can be seen from the e-procurement portal "https://tendersorissa.gov.in"

OIPR-13145/11/0006/2425

Sd/- Executive Officer
Paralakhemundi, Municipality

# ରାସ୍ତାକାମ ଆରମ୍ଭ ପରେ ଆନ୍ଦୋଳନ କୋହଳ

### ୨୨ ତାରିଖ ପର୍ଯ୍ୟନ୍ତ କୋହଳ ନୀତି ଅବଲମ୍ବନ
### ପୁଣି ସମସ୍ୟା ଉପୁଜିଲେ ରାସ୍ତାରୋକ ଚେତାବନୀ



**ଭଦ୍ରାସାହି,୨୦।୯/ଏନ୍ଏନ୍ଏସ୍:** କେନ୍ଦୁଝର ଜିଲ୍ଲା ରୁଗୁଡ଼ି ଥାନା ଅନ୍ତର୍ଗତ ଲୋଇଡ଼ାପଦା ପଞ୍ଚାୟତରେ ଥିବା କାଟେସାହିରୁ ଲୋଇଡ଼ାପଦା ପର୍ଯ୍ୟନ୍ତ ରାସ୍ତାର ନିର୍ମାଣ କାମ ଆର୍‌ଡି ବିଭାଗ ତରଫରୁ ଆରମ୍ଭ ହେବା ପରେ ଦୀର୍ଘ ଦିନ ଧରି ଚାଲିଥିବା ଆନ୍ଦୋଳନକୁ ପଞ୍ଚାୟତବାସୀ କୋହଳ କରିଛନ୍ତି। ଘଟଣାରୁ ପ୍ରକାଶ, ଉକ୍ତ ରାସ୍ତା ମରାମତି ଦାବିରେ ଗତ ୧୩ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାସ୍ତାରୋକ କରି ପଞ୍ଚାୟତବାସୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ରାସ୍ତାରୋକର ୫ ଦିନ ପରେ ଅର୍ଥାତ୍ ଗତ ୧୮ ତାରିଖ ଲୋଇଡ଼ାପଦା ପଞ୍ଚାୟତ ସରପଞ୍ଚ ବିଳାସିନୀ ଓରାମଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ କାର୍ଯ୍ୟାଳୟରେ ତହସିଲଦାର ଡି ଏସ୍ ଯୋଶୀ, ଅତିରିକ୍ତ ତହସିଲଦାର ବିଶ୍ୱଜିତ ଦୋଳେଇ, ଆର୍‌ଡି ବିଭାଗୀୟ ଏସ୍‌ଡିଓ, ସ୍ଥାନୀୟ କମ୍ପାନୀ କର୍ତ୍ତୃପକ୍ଷ, ଥାନାଧିକାରୀ ତରିଣୀସେନ ବାଗ, ବ୍ଲକ୍ ଚେୟାରମ୍ୟାନ୍ କୋବିନ୍ଦ୍ର ନାଏକ, ଠିକାଦାର ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏହି ରାସ୍ତାକୁ ନିର୍ମାଣ କରିବା ପାଇଁ ଜିଲ୍ଲା ଖଣିଜ ପାଣ୍ଠିରୁ ୧୧ କୋଟି ଟଙ୍କା ମଞ୍ଜୁର ହୋଇ ଟେଣ୍ଡର ପାଇଥିବା ଠିକାଦାର ଜାଣିଶୁଣି କାମରେ ବିଳମ୍ବ କରିବାକୁ ନେଇ ସରପଞ୍ଚ ଏବଂ ପ୍ରଶାସନ ତାଗିଦ କରିଥିଲେ। ରାସ୍ତାର ନିର୍ମାଣ କାମ ତୁରନ୍ତ ଆରମ୍ଭ ନକଲେ ଠିକାସଂସ୍ଥାକୁ ବ୍ଲାକ୍‌ଲିଷ୍ଟ କରିଦିଆଯିବ ବୋଲି ବିଭାଗର ଏସ୍‌ଡିଓ ଏବଂ ସ୍ଥାନୀୟ ପ୍ରଶାସନ ଚେତାବନୀ ଦେଇଥିଲେ।

ଅନ୍ୟପଟେ ପ୍ରତିଦିନ ଟ୍ରକ୍ ଓ ଟ୍ରଲର୍ ଦ୍ୱାରା ଏହି ରାସ୍ତାରେ ପରିବହନ ହେଉଥିବା ଜେଏସ୍‌ଡବ୍ଲ୍ୟୁ, ରୁଙ୍ଗଟା, ଶ୍ରୀମେଟାଲିକ୍ ଓ କେଜେଏସ୍ ଆଲୁବାଲିଆ ଆଦି କମ୍ପାନୀର ଗାଡ଼ିଗୁଡ଼ିକ ଅଟକ ରହିଥିବାରୁ କମ୍ପାନୀମାନେ ଆସି ଆଲୋଚନାରେ କୁମ୍ଭୀର କାନ୍ଦଣା କାନ୍ଦିବାର ଦେଖିବାକୁ ମିଳିଥିଲା। ତେବେ ଏହି ରାସ୍ତାରେ ମୁଖ୍ୟତଃ ରୁଙ୍ଗଟା କମ୍ପାନୀ ଏବଂ ଜେଏସ୍‌ଡବ୍ଲ୍ୟୁ କମ୍ପାନୀର ଟ୍ରଲର୍ ବହୁ ମାତ୍ରାରେ ପରିବହନ ହେଉଥିବାରୁ ରାସ୍ତାର ଅବସ୍ଥା ସଙ୍କଟାପନ୍ନ ହୋଇପଡ଼ିଛି। ଫଳରେ ଚାଲିକିଯିବା ଅସମ୍ଭବ ହୋଇପଡ଼ିଛି ବୋଲି ଲୋକେ ଅଭିଯୋଗ ଆଣିଛନ୍ତି।

ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ପଞ୍ଚାୟତ କାର୍ଯ୍ୟାଳୟ ତରଫରୁ ବାରମ୍ବାର ରାସ୍ତାର ଆବଶ୍ୟକୀୟ ମରାମତି ନିମନ୍ତେ କମ୍ପାନୀଙ୍କୁ ଲିଖିତ ନୋଟିସ କରିବା ସତ୍ତ୍ୱେ ସେମାନେ ନୋଟିସ୍‌କୁ ବେଖାତିର କରି ମନମାନି କରିଚାଲିଛନ୍ତି ବୋଲି ସରପଞ୍ଚ ବିଳାସିନୀ ଓରାମ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାର ଜବାବରେ କମ୍ପାନୀମାନେ କୌଣସି ସନ୍ତୋଷଜନକ ଉତ୍ତର ନଦେଇ ଚୁପ୍ ରହିଥିଲେ।

ଅନ୍ୟପଟେ ତହସିଲଦାର ଡି ଏସ୍ ଯୋଶୀ ମଧ୍ୟ କମ୍ପାନୀଙ୍କର ଏପରି ମନମୁଖୀ କାର୍ଯ୍ୟକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି କହିଛନ୍ତି। ତେବେ ଆର୍‌ଡି ବିଭାଗ ତୁରନ୍ତ କାମ କରିବା ସହ ଟ୍ରାଫିକ୍ ସମସ୍ୟା କିପରି ସମାଧାନ ହୋଇପାରିବ ସେନେଇ ପ୍ରଶାସନ, ସରପଞ୍ଚ ଓ କମ୍ପାନୀମାନେ ଆଲୋଚନା କରିଥିଲେ। ଫଳସ୍ୱରୂପ ଉଭୟଙ୍କ ମଧ୍ୟରେ ଚୁକ୍ତିନାମା ହେଲା ଯେ ବର୍ତ୍ତମାନ ସମୟରେ ଆଗାମୀ ୨୨ ତାରିଖ ପର୍ଯ୍ୟନ୍ତ ଆନ୍ଦୋଳନକୁ କୋହଳ କରି ରାସ୍ତାକାମ ଠିକ୍ ଭାବେ ହେବାସହ ସୁରକ୍ଷିତ ରହିବ।

ଏଥିଲାଗି କମ୍ପାନୀମାନେ ରାସ୍ତାରେ ବ୍ୟାପକ ସୁରକ୍ଷା ମୁତୟନ କରିବେ। ଆଗାମୀ ୩ରୁ ୪ ଦିନ ମଧ୍ୟରେ ଯଦି ସମାନ ସମସ୍ୟା ଉପୁଜେ ତା'ହାଲେ ରାସ୍ତାକୁ ପୁନଶ୍ଚ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିଦିଆଯିବ ବୋଲି ଲୋକେ ଚେତାବନୀ ଦେଇଛନ୍ତି।

# କୁଳପତି ପ୍ର. ସୁକାନ୍ତ କୁମାର ସେନାପତିଙ୍କୁ ସମ୍ବର୍ଦ୍ଧନା



**ପୁରୀ,୨୦ା୯/ଏନ୍ଏନ୍ଏସ୍:** ସଂସ୍କୃତ ଓ ସଂସ୍କୃତିର ପ୍ରଚାର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀସୋମନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ସୁକାନ୍ତ କୁମାର ସେନାପତିଙ୍କୁ ଭାରତବର୍ଷ ସ୍ମରଣ ରଖିବ ବୋଲି କହିଛନ୍ତି ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନ ଓଡ଼ିଶାର ରାଜ୍ୟ ସଭାପତି ବଦ୍ରି ମିଶ୍ର। ଅନ୍ୟମାନଙ୍କ ମଧ୍ୟରେ ମହାମହୋପାଧ୍ୟାୟ ଭଦ୍ରେଶଦାସ ସ୍ୱାମୀ, ଯୋଗେନ୍ଦ୍ର ସାଭାନିଆ, ପ୍ର. ଗଣେଷ ପଣ୍ଡିତ, ପ୍ର. ପୱନ ବ୍ୟାସ, ପ୍ର. ମାର୍କ ଆଲନ, ଡ. ଷ୍ଟେପନିଓ ମାଜେଚର୍ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶା ଯୁବ ଚେତନା ସଂଗଠନ ପକ୍ଷରୁ ଶିବରାମ ପ୍ରଧାନ, ଭକ୍ତି ନିର୍ମାଲ୍ୟ ପକ୍ଷରୁ ରାଜେନ୍ଦ୍ର ମିଶ୍ର, ମିଶନ ଓଡ଼ିଶା ପକ୍ଷରୁ କେଦାରନାଥ ମହାପାତ୍ର ଓ ନିର୍ମାଲ୍ୟ ପକ୍ଷରୁ ଅଧ୍ୟାପକ ବିଶ୍ୱନାଥ ମିଶ୍ର ପ୍ରମୁଖ ଶ୍ରୀ ସେନାପତିଙ୍କୁ ଆଭାସି ସମ୍ବର୍ଦ୍ଧନା ଜଣାଇଥିଲେ। ସୂଚନାଯୋଗ୍ୟ, ଗତ ୫ ତାରିଖରେ ପ. ସେନାପତିଙ୍କ ସହ ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀର କୁଳପତି ପ୍ର. ଶ୍ରୀନିବାସ ବରଖେଡି ଅଷ୍ଟ୍ରେଲିଆ ସଂସ୍କୃତ ସମାବେଶରେ ଯୋଗଦାନ କରି ଆଜି ଭାରତ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେଠାରେ ସେମାନେ ସଂସ୍କୃତ ଭାଷାର ମହାନତା ସହ ସମୃଦ୍ଧ ଭାରତର ଶିକ୍ଷା ଓ ସଂସ୍କୃତି ଉପରେ ଅଭିଭାଷଣ ଦେଇ ଶ୍ରୋତାଙ୍କୁ ଉଦ୍‌ବୁଦ୍ଧ କରିଥିଲେ।

# ଅକ୍ଟୋବର ୧୮ରୁ ଜାତୀୟ ତୀରନ୍ଦାଜ ଟୁର୍ଣ୍ଣାମେଣ୍ଟ

**ପୁରୀ,୨୦ା୯/ଏନ୍ଏନ୍ଏସ୍ :** ପୁରୀ ଜଗନ୍ନାଥ ଷ୍ଟାଡିୟମ୍‌ଠାରେ ଚତୁର୍ଥ ଏନ୍‌ଟିପିସି ଜାତୀୟ ର୍‍ୟାଙ୍କିଂ ତୀରନ୍ଦାଜ ଟୁର୍ଣ୍ଣାମେଣ୍ଟ ଅକ୍ଟୋବର ୧୮ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ଏହି ଟୁର୍ଣ୍ଣାମେଣ୍ଟକୁ ଶୃଙ୍ଖଳିତ ଓ ସୁଚାରୁରୂପେ ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରେ



ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପୁରୀରେ ଜାତୀୟ ତୀରନ୍ଦାଜ ଟୁର୍ଣ୍ଣାମେଣ୍ଟର ଆୟୋଜନ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ଏନେଇ ପ୍ରଶାସନ ଓ କ୍ରୀଡ଼ା ବିଭାଗ ପକ୍ଷରୁ ସହଯୋଗ ଯୋଗାଇ ଦେବାକୁ ସେ ସୂଚନା ଦେଇଥିଲେ। ବିଭିନ୍ନ ବିଭାଗର ସମନ୍ୱୟରେ ଏହା ଯେପରି ଭଲ ଭାବରେ ଆୟୋଜିତ ହେବ ସେଥିପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଓଡ଼ିଶା ତୀରନ୍ଦାଜ ଆସୋସିଏସନ୍‌ର ସଭାପତି ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ଗୋକୁଳ ଚନ୍ଦ୍ର ପତି ସୂଚନା ଦେଇ ସିନିୟର୍, ଜୁନିୟର୍ ଓ ସବ୍‌ଜୁନିୟର ବର୍ଗରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବ ଓ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ ମଧ୍ୟ କରାଯିବ ବୋଲି କହିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ସିଡିଏମ୍‌ଓ ଡା. ରୂପଭାନୁ ମିଶ୍ର, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, କ୍ରୀଡ଼ା ସଂସଦର ପୂର୍ବତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ରାମଚନ୍ଦ୍ର ଦାସମହାପାତ୍ର, ଆସୋସିଏସନ୍‌ର ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ, କୋଷାଧ୍ୟକ୍ଷ ସୌରଜିତ ସିଂ, କାର୍ଯ୍ୟକାରୀ କମିଟି ସଦସ୍ୟ ଜିତେନ୍ଦ୍ର ନାଥ ଦାସ, ଶ୍ରଦ୍ଧାନନ୍ଦ ଦାସ, ମଳୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**ତତ୍ପରତା ପ୍ରକାଶକଲା ଏଏସ୍ଆଇ**

# ୨୧ରୁ ୨୩ ରତ୍ନଭଣ୍ଡାରର ବୈଷୟିକ ସର୍ଭେ

**ପୁରୀ,୨୦ା୯/ଏନ୍ଏନ୍ଏସ୍:** ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୨୧ରୁ ୨୩ ତାରିଖ ତିନିଦିନ ଧରି ଶ୍ରୀମନ୍ଦିର ରତ୍ନଭଣ୍ଡାରର ବୈଷୟିକ ସର୍ଭେ ଅନୁଷ୍ଠିତ ହେବ। ଅପରାହ୍ଣ ୨ଟା ରୁ ସନ୍ଧ୍ୟା ୬ ଟା ଯାଏ ସର୍ଭେ ପାଇଁ ସମୟ ସ୍ଥିର ହୋଇଛି। ଆସନ୍ତା ୨୪ ତାରିଖ ସୁଦ୍ଧା ଶ୍ରୀମନ୍ଦିର ରତ୍ନଭଣ୍ଡାରର ବାକିଥିବା ସର୍ଭେ ଶେଷ କରିବାକୁ ଏଏସ୍ଆଇ ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଅନୁରୋଧ କରିବା ପରେ ଏଏସ୍ଆଇ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ତେବେ ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ ଏହା କରାଯିବ। ଉକ୍ତ ତିନିଦିନ ପାଇଁ ଶ୍ରୀଜିଉଙ୍କ ନୀତିକାନ୍ତିରେ ବ୍ୟାଘାତ ସୃଷ୍ଟି ନହେବା ଲାଗି ବିଶେଷ ନୀତି ନିର୍ଘଣ୍ଟ କରାଯାଇଛି। ଏହି ଦିନ ପାଇଁ ହୋଇଥିବା ବିଶେଷ ନୀତି ନିର୍ଘଣ୍ଟ ଅନୁସାରେ ଅପରାହ୍ଣ ୧ଟାଠାରୁ ନିରୀକ୍ଷଣ କାର୍ଯ୍ୟ ଶେଷହେବା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦରହିବ। ତେବେ ମହାପ୍ରସାଦ



କ୍ରୟ କରିବାକୁ ଇଚ୍ଛୁକ ଭକ୍ତ ସିଂହଦ୍ୱାର ପଟେ ବାଇଶି ପାହାଚ ଦେଇ ଆନନ୍ଦବଜାରରୁ ମହାପ୍ରସାଦ କ୍ରୟକରି ଉତ୍ତରଦ୍ୱାର ପଟେ ପ୍ରସ୍ଥାନ କରିପାରିବେ। ସୂଚନାଯୋଗ୍ୟ, ଏଏସ୍ଆଇ ପକ୍ଷରୁ ଗତ ୧୮ତାରିଖରେ ରତ୍ନଭଣ୍ଡାରର ବୈଷୟିକ ସର୍ଭେ ଅନୁଷ୍ଠିତ ହୋଇଥିଲା। ଏହି ସର୍ଭେ ସମୟରେ ଏଏସ୍ଆଇର ବୈଷୟିକ ଟିମ୍ ମୁଖ୍ୟ ଏବଂ ସିଏସ୍ଆଇଆର୍-ଏନ୍‌ଜିଆର୍‌ଆଇର ମୁଖ୍ୟ ବୈଜ୍ଞାନିକ ଆଉ ଏକ ରାଉଣ୍ଡ ସର୍ଭେ କରିବାକୁ ମତାମତ ଦେଇଥିଲେ। ରାଡାର୍ ପେନିଟ୍ରେଟିଂ ସିଷ୍ଟମ୍ ତଥା ଅନ୍ୟ ବୈଷୟିକ ଉପକରଣ ବ୍ୟବହାର କରାଯାଇ ଏହି ସର୍ଭେ କରିବା ପରେ ହିଁ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବାକୁ ବୈଷୟିକ ଟିମ୍ ପ୍ରସ୍ତାବ ଦେଇଥିଲେ। ଅନ୍ୟପକ୍ଷରେ ସେପଟେମ୍ବର ୨୪ତାରିଖଠାରୁ ଦଶହରା ଷୋଳପୂଜା ଆରମ୍ଭହେବା ପୂର୍ବରୁ ଯଥାଶୀଘ୍ର ଏହି ବାକିଥିବା ସର୍ଭେ ଶେଷକରି ଚୂଡ଼ାନ୍ତ ରିପୋର୍ଟ ଦାଖଲ ପାଇଁ ମୁଖ୍ୟ ପ୍ରଶାସକ ପତ୍ରରେ ଗୁରୁତ୍ୱରୋପ କରିଥିଲେ।

# ରଣକ୍ଷେତ୍ର ପାଲଟିଲା ସିଏମ୍‌ସି କାଉନ୍‌ସିଲ୍ ବୈଠକ

## ଗ୍ଲାସ୍ ମାଡ଼ରେ କର୍ପୋରେଟର୍ ଆହତ

**କଟକ,୨୦ା୯/ଏନ୍ଏନ୍ଏସ୍:** କଟକ ମହାନଗର ନିଗମ (ସିଏମ୍‌ସି) କାଉନ୍‌ସିଲ୍ ବୈଠକ ବିଜୁ ଭବନ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୨୦୨୩ ବାଲିଯାତ୍ରା ବିଲ୍ ପାସ୍‌କୁ ନେଇ ବିଜେପି-କଂଗ୍ରେସ ଏବଂ ବିଜେଡି କର୍ପୋରେଟର୍ ମୁହାଁମୁହିଁ ହୋଇଥିଲେ। ଫଳରେ ରଣକ୍ଷେତ୍ରରେ ପରିଣତ ହୋଇ ଉକ୍ତ ବୈଠକ ବନ୍ଦ ହୋଇଯାଇଥିଲା।

ଗତ ବାଲିଯାତ୍ରାରେ ନିଗମ ପକ୍ଷରୁ ଲେଜର୍ ଲାଇଟ୍ ଶୋ' ବାବଦକୁ ୯୫ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବାବେଳେ ଦୁଇଟି ତୋରଣ ବାବଦକୁ ୩୨ଲକ୍ଷ ଓ ବାଣଫୁଟା ବାବଦକୁ ୧୭ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା। କାର୍ଯ୍ୟ ନହୋଇ ଏଥିରେ ଦୁର୍ନୀତି ହୋଇଥିବା ନେଇ ବିରୋଧୀ କର୍ପୋରେଟର୍‌ମାନେ ଅଭିଯୋଗ ଆଣିବା ସହିତ ସେତେବେଳେ କାଉନ୍‌ସିଲ୍ ବୈଠକରେ ତୁମ୍ବିତୋଫାନ ହୋଇଥିଲା। ଆଜିର ବୈଠକରେ ନଗର ଯନ୍ତ୍ରୀ ଅତନୁ ସାମନ୍ତ ବିଲ୍ ଉପସ୍ଥାପନ କରିବା ପରେ କଂଗ୍ରେସ ଓ ବିଜେପି କର୍ପୋରେଟର୍ ତୃତୀୟ ପାର୍ଟି ରାଉରକେଲା ଏନ୍‌ଆଇଆଇଟି ତଦନ୍ତ ରିପୋର୍ଟ ଦେଖାଇବାକୁ କହିଥିଲେ। ତେବେ ରିପୋର୍ଟ ନମିଳିବାରୁ ଏହାକୁ ପାରିତ ନ କରିବାକୁ ବିଜେପି ଓ କଂଗ୍ରେସ କର୍ପୋରେଟର୍‌ମାନେ ଅଡ଼ି ବସିଥିଲେ। ବିଜେଡି କର୍ପୋରେଟର୍ ବିକାଶ ବେହେରା ବିଲ୍ ପାସ୍ କରିବାକୁ ଜିଦ୍ ଧରିଥିଲେ। ବିଜେପି କର୍ପୋରେଟର୍ ଗୋପାଳ ବେହେରା କାଚ ଗ୍ଲାସ୍ ଫିଙ୍ଗିବା ପରେ ଅନ୍ୟ ବିଜେଡି ମହିଳା କର୍ପୋରେଟର୍ ରାଗିଯାଇ ଗ୍ଲାସ୍ ଫିଙ୍ଗିଥିଲେ। ଗ୍ଲାସ୍ ଫୋପଡ଼ାରେ ୨୦ ନଂ. ୱାର୍ଡ ବିଜେପି କର୍ପୋରେଟର୍ ଲକ୍ଷ୍ମୀଧର ବେହେରା ଆହତ ହୋଇଥିଲେ। ପୂର୍ବାହ୍ଣରେ ବୈଠକ ଶାନ୍ତିପୂର୍ଣ୍ଣ ଥିଲା। ପରେ ନିଗମର ଅବସରପ୍ରାପ୍ତ ଆଇନ ଅଧିକାରୀ ଦିଗମ୍ବର ସ୍ୱାଇଁଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ନେଇ ବହୁ କର୍ପୋରେଟର୍ ବିରୋଧ କରିଥିଲେ। କମିସନର କହିଥିଲେ ଯେ ଅବସର ପରେ ପୂର୍ବ ସରକାରଙ୍କ ସମୟରେ ୪ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାଳ ବୃଦ୍ଧି କରାଯାଇଥିଲା। ନିଗମରେ ଗାଡ଼ି ଭଡ଼ା ଟେଣ୍ଡର୍‌କୁ ନେଇ କର୍ପୋରେଟର୍ ରାକେଶ ସ୍ୱାଇଁ ପ୍ରଶ୍ନ ଉପସ୍ଥାପନ କରିଥିଲେ। ମେୟର୍ ସୁବାସ ସିଂହ ବୈଠକରେ ପୌରୋହିତ୍ୟ କରିଥିଲେ। କମିସନର ଅନାମ ପାତ୍ର, ଡେପୁଟି ମେୟର ଦମୟନ୍ତୀ ମାଝୀଙ୍କ ସମେତ ବିଭିନ୍ନ ୱାର୍ଡର କର୍ପୋରେଟର୍, ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନେ ଯୋଗଦେଇଥିଲେ।

# ଜିଲ୍ଲାସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ

**ଖୋର୍ଦ୍ଧା,୨୦ା୯/ଏନ୍ଏନ୍ଏସ୍:** ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଦ୍ୱାରା ଜିଲ୍ଲାସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଜିଲ୍ଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ ସିଂହ ଯୋଗଦେଇ ପିଲାମାନଙ୍କର ଶୈକ୍ଷିକ କ୍ଷେତ୍ରରେ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ କିପରି ସୁଚାରୁରୂପେ କାର୍ଯ୍ୟକାରୀ କରାଯାଇପାରିବ ସେ ଦିଗରେ ଦୃଷ୍ଟିଦେବା ପାଇଁ ମତପୋଷଣ କରିଥିଲେ। ସମ୍ମାନିତ ଅତିଥି ରୂପେ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଅଭିଭାଷଣ ରଖିଥିଲେ। ଏହି କାର୍ଯ୍ୟକ୍ରମ ସରକାରଙ୍କର ଏକ ସୁଚିନ୍ତିତ ପଦକ୍ଷେପ ବୋଲି ଜିଲ୍ଲାପାଳ ଶ୍ରୀ ରାଣା କହିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ସ୍ୱାଗତ ଅଭିଭାଷଣ ଦେଇ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏହି ଅବସରରେ ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚିତ ହୋଇଥିଲା। ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ଓ ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. ତାପସ କୁମାର ନାୟକ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରିଆ ଯୋଗଦେଇଥିଲେ। ଶେଷରେ ସହଜିଲ୍ଲା ଶିକ୍ଷା ଅଧିକାରୀ ଡ. ଅମ୍ରିତା ପ୍ରିତିନନ୍ଦା ଧନ୍ୟବାଦ ଅର୍ପଣ କରିଥିଲେ।

# ୟୁନାଇଟେଡ୍ ବେଭ୍‌ରେଜ୍ କମ୍ପାନୀ ଶ୍ରମିକଙ୍କ ଧାରଣା



**ଖୋର୍ଦ୍ଧା,୨୦ା୯/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଥିବା ୟୁନାଇଟେଡ୍ ବେଭରେଜ୍ କମ୍ପାନୀ ଫାଟକ ସମ୍ମୁଖରେ ଶ୍ରମିକମାନେ ଶୁକ୍ରବାର ଧାରଣା ଦେଇଥିବା ଦେଖିବାକୁ ମିଳିଛି। ଶତାଧିକ ମହିଳା ଶ୍ରମିକ ଓ ପୁରୁଷ ଶ୍ରମିକ ଏହି ଧାରଣାରେ ସାମିଲ ହୋଇ କମ୍ପାନୀ ମାଲିକ ସରକାରୀ ଗାଇଡ୍ ଲାଇନ୍‌କୁ ଅବମାନନା କରି ସେମାନଙ୍କୁ ବେଆଇନ ଭାବରେ ଶୋଷଣ କରୁଥିବା ଅଭିଯୋଗ କରିଛନ୍ତି। ଏନେଇ ଶ୍ରମିକମାନେ ବହୁବାର ଆନ୍ଦୋଳନ କରିବା ସହିତ ଶ୍ରମ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ଏଥିପ୍ରତି କେହି କର୍ଣ୍ଣପାତ କରୁନଥିବା ଶ୍ରମିକମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଫଳରେ ସମ୍ପୃକ୍ତ କମ୍ପାନୀ ସରକାରଙ୍କ ନିୟମକୁ ଅବମାନନା କରି ନିଜ ମନ ମୁତାବକ ଶ୍ରମିକମାନଙ୍କୁ ପାରିଶ୍ରମିକ ପ୍ରଦାନ କରୁଛି। ସରକାର ଶ୍ରମିକଙ୍କ ହିତ ଦୃଷ୍ଟିରୁ ସର୍ବନିମ୍ନ ମଜୁରୀ ଏବଂ କୁଶଳି, ଅର୍ଦ୍ଧକୁଶଳୀ ମାନଙ୍କ ପାଇଁ ପାରିଶ୍ରମିକ ବୃଦ୍ଧି କରୁଥିବାବେଳେ କମ୍ପାନୀ ମାଲିକ ଏହି ନିୟମକୁ ଉଲଂଘନ କରି ଶ୍ରମିକମାନଙ୍କୁ ଶୋଷଣ କରୁଥିବା ପ୍ରତିବାଦରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଛନ୍ତି। ତେବେ ଏ ଦିଗରେ ପଦକ୍ଷେପ ଗ୍ରହଣ କରାନଯିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁରହିବ ବୋଲି ଶ୍ରମିକମାନେ ପ୍ରକାଶ କରିଛନ୍ତି।

**ପାଇକ ବିଦ୍ରୋହର ମହାନାୟକ ବକ୍ସି ଜଗବନ୍ଧୁଙ୍କ ଜୟନ୍ତୀ**

# 'ବକ୍ସିଙ୍କ ଗଣବିପ୍ଳବ ଇଂରେଜ ଶାସନକୁ ଦୋହଲାଇ ଦେଇଥିଲା'

**ଖୋର୍ଦ୍ଧା,୨୦ା୯/ଏନ୍ଏନ୍ଏସ୍:** ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ୧୮୧୭ରେ ଯେଉଁ ବିପ୍ଳବ ହୋଇଥିଲା ତାକୁ ଇଂରେଜ ସରକାର ପାଇକ ବିଦ୍ରୋହ ଆଖ୍ୟା ଦେଇଥିଲେ ହେଁ ତାହା ଯଥାର୍ଥରେ ଥିଲା ଓଡ଼ିଶାର ଗଣବିପ୍ଳବ। ଏହି ଆନ୍ଦୋଳନର ମୁଖ୍ୟ କର୍ଣ୍ଣଧାର ବକ୍ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟ ମହାପାତ୍ରଙ୍କ ୨୭୦ତମ ଜୟନ୍ତୀ ପାଳନ ଅବସରରେ ଗଡ଼ ଖୋର୍ଦ୍ଧା ପଞ୍ଚପାଇକ ପୀଠ ଓ ବିଜେବି ହାଇସ୍କୁଲଠାରେ ବକ୍ସିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଅତିଥିବୃନ୍ଦ ମତପୋଷଣ କରିଛନ୍ତି। କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ଶୁକ୍ରବାର ବିଜେବି ହାଇସ୍କୁଲ ସଭାଗୃହରେ ଅନୁଷ୍ଠିତ ଏକ ସାଧରଣରେ ଭୀମସେନ ପ୍ରଧାନ ସଭାପତିତ୍ୱ କରିଥିଲେ। କଳିଙ୍ଗ ପାଇକ ସଂଗଠନର ଉପଦେଷ୍ଟା ତଥା ରାଜ୍ୟ ବିଜେପି ପ୍ରବକ୍ତା ସୁରଥ ବିଶ୍ୱାଳ



କହିଥିଲେ ଯେ, ବରୁଣେଇଠାରେ ପାଇକ ସ୍ମାରକୀ କାର୍ଯ୍ୟ ଧୀର ମନ୍ଥର ଗତିରେ ଚାଲିଥିଲେ ମଧ୍ୟ ସମୟ ଆସିବ ଏହା ରାଜ୍ୟ ନୁହେଁ ଦେଶର ଏକ ପ୍ରମୁଖ କେନ୍ଦ୍ରସ୍ଥଳୀ ହେବ। ମୁଖ୍ୟବକ୍ତା ଐତିହାସିକ ସତ୍ୟବାଦୀ ବଳିଆରସିଂହ ବକ୍ସି ଜଗବନ୍ଧୁଙ୍କ ଜୀବନୀ ଓ ବୀରତ୍ୱ କାହାଣୀର ଅବଗାହନ କରିଥିଲେ। ପ୍ରାକ୍ତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ, କଳିଙ୍ଗ ପାଇକ ସଂଗଠନର ମୁଖ୍ୟ ସଂଚାଳକ ଇଂ. ଶିଶିର କୁମାର ନାୟକ ବକ୍ସିଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ରୂପେ ବିଜେବି ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରଭାକର ସାହୁ, ଉପଦେଷ୍ଟା ସହଦେବ ଜୟସିଂହ ଓ ଅମରେନ୍ଦ୍ର ମହାପାତ୍ର, ମୃତ୍ୟୁଞ୍ଜୟ ଛୋଟରାୟ, ପ୍ରାଧ୍ୟାପକ ଗୋପାଳକୃଷ୍ଣଦାସ, ଗୋବିନ୍ଦ ଚନ୍ଦ୍ର ମହାରଣା, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଶକ୍ତିଧର ମହାପାତ୍ର, ରାଜେନ୍ଦ୍ର କୁମାର ନରେନ୍ଦ୍ର, ରାମଶଙ୍କର, ବିକ୍ରମ ଚମ୍ପତି, ଅବଦୁଲ୍ କାଲାମ ଆଜାଦ୍, ପ୍ରସନ୍ନ କୁମାର ପାଇକରାୟ, ଦୋକନ୍ଦା ଦଳବେହେରା ପ୍ରମୁଖ ବକ୍ସିଙ୍କ ଉପରେ ମତ ରଖିଥିଲେ। କଳିଙ୍ଗ ପାଇକ ସଂଗଠନର ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ଅତିଥି ପରିଚୟ ଓ ତାପଙ୍ଗ ଦଳବେହେରା ସ୍ମୃତି କମିଟିର ଯୁଗ୍ମ ସମ୍ପାଦକ ରମଜାନ୍ ଖାଁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଜିପିଏଲ୍‌ଏଫ୍‌ଙ୍କୁ ଅନ୍‌ଲାଇନ୍ ତାଲିମ୍




**ପୁରୀ,୨୦ା୯/ଏନ୍ଏନ୍ଏସ୍:** ଗ୍ରାମୀଣ ବିକାଶ ମନ୍ତ୍ରାଳୟ, ଭାରତ ସରକାରଙ୍କ ଦ୍ୱାରା ସମସ୍ତ ଜିପିଏଲ୍‌ଏଫ୍‌ମାନଙ୍କୁ ୨ ଦିନିକିଆ ଅନ୍‌ଲାଇନ୍ ତାଲିମ ପ୍ରଦାନ କରାଯାଇଛି। ଏମାନେ କିପରି ରେଜିଷ୍ଟ୍ରେସନ୍ କରିବେ, କିପରି ଇନ୍‌କମ୍ ଟ୍ୟାକ୍ସ ଓ ଜିଏସ୍‌ଟି କମ୍ପ୍ଲିଆନ୍‌ସ କରିବେ ତାହା ଉପରେ ବିସ୍ତୃତ ତାଲିମ୍ ଦିଆଯାଇଛି। ଏଥିରେ ସମସ୍ତ ଏମ୍‌ବିକେମାନେ ମଧ୍ୟ ଯୋଗଦେଇଥିଲେ। ପୁରୀ ଜିଲ୍ଲାରେ ମୋଟ ୧୩ ସ୍ଥାନରେ ଏହି ତାଲିମ ଶିବିର ଅନୁଷ୍ଠିତ ହୋଇଥିଲାବେଳେ୬୦୬ ଜିପିଏଲ୍‌ଏଫ୍ ଅଫିସ ବିଅରର୍ ଓ ୨୧୮ ଏମ୍‌ବିକେ ଅଂଶଗ୍ରହଣ କରିଥିଲେ।

ନିତିଦିନ NITIDIN

DISPLAY CLASSIFIED
Every Day All Odisha Publications

For Booking
BHUBANESWAR : 9668817285
CUTTACK : 9937069825
advt@nitidin.com | advtnitidin@gmail.com

Odisha's Most Reliable Nursing Institution Since Last 22 Years
FIRST TIME IN ODISHA FREE INTEGRATED COACHING FOR AIIMS/ OSSSC/JIPMER/ESIC/NURSING OFFICER EXAM
ANM ELG.- +2, DURATION- 2 YRS.
GNM ELG.- +2, DURATION- 3 YRS.
DMLT / DMRT ELG.- +2 SC, DURATION- 2 YRS.
B.Sc Nursing ELG.- +2 (PCB), DURATION- 4 YRS.
P.B.B.Sc Nursing ELG.- GNM PASS, DURATION- 2 YRS.
M.Sc Nursing
Recognised by D.M.E.T., Govt. of Odisha
100% PLACEMENT ASSISTANCE Smart Class Room Practical at SCB Medical College www.dgeiodisha.com
DHANESWAR GROUP OF EDUCATIONAL INSTITUTIONS
BHUBANESWAR COLLEGE OF NURSING & DHANESWAR SCHOOL AND COLLEGE OF NURSING
RECOGNISED BY GOVT. OF ODISHA, INDIAN NURSING COUNCIL, OUHS
UTTAMAPUR, BALIKUDA, CUTTACK Contact 9348896738 9938100766

Assured Success Technique
ADMISSION OPEN
B.ED / B.PED / M.ED
Academic Session: 2020-22
Under Acharya Nagrajun University, Guntur, A.P.
Equivalent to all Universities, Odisha.
SMECT
Satya Vihar, Bhubaneswar
Contact : 9040042064
9040042062, 8594948196

NARAYANI SCHOOL OF NURSING
GANDHI CHHAK, JAGATSINGHPUR.
Few seats Available
GNM
ELIGIBILTY 40% (35% FOR SC/ST) IN +2 ANY STREAM
SCHOLARSHIP AVAILABLE FOR SC/ST STUDENTS.
CONTACT:-
7008545532
9040707835
9778435741

ଅଗରବତି କମ୍ପାନୀ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ୍ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ
ପ୍ରତ୍ୟେକ ମେସିନ୍ ସହ
Raw Material Free
7682938106
8018493464

ସୂଚନା
ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଖବର କାଗଜରେ ପ୍ରକାଶିତ ବିଜ୍ଞାପନଗୁଡ଼ିକ ଦାବି ସଂପୃକ୍ତ ବିଜ୍ଞାପନ ଦାତାଙ୍କର ନିଜସ୍ୱ ଅଟେ। ଏଥିପାଇଁ ଖବରକାଗଜ ପକ୍ଷରୁ କୌଣସି ଅନୁସନ୍ଧାନ କରାଯାଇନଥାଏ କିମ୍ବା ଏଥିପାଇଁ ଖବରକାଗଜ କିମ୍ବା କୌଣସି କର୍ମକର୍ତ୍ତା ଉତ୍ତରଦାୟୀ ନୁହଁନ୍ତି। ପାଠକମାନେ ବିଜ୍ଞାପନଦାତାଙ୍କୁ କୌଣସି ଅର୍ଥରାଶି ପଇଠ କରିବା ପୂର୍ବରୁ ସଂପୃକ୍ତ ସଂସ୍ଥା ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ନିଜେ ସଂଗ୍ରହ କରିବା ଆବଶ୍ୟକ।

-ମନରେ ଥିବା ଗଣ୍ଠିକୁ ସ୍ମିତହାସ୍ୟ ସହଜରେ ଖୋଲି ଦେଇପାରେ।
- ଗାନ୍ଧୀ ବାଣୀ

ନିତିଦିନ NITIDIN

## ଗପ



ସୁଧାଂଶୁ ଶେଖର ଦ୍ୱିବେଦୀ

# ଯାହା ଚାହିଁବ ତାହା ପାଇବ



ଜଣେ ସାଧୁ ପ୍ରତିଦିନ ନଦୀ କୂଳ ବୃକ୍ଷ ତଳେ ବିସି ଖୁବ ଜୋର ଚିତ୍କାର କରି କହିହୁଅନ୍ତି- ଯାହା ଚାହିଁବ ତାହା ପାଇବ। ରାସ୍ତାରେ ଯାଉଥିବା ଲୋକମାନେ ତାଙ୍କ କଥା ଶୁଣି ନଶୁଣିବା ପରି ମୁହଁ ଫେରେଇ ଚାଲିଯାଆନ୍ତି। କେହି କେହି ବି ତାଙ୍କୁ ବିକୃତ ମସ୍ତିଷ୍କ, ପାଗଳ ଆଦି କହି ପରିହାସ କରନ୍ତି। ଦିନେ ଜଣେ ଯୁବକ ସେଇ ରାସ୍ତାରେ ଯାଉଥାଏ। ସାଧୁଙ୍କ ବଚନ ତା' କାନରେ ପଡ଼ିଲା।

ସେ ସାଧୁଙ୍କ ନିକଟକୁ ଯାଇ ପଚାରିଲା- ହେ ମହାତ୍ମା! ଆପଣ ଅନବରତ ଗୋଟେ ବାକ୍ୟ କହି ଚାଲିଛନ୍ତି ଯାହା ଚାହିଁବ ତାହା ପାଇବ। ଏହାର ଅର୍ଥ କ'ଣ ମୁଁ ତ କିଛି ବୁଝି ପାରୁନି। ମୁଁ ଯାହା ଚାହିଁବି ଆପଣ କ'ଣ ମୋତେ ଦେଇପାରିବେ ?

ସାଧୁ ଶାନ୍ତ ସ୍ୱରରେ କହିଲେ- ନିଶ୍ଚୟ ଦେଇପାରିବି ପୁଅ! ତୁମେ ଯାହା ଚାହିଁବ ମୁଁ ତାହା ଦେଇପାରିବି। ତାପରେ ସେ ନିଜ ମୁଣିରେ ହାତ ପୂରେଇ କହିଲେ- ମୁଁ ତୁମକୁ ଆଜି ଏଭଳି ଏକ ଉପହାର ଦେବି ଯାହା ତୁମ ଜୀବନ ପଥକୁ ସଂପୂର୍ଣ୍ଣ ବଦଳାଇଦେବ।

ସାଧୁଙ୍କ କଥା ଶୁଣି ଯୁବକ ଆଖିରେ ଆଶାର ଜ୍ୟୋତି ଚମକି ଉଠିଲା। ସେ ଦୁଇଟି ହାତରେ ଆଞ୍ଜୁଳା କରି ସାଧୁଙ୍କ ସମ୍ମୁଖରେ ଛିଡ଼ା ହେଲା। ସାଧୁ ମୁଣିରୁ ହାତକୁ ମୁଠା ଅବସ୍ଥାରେ ବାହାର କରି

କହିଲେ-ଏଇ ନିଅ ଏ ଦୁନିଆର ସବୁଠୁ ଅମୂଲ୍ୟ ହୀରା ସମୟ। ତାକୁ ତୁମ ମୁଠି ଭିତରେ ଜୋର୍‌ରେ ଚାପି ଧରିଥିବ। ଏଇ ସମୟ ରୂପୀ ହୀରା ସାହାଯ୍ୟରେ ତୁମେ ଯେତେ ହୀରା ଚାହିଁବ ସେତେ ତିଆରି କରି ପାରିବ। ତାକୁ କେବେବି ନିଜ ହାତ ମୁଠାରୁ ବାହାର କରିବ ନାହିଁ। କେବେ ଯଦି ତୁମ କାର୍ଯ୍ୟର ଉଚିତ ପରିଣାମ ଠିକ୍ ହେବ ନାହିଁ ସେଇବେଳେ ଏଇ ସମୟ ରୂପୀ ହୀରାକୁ ନିଜ ଭିତରେ ଧାରଣ କରିନେବ। ଯଦି ସମୟ ତୁମ ସହିତ ଥିବ ଏ ଦୁନିଆରେ ଯାହା ଚାହିଁବ ତାହା କରି ପାରିବ।

ଯୁବକ ସାଧୁଙ୍କ କଥା ବହୁ ସମୟ ଯାଏ ଧ୍ୟାନର ସହ ଶୁଣିବା ପରେ ଧନ୍ୟବାଦ ଜଣାଇ ନିଜ ଘରକୁ ଫେରି ଆସିଲା। ତା' ଜୀବନରେ ସଫଳତା ପ୍ରାପ୍ତି ନିମନ୍ତେ ସାଧୁଙ୍କଠାରୁ ଗୁରୁମନ୍ତ୍ର ମିଳି ସାରିଥାଏ। ସମୟକୁ ବ୍ୟର୍ଥ ନ କରି ନିଜ ଅଧ୍ୟବସାୟ ପ୍ରସ୍ତୁତିରେ ମନ ପ୍ରାଣ ଲଗେଇଦେଲା। କ୍ରମଶଃ ସେ ଦିନେ ଜିଲ୍ଲା ପ୍ରଶାସନିକ ଅଧିକାରୀ ରୂପେ କାର୍ଯ୍ୟଭାର ସମ୍ଭାଳି ନିଜକୁ ଜଣେ କର୍ମନିଷ୍ଠ ରୂପେ ଆଗକୁ ବଢ଼ିଲା।

ସମୟ ଉପଯୋଗୀ ନିଜର ନିଷ୍ଠା ଏବଂ ପରିଶ୍ରମ ଦ୍ୱାରା ଦିନେ ସେ ମାନ୍ୟଗଣ୍ୟ ହୋଇ ସାରା ଦୁନିଆରେ ପ୍ରସିଦ୍ଧି ପାଇଲା।

ପିଲାଏ, ସମୟ ସମସ୍ତଙ୍କ ପାଇଁ ବହୁ ମୂଲ୍ୟବାନ୍। ସମୟ ସହ ତାଳ ଦେଇ ନିଜ କାମ ନିଜେ କରିପାରିଲେ ତୁମେମାନେ ବି ଦିନେ ପ୍ରସିଦ୍ଧି ଲାଭ କରି ଯାହା ଚାହିଁବ ତାହା ପାଇଯିବ।

ବିସି-୭୪, ସଲଟ ଲେକ,
କଲକାତା-୬୪
ମୋ:୯୬୮୧୩୭୩୫୧୨

## ଜୀବ ଜଗତର ଅଜବ କଥା

# ଗନ୍ଧ ବାରିବାରେ ନମ୍ବର ୱାନ୍

କୁକୁରଙ୍କ ଘ୍ରାଣଶକ୍ତି ମଣିଷଙ୍କଠାରୁ ଢେର ଅଧିକ। କୁକୁରମାନଙ୍କ ମଧ୍ୟରେ ଆଲସିସିଆନ୍ ଏ କ୍ଷେତ୍ରରେ ସମସ୍ତଙ୍କଠାରୁ ଆଗରେ। ମଣିଷଙ୍କ ତୁଳନାରେ ତା'ର ଗନ୍ଧ ବାରିବା ଶକ୍ତି ୧୦ ଲକ୍ଷ ଗୁଣକୁ ଅଧିକ।



## ବିଶ୍ୱ ରେକର୍ଡ଼

# ଏକ ନିଃଶ୍ୱାସରେ ୧୫୧ ମହମବତୀ ଲିଭିଲା



ବିଶ୍ୱ ରେକର୍ଡ଼ ସୃଷ୍ଟି କରିବା ପାଇଁ ପୂର୍ବରୁ ବହୁ ବ୍ୟକ୍ତି ନିଜର ବିଚକ୍ଷଣତା ପ୍ରଦର୍ଶନ କରିଛନ୍ତି। ୨୦୦୮ ଜାନୁଆରୀ ମାସରେ ତାମିଲନାଡୁର ରାମନାଥପୁରମ ଜିଲ୍ଲାର ଜଣେ ୨୧ ବର୍ଷୀୟ ଯୁବକ ମାତ୍ର ଗୋଟିଏ ନିଃଶ୍ୱାସରେ ୧୫୧ଟି ମହମବତୀ ଲିଭାଇ ଗିନିଜ୍ ବୁକ୍ ୱାର୍ଲ୍ଡ ରେକର୍ଡ୍‌ରେ ନିଜ ନାମ ଉଲ୍ଲେଖ କରିବାର ଗୌରବ ଅର୍ଜନ କରିଥିଲେ। ସେ ହେଉଛନ୍ତି ରାମନାଥପୁରମ ବେଲୁପାଟିଟନମ୍ ଗ୍ରାମର ବି. ଶଙ୍କର ନାରାୟଣମ୍। ପରେ ଏକ ସ୍ୱତନ୍ତ୍ର ସମାରୋହରେ ତାଙ୍କୁ ଏହାର ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପୂର୍ବରୁ ଫ୍ରାନ୍ସର ଡେଭି ଲେମୀ ୨୦୦୧ ମସିହାରେ ଏକ ସମୟରେ ୧୧୭ ମହମବତୀ ଲିଭାଇ ବିଶ୍ୱ ରେକର୍ଡ଼ ସୃଷ୍ଟି କରିଥିଲେ।

## ବିଶ୍ୱାସ କର ବା ନକର

# ମୂଷା ବିଲେଇ ଖେଳ

ଲାଇନ୍ କଟିଲା ୭୨ ଘଣ୍ଟା ମୂଷା ବିଲେଇ ମଧ୍ୟରେ ଥିବା ଶତ୍ରୁତା ଆଲବେନିଆର ରାଜଧାନୀ ତିରାନାରେ ଥରେ ବଡ଼ ଧରଣର ସମସ୍ୟା ସୃଷ୍ଟି କରିଥିଲା। ଗୋଟିଏ ମୂଷାକୁ ଅନୁସରଣ କରି ଏକ ବିଲେଇ ସହର ମଧ୍ୟରେ ଥିବା ମୁଖ୍ୟ ବିଦ୍ୟୁତ୍ କେନ୍ଦ୍ରରେ ପଶିଯାଇଥିଲା। ପରେ ହାଇ ଭୋଲଟେଜ୍ ତାର ମଧ୍ୟରେ ମୂଷା ବିଲେଇଙ୍କ ଛକାପଞ୍ଝା ମଧ୍ୟରେ ବିଜୁଳି ଲାଇନ୍‌ରେ ଏପରି ତ୍ରୁଟି ସୃଷ୍ଟି ହୋଇଥିଲା ଯେ ପୂରା ୭୨ ଘଣ୍ଟା ବିଦ୍ୟୁତ୍ ଚାଲିଗଲା। କ୍ରମାଗତ ତିନି ଦିନ ଧରି ବିଦ୍ୟୁତ୍ ନରହିବାରୁ ତିରାନାରେ ବଡ଼ ଧରଣର ସମସ୍ୟା ଦେଖାଦେଇଥିଲା। ଜଳଯୋଗାଣଠାରୁ ଆରମ୍ଭ କରି ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବା ବନ୍ଦ ହୋଇଯାଇଥିଲା। କଳକାରଖାନା ମଧ୍ୟ ଚାଲି ପାରିନଥିଲା। ଅବଶ୍ୟ ବିଦ୍ୟୁତ୍ କେନ୍ଦ୍ରରେ ଗୋଡ଼ିଆଗୋଡ଼ି ହୋଇ ଉଭୟ ମୂଷା-ବିଲେଇ ପ୍ରାଣ ହରାଇଥିଲେ। ମୂଷା ବିଲେଇଙ୍କ ଶତ୍ରୁତା ଯୋଗୁ ସହରରେ ପ୍ରଥମ ଥର ପାଇଁ ଏଭଳି ବିଭ୍ରାଟ ଘଟିଥିଲା।



## କବିତା



ପ୍ରଭାତ ଚନ୍ଦ୍ର ରଥ

### ଝରିବ ଲୋ ହୀରା ମୋତି

କୁନା କାହିଁ ଆଜି
ଏତେ ଅମାନିଆ
ବସିଲାନି ଭାତ ଖାଇ
ସବୁ ଦିନେ ସେତ
ଖାଇଦିଏ ଭାତ
ସଙ୍ଗେ ଥାଏ ବଡ଼ ଭାଇ।
ନଖାଇ ନପିଇ
ଘର କଣଟିରେ
ବସି ନିଗାଡ଼ିଲା ଲୁହ,
ବୋଉ ପଚାରିଲେ
'ସୁନା ପୁଅ ମୋର,
କିସ ହେଲା ଟିକେ କୁହ ?'
କାନ୍ଦି କାନ୍ଦି କୁନା
କହିଲା, 'କିଏ ସେ,
ଗଛ ମୋ ଦେଇଛି କାଟି,
ଗଡ଼ ଗଡ଼ ହୋଇ
ପଡ଼ିଛି ବାଡ଼ିରେ
ବିକଳେ କାମୁଡ଼ି ମାଟି।'
ତା'ରି ତଳରେ
ଖେଳୁଥିଲି ମୁଇଁ
ଖାଉଥିଲି ତା'ର ଫଳ,
ବିଷମ ଗ୍ରୀଷ୍ମମେ
ଭଲ ଲାଗୁଥିଲା
ତା' ଛାଇଟି ସୁଶୀତଳ।
କୁନାକୁ କୋଳେଇ
ନେଇଗଲେ ବୋଉ
ଚାରାଟିଏ ଦେଲେ ପୋତି,
କୁନାଟି କହିଲା-
ଏ ଗଛରୁ ଦିନେ
ଝରିବ ଲୋ ହୀରା ମୋତି।

ଅବସରପ୍ରାପ୍ତ ଶିକ୍ଷକ,
ସତ୍ୟବାଦୀ, ଜି: ପୁରୀ
ମୋ: ୮୭୬୩୩୦୨୫୦୭



ଲକ୍ଷ୍ମୀକାନ୍ତ ଦଳେଇ

### ଡାଡୁଲ୍ ପାଇଁ ପାରାବାରା

ଆ'ରେ ଶୁଆ ଆ'
ଭଇଁଚ କୋଳି ଖା'
ହନୁ ଖାଇଦେଲା
ଭଇଁଚ କୋଳି
ଗଛ ଡାଳେ ଯାଇ
ଖେଳିଲା ଦୋଳି
ଆ'ରେ ଶୁଆ ଫେରି ଆ'
ଡାଡୁଲ୍ ନାଚିବ
ଝୁଲି ଝୁଲିକା
ନାଚ ତା'ର ଦେଖି ଯା'।
ଆ' ଲୋ ପୁଷି ଆ'
ଇଲିଶି ମାଛ ଖା'
ଚିଲ ଝମ୍ପି ନେଲା
ଇଲିଶି ମାଛ
'ଭାଲୁଆ' କୁକୁର
କରିଲା ନାଚ
ଆ'ଲୋ ପୁଷି ଫେରି ଆ'
ଡାଡୁଲ୍ ଗାଇବ
ମିଠୁଲି ଗୀତ
ଗୀତ ତା'ର ଶୁଣି ଯା'।
ଆ'ରେ ପାରା ଆ'
ଗହମ ମୁଠେ ଖା
ଡାମରା କାଉଟା
କୋଉଠି ଥିଲା
ଗହମ ମୁଠାକ
ଖୁଣ୍ଟି ଖାଇଲା
ଆ'ରେ ପାରା ଫେରି ଆ'
ଡାଡୁଲ୍ କହିବ
ସରସ ଗପ
ଗପ ତା'ର ଶୁଣି ଯା'।

ଶଶାଙ୍କ ନିବାସ,
ବାଲିଘାଟ, ପୁରୀ-୨
ମୋ: ୯୦୪୦୫୧୦୧୦୪

## ନୀତି କଥା

# ଭୁଲ କଲେ ବି ବେଳେବେଳେ ଭଲ ହୁଏ



କେଦାରନାଥ ସାହୁ

ଟୁନା ପ୍ରଥମ ଶ୍ରେଣୀରେ ପାଠ ପଢେ। ବାପା, ମାଆ ଆଉ ବଡ଼ ଭଉଣୀ ସହିତ ରହେ। ତାଙ୍କ ଘରେ ସମସ୍ତେ ଏକାଠି ଭାତ ଖାଆନ୍ତି। ମଜା ମଜଲିସ କରି ଖାଆନ୍ତି। ରବିବାର ସକାଳେ ଟୁନାର ଜେଜେ ଆସିଥାନ୍ତି। ଗାଁରୁ ଜାତି ଜାତିକା ପନି ପରିବା ଆଣିଥାନ୍ତି। ଜେଜେ ଆଣିଥିବା ଦେଶୀ ଛତୁ ଦେଖି ଟୁନା ବହୁତ ଖୁସିଥିଲା। ଜେଜେ ସହ କେତେ କଥା ହେଲା। ଟୁନାର ପ୍ରଶ୍ନର ଉତ୍ତର ଦେଇ ଦେଇ ଜେଜେ ମଧ୍ୟ ଉତ୍ସାହିତ ଥାନ୍ତି।

ଟୁନା ମାଆ ଆଜି ବହୁତ୍ ଖୁସି କାହିଁକି ନା ଏଇ ରବିବାର ହେଲା ଟୁନାର ଦୁଷ୍ଟାମି ଦିନ। ସଅଳ ଗାଧୋଇ ଭାତ ଖାଇବାକୁ ସମସ୍ତେ ବସିଲେ। ଟୁନା ଜିଦ୍ କଲା ସେ ଭାତ ଦେବ। ମାଆ ମନା କରୁଥିଲେ। ଟୁନା ଜିଦ୍ ଦେଖି ଜେଜେ ତାକୁ ଭାତ ଥାଳି ଦେବାକୁ କହିଲେ। ଟୁନା ଜେଜେଙ୍କୁ ଭାତ ଥାଳି ଦେଲା। ସେ ବହୁତ୍ ଖୁସି ଥିଲା। ନିଜ ଖାଇବା ଥାଳି ନେବା ସମୟରେ ତା ହାତରୁ ଥାଳି ଖସିଗଲା। କିଛି ଭାତ ତଳେ ପଡିଗଲା। ମାଆ ରାଗିଲେ ଆଉ ଗାଳି ଦେଲେ। ଟୁନା ବି କାନ୍ଦିଲା। ଏହା ଦେଖି ଜେଜେ ଟୁନାକୁ କୋଳକୁ ନେଇ ଗଲେ, ଗେଲ କରି କହିଲେ, ଏମିତି ହୁଏ, କାନ୍ଦନା। ଭୁଲ୍ କଲେ ସିନା ଭଲ ହେବ। ସେ ଟୁନା ମାଆକୁ ବି ବୁଝେଇଲେ, ରାଗିବାକୁ ମନାକଲେ। ଟୁନାର କାନ୍ଦ ବନ୍ଦ ହେଲା ନାହିଁ।

ତାପରେ ଜେଜେ କହିଲେ, ଏ ନାତିଆ ଟୋକା, ତୋ ହାତରୁ ଯେଉଁ କିଛି ଭାତ ପଡିଲା ତାହା ବି ଆଉ କାହା ପାଇଁ କାମରେ ଆସିବ। ଏହି କଥା ଶୁଣି ଟୁନା ଆଶ୍ଚର୍ଯ୍ୟ ହୋଇ ପଚାରିଲା, କେମିତି ? ଜେଜେ କହିଲେ ଦେଖ୍ ତୋ ପକାଇଥିବା ଭାତକୁ ତୋ ମାଆ ଯାଇକି ବାଡ଼ି ପଟେ ପକାଇବ। ସେତେବେଳେ କେତେ ଜୀବ ଆସି ଏହି ଭାତକୁ ଖାଇବେ। ଝରକା ପାଖକୁ ଯାଇ ଜେଜେ କହିଲେ, ହେଇ ଦେଖ୍ ସେ କଳା କୁକୁର କିପରି ଭାତକୁ ଖାଉଛି। ଆଜି ତୋ ହାତରୁ ସେ ଜୀବର ଖାଇବା ଥିଲା। ଝରକାରୁ ଟୁନା କୁକୁରର ଭାତ ଖାଇବା ଦେଖୁଥିବା ସମୟରେ ଟୁନାର ମାଆ ଟୁନାକୁ ଭାତ ଖୁଆଇ ଦେଉଥିଲେ ଆଉ ଜେଜେଙ୍କ କଥା ମନଦେଇ ଶୁଣୁଥିଲେ।

ଶିକ୍ଷକ
ବେହେରାପାଲି, ସୋହେଲା, ବରଗଡ଼
ମୋ: ୯୭୭୮୮୮୯୯୧୧



## କବିତା

# ଚଷମା



ଧୀରେନ୍ଦ୍ର ମଲ୍ଲିକ

ଚଷମା ଅଟଇ ନାଆଁଟି ମୋହର
ମଣିଷଙ୍କର ମୁଁ ମିତ,
ତେଣୁ ଅମଙ୍ଗଳ ଚାହେଁନି ତାଙ୍କର
କରଇ ସର୍ବଦା ହିତ।
ଆଖିକୁ ସୁରକ୍ଷା ଦିଅଇ ନିଇତି
କରେ ନାହିଁ ରାଗ ରୋଷ,
କ୍ଷମା କରିଦିଏ ବଡ଼ ହୃଦୟରେ
କଲେ ଯିଏ ବଡ଼ ଦୋଷ।
ଭଲ ଭାବେ ଦିଶୁ ନଥିଲେ କାହାକୁ
ପିନ୍ଧିଦେଲା ପରେ ମତେ,
ପ୍ରତ୍ୟେକ ଜିନିଷ ଜଳ ଜଳ ହୋଇ
ଦିଶେ ପରା ତାଙ୍କୁ ସତେ।
ରଙ୍ଗ ବେରଙ୍ଗର ଯାହାବି ଖୋଜିଲେ
ବଜାରରେ ଏବେ ମିଳେ,
ଯୁବକ ଯୁବତୀ ସରାଗେ କିଣନ୍ତି
ଡେରି ନକରିକି ତିଳେ।
ଯେତେ ଦାମୀ ପଛେ ହୋଇଥିଲେ ମୁହିଁ
ଗରବ କରଇ ନାହିଁ,
ମଣିଷଙ୍କ କାମେ ଆସିବାକୁ ସଦା
ରହିଥାଏ ପରା ଚାହିଁ।
ଗୁହାରି କରୁଛି ସଭିଙ୍କ ପାଖରେ
ଭାବିବନି କେବେ ପର,
ଛାଇ ପରି ତୁମ ସାଥିରେ ରହିବି
ନଥିବ କାହାକୁ ଡର।

ନୀଳକଣ୍ଠପୁର,
ମଙ୍ଗଳପୁର, ଯାଜପୁର
ମୋ:୭୯୦୪୩୯୨୬୮୬

# ତାଳବଣ



ଚିତ୍ତରଞ୍ଜନ ମହାନ୍ତି

ଦୂରୁ ଦିଶୁନାହିଁ ତାଳବଣ
ଛୁଇଁନି ଆକାଶ ମଥାନ
ଚିହ୍ନି ହେଉନି ମାମୁଁ ଘର ଗାଆଁ
କୁଆଡ଼େ ଗଲୁ ତୁହି ଲୁଚିଲା କି ନାଆଁ।
କ'ଣ ନଦିଏ ଆମ ଚଳଣି ପାଇଁ
ରୁଟି, ଜଳ, ବାସ ଆମ ମନ ଜାଣି
କଡ଼ି, ବରଗା, ଖୁଣ୍ଟ, ଶେଣି
ଉପକାର ବହୁ, ଆମେ ତୋର ଋଣୀ।
ପର୍ବ ପର୍ବାଣୀରେ ତାଳପିଠା
ଭଲ ଲାଗେ ତାଳସଜ, ତାଳଗଜା
ଭାରି ମିଠା ସୁସ୍ୱାଦ ଗୁଡ଼
ତୁହି ଦେଉ ସଭିଙ୍କୁ ତ ଭାରି ମଜା।
ଆଗପରି ନାହିଁ ତାଳବଣ
ବଜ୍ରପାତ ନେଉଛି ଜୀବନ
ତାଳଗଛ ଆର୍ଥିର କାମକରେ
ସବୁ ଆଘାତ ନିଏ ନିଜ ଉପରେ।
ତାଳଚାରା ରୋପଣର ବେଗ
ସବୁ ସ୍ତରରେ ନେବା ପଦକ୍ଷେପ
ସରକାରୀ ହେଉ ବା ବେସରକାରୀ
ବଜ୍ରାଘାତେ ଆଉ ଯିବେନି କେ ମରି।
କେତେ ଉପକାର କରୁ ଆମରି
କାମଧେନୁ ତୁହି ଆମ ମାଆ ପରି
ଏତେ ଦରବ ଦେଉ ଅଜାଡ଼ି
ଆମ ଜୀବନକୁ ଦେଉ ସଜାଡ଼ି।

ତଶିରା, ଭଦ୍ରକ- ୭୫୬୧୧୧
ମୋ: ୯୪୩୮୬୭୦୧୫୦



# କହିବ ଭଲ କଥା



ପ୍ରଦୀପ୍ତ ଭାନୁ ମହାନ୍ତି

କହିବାକୁ କଥା
ଲାଗଇ ଭଲ
ମାପିଚୁପି କଥା
କୁହଇ ଯିଏ
ସେ ପାଇଥାଏ
ତାହାର ମୂଲ।
ଖରାପ କଥା
ଅଶାନ୍ତି ଦିଏ
ମନ ଭିତରେ
ରାଗ ଆସେ
ଖରାପ ମଣିଷ
ଦୁଃଖ ପାଏ।
ପିଲାଏ କହିବ
ଭଲ କଥା
କାହାରି ମନେ
ଦେବନି ବ୍ୟଥା।

ବରଡୋଲ, ବରଗଡ଼
ମୋ: ୭୩୭୭୫୬୭୮୯୭

## ତୁମ ପାଇଁ ବହି

# ଟିକି ଟିକି ତାରା ଫୁଲ




ଲେଖକ: ପ୍ରଦ୍ୟୁମ୍ନ ପଟ୍ଟନାୟକ
ପ୍ରକାଶକ: ବନଫୁଲ
ଠିକଣା: ଭିଏସ୍‌ଏସ୍ ନଗର, ଭୁବନେଶ୍ୱର-୧୦
ମୂଲ୍ୟ: ୧୦୦ ଟଙ୍କା

ଏହି କବିତା ସଙ୍କଳନଟିରେ ମୋଟ ୨୩ଟି କବିତା ରହିଛି। ଟିକି ଟିକି ତାରା ଫୁଲ, ଖେଳିବା ହୋଲି, ସାଧବ ବୋହୂ, ପୁନେଇଁର ଚାନ୍ଦ ସହ ଅନ୍ୟ କବିତାଗୁଡ଼ିକ ମଧ୍ୟ ବେଶ୍ ସରଳ ଓ ସାବଲୀଳ। ଭିତରର ଚିତ୍ର ଓ ମଲାଟ ମଧ୍ୟ ବେଶ୍ ଆକର୍ଷଣୀୟ। ପିଲାମାନେ ନିଶ୍ଚୟ ବହିଟିକୁ ପସନ୍ଦ କରିବେ।

## କୁନାକୁନିଙ୍କ ଚିତ୍ର





ସୌମ୍ୟ ଶେଖର ସ୍ୱାଇଁ
କ୍ଲାସ୍-ୟୁ.କେ.ଜି,
ମଦର୍ସ ପବ୍ଲିକ୍ ସ୍କୁଲ,
ପାହାଳ, ଭୁବନେଶ୍ୱର



ଏ.ସୋମ୍ୟାଶ୍ରୀ ପାତ୍ର,
କ୍ଲାସ୍- ଦ୍ୱାଦଶ,
ପ୍ରଭୁଜୀ ଇଂଲିଶ୍ ମିଡ଼ିଅମ୍ ସ୍କୁଲ,
ବମିଖାଲ, ଭୁବନେଶ୍ୱର



'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ୍- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର୍-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com

# ଯଯାତିକେଶରୀ ଭେଷଜ ମହାବିଦ୍ୟାଳୟରେ ବୃକ୍ଷରୋପଣ



**ଯାଜପୁର,୨୦।୯/ଏନ୍‌ଏନ୍‌ଏସ୍‌:** ଯାଜପୁର ଜିଲ୍ଲାସ୍ଥିତ ଯଯାତିକେଶରୀ ଭେଷଜ ମହାବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଡିନ୍ ତଥା ଅଧ୍ୟକ୍ଷ ସୀତାରାମ ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଶିବାଶିଷ ମହାରଣା, ରେଜିଷ୍ଟ୍ରାର ନିର୍ଲିପ୍ତା ମହାନ୍ତି, ସହକାରୀ ବନ ସଂରକ୍ଷକ ସନ୍ତୋଷ ପତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନିମ୍ବ, ଆମ୍ବ, ପିଜୁଳି, ଅଶୋକ, ଅର୍ଜୁନ ଓ ରୟାଲ୍ ପଏନ୍‌ସିଆନା ଆଦି ୨୫୦ଟି ଚାରାରୋପଣ କରାଯାଇଥିଲା।

# ଟ୍ରକ୍ ଦୁର୍ଘଟଣାରେ ଠିକା ଶ୍ରମିକ ମୃତ

**ତାଳଚେର,୨୦।୯/ଏନ୍‌ଏନ୍‌ଏସ୍‌:** ତାଳଚେର ବିକ୍ରମପୁର ଥାନା ଅନ୍ତର୍ଗତ ଏଫ୍‌ସିଆଇ ପ୍ଲାଣ୍ଟର ଜଣେ ଠିକା ଶ୍ରମିକଙ୍କ ଟ୍ରକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ନେପାଳ ଅଞ୍ଚଳର ଅରୁଣ ମଣ୍ଡଳ(୨୩)। ଅରୁଣ ପ୍ଲାଣ୍ଟ ଭିତରେ କାର୍ଯ୍ୟ କରୁଥିବା ସମୟରେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଶ୍ରମିକମାନେ ଏହା ଦେଖି ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଶବକୁ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ତାଳଚେର ସରକାରୀ ମଣ୍ଡାପାଳ ଡାକ୍ତରଖାନାକୁ ପଠାଇଥିବା ଜଣାପଡ଼ିଛି। ତେବେ ସେଠାରେ କାର୍ଯ୍ୟ କରୁଥିବା ସମସ୍ତ ଶ୍ରମିକ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା ଦାବିରେ ଆନ୍ଦୋଳନ କରିଥିଲେ। ପୁଲିସ ଉପସ୍ଥିତିରେ ମୃତକଙ୍କ ପରିବାରକୁ କମ୍ପାନୀ କ୍ଷତିପୂରଣ ଦେବାନେଇ ପ୍ରତିଶ୍ରୁତି ଦେବାପରେ ସେମାନେ ଆନ୍ଦୋଳନରୁ ହଟିଥିଲେ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

# କିଡନୀ ରୋଗୀଙ୍କୁ ଆର୍ଥିକ ସହାୟତା



**କେନ୍ଦ୍ରାପଡ଼ା,୨୦।୯/ଏନ୍‌ଏନ୍‌ଏସ୍‌:** କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି ପକ୍ଷରୁ କିଡନୀ ରୋଗୀଙ୍କୁ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଡେରାବିଶ ବ୍ଲକ୍ ରଘୁଦେଇପୁର ପଞ୍ଚାୟତ ନୋଳସାହିର ଭାଗ୍ୟଧର ସେଠୀ ଦୀର୍ଘ ୬ ମାସ ଧରି କିଡନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି। ସେ ଆର୍ଥିକ ଅନଗ୍ରସର ଏବଂ ଶ୍ରମିକ ଶ୍ରେଣୀର ହୋଇଥିବା ଯୋଗୁ ଚିକିତ୍ସା ପାଇଁ ତାଙ୍କ ପାଖରେ ଟଙ୍କା ନାହିଁ। ଏନେଇ ଖବରପାଇ ସୋସାଇଟିର ସଭାପତି ତଥା ସମବାୟବିତ୍ ପ୍ରମୋଦ କୁମାର ସାହୁ ତାଙ୍କ ବାସଭବନରେ ପହଞ୍ଚି ଚିକିତ୍ସା ନିମନ୍ତେ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ସହାୟତା ପ୍ରଦାନ ସମୟରେ ଶାଖା ପରିଚାଳକ ପ୍ରମୋଦ ମଲ୍ଲିକ, ରାଜୁ କର ଓ ୱାର୍ଡମେମ୍ବର ତୃପ୍ତି ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ଭାଗ୍ୟଧରଙ୍କ ପରିବାରଙ୍କୁ ପ୍ରତିମାସରେ ଜ୍ଞାନ ଦେବୀ ଗୁଜୁରାଣ ଯୋଜନା ମାଧ୍ୟମରେ ୧ ହଜାର ଟଙ୍କା ସହାୟତା ପ୍ରଦାନ କରାଯିବ ବୋଲି ଶ୍ରୀ ସାହୁ ପ୍ରତିଶ୍ରୁତି ଦେଇଛନ୍ତି। ସୋସାଇଟି ପ୍ରାକୃତିକ ବିପର୍ଯ୍ୟୟ, କ୍ରୀଡ଼ା ଓ କୃତି ପ୍ରତିଭାଙ୍କୁ ବିଭିନ୍ନ ସମୟରେ ଆର୍ଥିକ ସହାୟତା ପ୍ରଦାନ କରିବା ସହ ଉଚ୍ଚଶିକ୍ଷା କ୍ଷେତ୍ରରେ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ସହାୟତା ପ୍ରଦାନ କରିଥାଏ।

# ଅବକାରୀ ବିଭାଗର ମିଳିତ ଚଢ଼ଉ, ୫ ଗିରଫ

**ସୋର,୨୦।୯/ଏନ୍‌ଏନ୍‌ଏସ୍‌:** ସୋର ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ମିଳିତ ଚଢ଼ଉ କରି ଦେଶୀମଦ ଜବତ କରିଥିବା ଜଣାପଡ଼ିଛି। ଏହାସହ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସନ୍ତୋଷ ସ୍ୱାଇଁ ଏବଂ ନୀଳଗିରି ରେଞ୍ଜ ଅବକାରୀ ଆଇଆଇସି କେଶବ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଏକ ଟିମ୍ ବ୍ରାହ୍ମଣସାହି ଗ୍ରାମର ସୁରେନ୍ଦ୍ର ନାୟକଙ୍କଠାରୁ ୪୫ ଲିଟର, ସେହି ଗ୍ରାମର ଝୁନୁ ପାଣିଗ୍ରାହୀଙ୍କଠାରୁ ୧୫ ଲିଟର, ଖଜୁରୀଡ଼ିହା ଗ୍ରାମର ଅଗଣା ଜେନାଙ୍କଠାରୁ ୨୦ ଲିଟର, ଛତରା ଗ୍ରାମର ରାଜେନ୍ଦ୍ର ମୁଦୁଲିଙ୍କଠାରୁ ୪୫ ଲିଟର ଓ ପୌରପାଳିକା ଅନ୍ତର୍ଗତ ଅଡ଼ଙ୍ଗ ବଜାରର ବିମଳା ଧଡ଼ାଙ୍କଠାରୁ ୧୫ ଲିଟର ଦେଶୀମଦ ଜବତ କରିବା ସହିତ ସମସ୍ତଙ୍କୁ ଗିରଫ କରିଥିଲେ। ଏହି ଚଢ଼ଉରେ ଏଏସ୍‌ଆଇ ମିନତୀ ଜେନା, ଦୁର୍ଯ୍ୟୋଧନ ବେହେରା, କନେଷ୍ଟବଳ ଶଶୀକାନ୍ତ ସାହୁ, ଦେବାଶିଷ ମଲ୍ଲିକ, ସୁନାରାମ ସରେନ, ମିନତୀ ପରିଡ଼ା ଓ କାଜଲ ପ୍ରିୟଦର୍ଶିନୀ ପ୍ରମୁଖ ସାମିଲ ହୋଇଥିଲେ।

ରାଜନଗର ନିର୍ବାଚନମଣ୍ଡଳୀ ବିକାଶ କମିଟି ବୈଠକ

# ପଟ୍ଟାମୁଣ୍ଡାଇ ଓ ରାଜନଗରର ବିକାଶ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

**ପଟ୍ଟାମୁଣ୍ଡାଇ,୨୦।୯/ଏନ୍‌ଏନ୍‌ଏସ୍‌:** କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରଥମଥର ପାଇଁ ରାଜନଗର ନିର୍ବାଚନମଣ୍ଡଳୀ ବିକାଶ କମିଟି ବୈଠକ ବିଧାୟକ ଧ୍ରୁବ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀ ସାହୁ ପଟ୍ଟାମୁଣ୍ଡାଇ ବ୍ଲକ୍ ଓ ମ୍ୟୁନିସିପାଲିଟି ଏବଂ ରାଜନଗର ବ୍ଲକ୍‌ର ବିଭିନ୍ନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପର ସ୍ଥିତି ପରଖିବା ସହିତ ବାକିଥିବା ବିଭିନ୍ନ ପ୍ରକଳ୍ପ ନର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ଶ୍ରୀ ସାହୁ ସର୍ବପ୍ରଥମେ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟାବଳୀ ସମୀକ୍ଷା କରି ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ୍ ହସ୍ପିଟାଲ ବିକାଶ ପାଇଁ ୧୭ କୋଟି ଟଙ୍କାର କାର୍ଯ୍ୟ ଚାଲି ଥିବାବେଳେ ୫୫କୋଟି ବ୍ୟୟରେ ୩୮ଟି ଷ୍ଟାଫ୍ କ୍ୱାର୍ଟର ନିର୍ମାଣ କରାଯିବା ପାଇଁ ବ୍ୟବସ୍ଥା ହୋଇଥିବା ଜାଣିବାକୁ ପାଇଥିଲେ। ସେଥିପାଇଁ ଷ୍ଟାଫ୍ କ୍ୱାର୍ଟର ନିର୍ମାଣ ପାଇଁ ହସ୍ପିଟାଲ ସଂଲଗ୍ନ ଅଞ୍ଚଳରେ ସରକାରୀ ଜାଗା ଯୋଗାଇ ଦେବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ପଟ୍ଟାମୁଣ୍ଡାଇ ବ୍ଲକ୍ ଶିକ୍ଷା ବ୍ୟବସ୍ଥା ସମୀକ୍ଷା କରି ମିଞ୍ଜାଉଣୀ ସ୍କୁଲ ଏବଂ ଜଣେ ଶିକ୍ଷକ ଥିବା ସ୍କୁଲରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ପଟ୍ଟାମୁଣ୍ଡାଇ ଏମ୍‌ଏନ୍ ହାଇସ୍କୁଲ ଓ ସରକାରୀ ବାଳିକା ହାଇସ୍କୁଲରେ ପ୍ରଧାନଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷକ ନିଯୁକ୍ତି ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜନଗର ବ୍ଲକ୍‌ରେ ୨୦୧ ଶିକ୍ଷକ ପଦବୀ ଖାଲିଥିବାବେଳେ ୧୬୯ ଶିକ୍ଷକ ନିଯୁକ୍ତି ଦିଆଯାଇଛି।

ଏହି ପରିପ୍ରେକ୍ଷୀରେ ପଟ୍ଟାମୁଣ୍ଡାଇ ଏବଂ ରାଜନଗର ବ୍ଲକ୍‌ର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟକ୍ରମ ସମୀକ୍ଷା କରିବା ସହିତ ମେଗା ପାନୀୟଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ପ୍ରତି ପଞ୍ଚାୟତର ଜଳକ୍ଲିଷ୍ଟ ଅଞ୍ଚଳରେ ଅତିରିକ୍ତ ନଳକୂପ ଖନନ ବ୍ୟବସ୍ଥା ସହ ସାନମୋହନପୁରରେ ଏକ ଅତିରିକ୍ତ ବୋରିଂ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ୍, ମ୍ୟୁନିସିପାଲିଟି ଓ ରାଜନଗର ବ୍ଲକ୍‌ର ପୂର୍ତ୍ତ ବିଭାଗ କାର୍ଯ୍ୟକ୍ରମ ସମୀକ୍ଷା କରି ସମସ୍ତ ରାସ୍ତା ସେତୁ ନିର୍ମାଣ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ଦୁର୍ଗାପୂଜା ପୂର୍ବରୁ ପଟ୍ଟାମୁଣ୍ଡାଇ-ରାଜନଗର ବ୍ରାହ୍ମଣୀ ନଦୀବନ୍ଧ ରାସ୍ତା ମରାମତି ସମ୍ପୂର୍ଣ୍ଣ କରିବା ସହିତ ପଟ୍ଟାମୁଣ୍ଡାଇ ମେଡିକାଲ୍ ଛକରୁ ବନ୍ତାରପୁର ପର୍ଯ୍ୟନ୍ତ ରାସ୍ତାରେ ଡ୍ରେନ୍ ନିର୍ମାଣ କରି ଜଳନିଷ୍କାସନ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜନଗର ବ୍ଲକ୍‌ରେ ଥିବା ରାସ୍ତା ଓ ସେତୁ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଶ୍ରୀ ସାହୁ ପଟ୍ଟାମୁଣ୍ଡାଇ ଓ ରାଜନଗର ବ୍ଲକ୍‌ର ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟକ୍ରମ ସମୀକ୍ଷା କରି ବିଭାଗୀୟ ଅଧିକାରୀଙ୍କ ଉପରେ ବର୍ଷିଥିଲେ। ବାରମ୍ବାର ଟେଣ୍ଡର ହୋଇ ବାତିଲ ହୋଇଥିବା ପଟ୍ଟାମୁଣ୍ଡାଇ ବ୍ଲକ୍‌ର ପାଳପାଟଣା-ମହାସାହାଣୀ ସେତୁ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ।



ଏହାସହ ନିର୍ମାଣାଧୀନ ବଳଭଦ୍ରପୁର ପଞ୍ଚାୟତରେ ନିର୍ମାଣାଧୀନ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ରାସ୍ତା ଉତ୍ତମ ଗୁଣବତ୍ତା ସହ ସମ୍ପୂର୍ଣ୍ଣ କରିବାକୁ କହିଥିଲେ। ପଟ୍ଟାମୁଣ୍ଡାଇରେ ବିଦ୍ୟୁତ୍ ଡିଭିଜନ ଖୋଲିବା ଉପରେ ବିଧାୟକ ଗୁରୁତ୍ୱାରୋପ କରିବା ସହିତ ପଟ୍ଟାମୁଣ୍ଡାଇ ବିଦ୍ୟୁତ୍ ଫିଡ୍‌ରୁ ଜରିଆ ଲାଇନ୍ ଅଲଗା କରିବାକୁ ନିର୍ଦ୍ଦେଶ ଦେବାସହ ପୁରୁଣା ଖୁଣ୍ଟ ଓ ତାର ବଦଳାଇବାକୁ କହିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ଅଧ୍ୟକ୍ଷ ହେମନ୍ତ ସାହୁ, ରାଜନଗର ବ୍ଲକ୍ ଅଧ୍ୟକ୍ଷା ପ୍ରତିଭା ପାତ୍ର, ପଟ୍ଟାମୁଣ୍ଡାଇ ବିଡିଓ ଶୁଭ୍ରାଂଶୁ ସାହୁ, ରାଜନଗର ବିଡିଓ ନିଶାନ ମିଶ୍ର, ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ପଟ୍ଟାମୁଣ୍ଡାଇ ପୌରନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି, ଜିଲ୍ଲା କୃଷି ଉପନିର୍ଦ୍ଦେଶକ ଅଶୋକ ସାମଲ, ଜିଲ୍ଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ବସନ୍ତ ନାୟକ, ପଟ୍ଟାମୁଣ୍ଡାଇ ସହନିର୍ବାହୀ ଯନ୍ତ୍ରୀ ଇଂ ରଞ୍ଜନ ଲେଙ୍କା, ସିଡିଏମ୍‌ଓ ଅନିତା ପଟ୍ଟନାୟକ, ପଟ୍ଟାମୁଣ୍ଡାଇ ସବଡିଭିଜନ୍ ମେଡିକାଲ ଅଫିସର ଡା. ନିରାକାର ପରିଡ଼ା, ରାଜନଗର ମେଡିକାଲ ଅଫିସର ଡା ରଶ୍ମିରଞ୍ଜନ ମହାନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ୍ ନିର୍ବାହୀଯନ୍ତ୍ରୀ ରୋଜାଲିନ ମହାଳିକ, ସହନିର୍ବାହୀ ଯନ୍ତ୍ରୀ ଜଳଧର ବେହେରା, ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଶିକାନ୍ତ ବାରିକ, ରାଜନଗର ବିଇଓ ମନୋରଞ୍ଜନ ସେଠୀ, ପଟ୍ଟାମୁଣ୍ଡାଇ ଏବିଇଓ ଚନ୍ଦ୍ରଶେଖର ତ୍ରିପାଠୀ, ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ ରାଜଶ୍ରୀ ବେହେରା, ରାଜନଗର ସହନିର୍ବାହୀ ଯନ୍ତ୍ରୀ ନଟବର ପ୍ରଧାନ, ରାଜନଗର ଗ୍ରାମ୍ୟ ଉନ୍ନୟନ ସହକାରୀ ଯନ୍ତ୍ରୀ ସୁବାଷ ଚନ୍ଦ୍ର ସାହୁ, ବ୍ଲକ୍ ମତ୍ସ୍ୟ ଅଧିକାରୀ ସୌମ୍ୟ ରଞ୍ଜନ ସେଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରୂପାଲି ପ୍ରିୟଦର୍ଶନୀଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ଶେଷରେ ପଟ୍ଟାମୁଣ୍ଡାଇ ପୌରନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି ଧନ୍ୟବାଦ ଦେଇଥିଲେ।

**ଶିକ୍ଷକ ପଦବୀ ପୂରଣ ଉପରେ ଗୁରୁତ୍ୱାରୋପ**

**ପାଳପାଟଣା-ମହାସାହାଣୀ ସେତୁ ନିର୍ମାଣ ଆରମ୍ଭ ପାଇଁ ନିର୍ଦ୍ଦେଶ**

**ବିଦ୍ୟୁତ୍ ଡିଭିଜନ୍ ଖୋଲିବାକୁ ପ୍ରାଧାନ୍ୟ**

# ୨୨ରେ ମୁଖ୍ୟମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତ

**ବାରିପଦା,୨୦।୯/ଏନ୍‌ଏନ୍‌ଏସ୍‌:** ମୟୂରଭଞ୍ଜ ଜିଲ୍ଲା ସଦରମହକୁମା ବାରିପଦାରେ ଆଗାମୀ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କର ୧୦୦ ଦିନ ପୂର୍ତ୍ତି ଅବସରରେ ବିକାଶମେଳାର ଆୟୋଜନ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୨୨ ତାରିଖ ଅପରାହ୍ନରେ ଛଉ ପଡ଼ିଆରେ ମେଳା ଉଦ୍‌ଘାଟନ କରିବା ସହିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ। ଏଥିପାଇଁ ଜିଲ୍ଲା ପ୍ରଶାସନରେ ତତ୍ପରତା ଦେଖାଯାଇଛି। ସାଧାରଣ ନିର୍ବାଚନ ପରେ ମୁଖ୍ୟମନ୍ତ୍ରୀଙ୍କର ଏହା ପ୍ରଥମ ମୟୂରଭଞ୍ଜ ଜିଲ୍ଲା ଗସ୍ତ ହୋଇଥିବାରୁ ଲୋକେ ମଧ୍ୟ ଉତ୍ସାହିତ ଅଛନ୍ତି। ଏହି ବିକାଶମେଳାର ଆୟୋଜନ ଓ ସୁପରିଚାଳନା ନିମନ୍ତେ ଜିଲ୍ଲାପାଳ ହେମକାନ୍ତ ସୟ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏସ୍. ସୁଶ୍ରୀଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭିତ୍ତିଭୂମି, ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ୍ ପରିଚାଳନା, ଜରୁରୀକାଳୀନ ଚିକିତ୍ସା ଓ ସେବା ଉପରେ ବିଶେଷ ଆଲୋଚନା କରାଯାଇଥିଲା। ଏହି ୩ ଦିନିଆ କାର୍ଯ୍ୟକ୍ରମରେ ସମସ୍ତ ବିଭାଗୀୟ ଉନ୍ନତିମୂଳକ କାର୍ଯ୍ୟର ପ୍ରଦର୍ଶନୀ ହେବାସହ ବିଭିନ୍ନ ସାଂସ୍କୃତିକ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ଜିଲ୍ଲାର ୪ଜଣ ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ନେତ୍ରାନନ୍ଦ ମଲ୍ଲିକ, ଉଦୟ କୁମାର ମହାପାତ୍ର, ଦୌଲତ ଚନ୍ଦ୍ରକାର, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱରାଜ ବେହେରା, ବାରିପଦା ପୌରପାଳିକା ନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଉପସ୍ଥିତ ଥିଲେ।



# ଅବସରପ୍ରାପ୍ତ ଶିକ୍ଷକ ପରମାନନ୍ଦ ଲେଙ୍କାଙ୍କ ପରଲୋକ

**ଏରସମା,୨୦।୯/ଏନ୍‌ଏନ୍‌ଏସ୍‌:** ଏରସମା ବ୍ଲକ୍ ସୋମପୁର ପଞ୍ଚାୟତ ଗାରଡ଼ମଲ୍ଲ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ପରମାନନ୍ଦ ଲେଙ୍କାଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୯ବର୍ଷ ବୟସ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ତଥା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ନିର୍ମଳା ଲେଙ୍କା, ଝିଅ ଲିପ୍‌ସାରାଣୀ ଲେଙ୍କା, ଜ୍ୱାଇଁ ଶିବ କୁମାର ବିଶ୍ୱାଳ, ନାତୁଣୀ ସାଇଶ୍ରୀ ବିଶ୍ୱାଳ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସ୍ୱର୍ଗତ ଲେଙ୍କା ଜଣେ ଦରଦୀ ହୃଦୟର ମଣିଷ ଥିଲେ। ସରଳ ସ୍ୱଭାବ, ପରୋପକାରୀ ମନୋଭାବ, ଛାତ୍ରବତ୍ସଳ ଗୁଣ ଓ ଅମାୟିକ ବ୍ୟବହାର ପାଇଁ ସେ ପୁରାତନ ଛାତ୍ରଛାତ୍ରୀ, ସମସାମୟିକ ବ୍ୟକ୍ତିବିଶେଷ ଓ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କର ଅତ୍ୟନ୍ତ ପ୍ରିୟପାତ୍ର ଥିଲେ। ୧୯୬୬ ମସିହାରେ ଚମ୍ପେଶ୍ୱର ରାମକୃଷ୍ଣ ହାଇସ୍କୁଲରୁ ଶିକ୍ଷକତା ଜୀବନ ଆରମ୍ଭକରି ଦୀର୍ଘ ୩୭ବର୍ଷ କାଳ ହଜାର ହଜାର ଛାତ୍ରଙ୍କ ଜୀବନ ଗଢ଼ି ୨୦୦୩ରେ ଉକ୍ତ ସ୍କୁଲରେ ଅବସର ଗ୍ରହଣ କରିଥିଲେ। ତାଙ୍କର ପରଲୋକରେ ଏରସମା-ବାଲିକୁଦା ବିଧାୟକ ଶାରଦା ପ୍ରସନ୍ନ ଜେନା, ଶିକ୍ଷାବିତ୍ ଧର୍ମାନନ୍ଦ ଦାସ, ରବିନାରାୟଣ ମୁଦୁଲି, ଗୁରୁ ଚରଣ ବେହେରା, ପଏଦା ସରପଞ୍ଚ ଦୀପ୍ତିରାଣୀ ପ୍ରଧାନ, ଡାକ୍ତର ଶକ୍ତିପ୍ରସାଦ ଦାଶ, ଗୌରାଙ୍ଗ ଚରଣ ଦାସ, ନିମାଇଁ ଚରଣ ମଲ୍ଲିକ, ପୂର୍ବତନ ସରପଞ୍ଚ ପ୍ରଦୀପ୍ତ କିଶୋର ପରିଡ଼ା ଓ ସାମ୍ବାଦିକ ପ୍ରଫୁଲ ଦାସ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଥିଲାବେଳେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



ଖୁଦୁରୁକୁଣୀ ଭସାଣିରେ ଅଘଟଣ

# ପୋଖରୀରେ ବୁଡ଼ି ଛାତ୍ର ମୃତ

**ବଡ଼ଚଣା,୨୦।୯/ଏନ୍‌ଏନ୍‌ଏସ୍‌:** ଖୁଦୁରୁକୁଣୀ ଭସାଣି ସମୟରେ ପୋଖରୀରେ ବୁଡ଼ି ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ବଡ଼ଚଣା ବ୍ଲକ୍ ଦର୍ପଣ ପଞ୍ଚାୟତ ଅନ୍ତର୍ଗତ କୋଲସାହି ଗ୍ରାମର ସଞ୍ଜୟ ସେନାପତିଙ୍କ ପୁଅ ହିତେଶ ସେନାପତି(୧୪)।

ହିତେଶ ପୋଖରୀରେ ବୁଡ଼ି ଯାଉଥିବା ଦେଖି ନିକଟରେ ଥିବା ଲୋକମାନେ ବହୁ ଖୋଜାଖୋଜି କରିଥିଲେ। ପରେ ତାଙ୍କୁ ପାଣିରୁ ଉଦ୍ଧାର କରି ନିକଟସ୍ଥ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ପକ୍ଷରୁ ବଡ଼ଚଣା ଥାନାରେ ଅଭିଯୋଗ କଲାପରେ ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଶବ ଜବତ କରିବା ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଖବରପାଇ ବଡ଼ଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ସରପଞ୍ଚ ରଞ୍ଜନ କୁମାର ଦାସ, ଯଯାତି କେଶରୀ ରାଉତ, ନିରଞ୍ଜନ ସେନାପତି, ସ୍କୁଲର ପ୍ରଧାନଶିକ୍ଷକ ଅମ୍ବୁଜ କୁମାର ଦାସ ଓ ଶିକ୍ଷକ ମହେନ୍ଦ୍ର କୁମାର ଖଣ୍ଡେଇ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

ଚପଲ ଜଗିଛି ଆଧାର କେନ୍ଦ୍ର

# ଖୋଲିବା ପୂର୍ବରୁ ଲାଗୁଛି ଲମ୍ବା ଧାଡ଼ି

**କାମାକ୍ଷାନଗର,୨୦।୯/ଏନ୍‌ଏନ୍‌ଏସ୍‌:** ସମଗ୍ର ରାଜ୍ୟରେ ଆଧାର କେନ୍ଦ୍ର ଗୁଡ଼ିକ ଏବେ ଚର୍ଚ୍ଚାର ପେଣ୍ଠସ୍ଥଳୀ ପାଲଟିଥିବାବେଳେ ଆଜିକୁ ମାସେ ହେବ ଆଧାର ଓ ମୋବାଇଲ ଲିଙ୍କ୍ ପାଇଁ ଲୋକ ବହୁ ହଇରାଣ ହେଉଛନ୍ତି। କାମାକ୍ଷାନଗର ବ୍ଲକ୍ ପରିସରରେ ଥିବା ଆଧାର କେନ୍ଦ୍ରରେ ମଧ୍ୟ ସେହିଭଳି ସ୍ଥିତି ଉପୁଜିଛି। ଆଧାର କେନ୍ଦ୍ର ଖୋଲିବା ପୂର୍ବରୁ ଶତାଧିକ ଲୋକ ଖରାରେ ଲମ୍ବା ଧାଡ଼ି ଲଗାଇଥିବାବେଳେ ଖରା ଅଧିକ ହେବାରୁ ଚପଲ ଧାଡ଼ିରେ ଠିଆ ହେଉଛି। ଦୂରଦୁରାନ୍ତରୁ ବହୁ ମହିଳା ପିଲାଛୁଆଙ୍କୁ ଧରି ସକାଳୁ ଆଧାର କେନ୍ଦ୍ରକୁ ଆସି ନାନାଦି ସମସ୍ୟା ଭୋଗୁଛନ୍ତି। ୪ରୁ ୫ ଦିନ ହେବ ଆଧାର କେନ୍ଦ୍ରକୁ ଆସି କାମ ନହେବାରୁ ମହିଳାମାନେ ନିରାଶ ହୋଇ ମଧ୍ୟ ଫେରୁଛନ୍ତି। ବର୍ତ୍ତମାନ ସୁଭଦ୍ରା ଯୋଜନା ନୁହେଁ ରାସନ କାର୍ଡ ପାଇଁ ଇ-କେୱାଇସି, ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ଆଧାର ସଂଶୋଧନ ଓ ନୂତନ ଆଧାର କାର୍ଡ ପାଇଁ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ଏପରିକି କାମାକ୍ଷାନଗର ବ୍ଲକ୍ ପରିସରରେ ଥିବା ଆଧାର କେନ୍ଦ୍ରରେ କଙ୍କଡାହାଡ଼ ବ୍ଲକ୍ ଅଞ୍ଚଳର ବହୁ ଲୋକ ଆଧାର ଓ ମୋବାଇଲ ଲିଙ୍କ୍ ନିମନ୍ତେ ସକାଳ ୬ଟାରୁ ପିଲାଛୁଆଙ୍କୁ ଧରି ଧାଡ଼ିରେ ଠିଆ ହେଉଛନ୍ତି। ଅନ୍ୟପଟେ ଆଧାର କେନ୍ଦ୍ରରେ ଅବ୍ୟବସ୍ଥା ଯୋଗୁ ଲୋକମାନେ ହଇରାଣ ହେଉଛନ୍ତି। ଏବେ ପ୍ରବଳ ଖରା ହେଉଥିବାବେଳେ ଲୋକମାନେ ସେଠାରେ ପାଣି ଟିକିଏ ପାଉନାହାନ୍ତି। ତେଣୁ ଆଧାର କେନ୍ଦ୍ର ପରିସରରେ ପିଇବାପାଣି ଓ ଆଶ୍ରୟସ୍ଥଳୀ ନିର୍ମାଣ କରିବା ନେଇ ଲୋକମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି।



ଅରୁଣ ବଜାରରେ ଗୋଷ୍ଠୀ ସଂଘର୍ଷ ଘଟଣାରେ ୭ଗିରଫ

# ପ୍ରଶାସନ ଡାକିଲା ଶାନ୍ତିକମିଟି ବୈଠକ

**ଧାମନଗର,୨୦।୯/ଏନ୍‌ଏନ୍‌ଏସ୍‌:** ଧାମନଗର ବ୍ଲକ୍ ଅରୁଣ ବଜାରରେ ଗୁରୁବାର ସକାଳେ ୨ ସମ୍ପ୍ରଦାୟ ମଧ୍ୟରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଧୁଷୁରୀ ଥାନା ପୁଲିସ ମୋଟ ୭ ଜଣଙ୍କୁ ଗିରଫ କରିଛି। ସମ୍ପୃକ୍ତ ଅଞ୍ଚଳର ୧ କିମି ପରିସୀମା ମଧ୍ୟରେ ୧୬୩ ଧାରା ବଳବତ୍ତର ରହିଛି। ସମ୍ବେଦନଶୀଳ ଜାଗାମାନଙ୍କରେ ପୁଲିସ ଫୋର୍ସ ମୁତୟନ ରହିଥିବା ଜଣାପଡ଼ିଛି। କେବଳ ଔଷଧ ଦୋକାନକୁ ବାଦ୍ ଦେଲେ ବଜାରର ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିଛି।

ଅଶାନ୍ତ ବାତାବରଣକୁ ଏଡ଼ାଇ ସମ୍ପୃକ୍ତ ଅଞ୍ଚଳରେ କିପରି ଶାନ୍ତି ଫେରିବ ସେନେଇ ୨ ସମ୍ପ୍ରଦାୟର ମୁରବି ଏବଂ ଲୋକପ୍ରତିନିଧିଙ୍କୁ ନେଇ ଶୁକ୍ରବାର ଅପରାହ୍ନରେ ଧାମନଗର ପଞ୍ଚାୟତ ସମିତି ସଭାଗୃହରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆବାହକ ତହସିଲଦାର ଦୀପକ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଉପଜିଲ୍ଲାପାଳ ମନୋଜ ପାତ୍ର, ବିଡିଓ ବନବିହାରୀ ଦିନ୍ଦା, ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ସାଂସଦ ପ୍ରତିନିଧି ମନୋଜ ମଲ୍ଲିକ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ବିଧାୟକ ପ୍ରତିନିଧି ଦୀପ୍ତି ରଞ୍ଜନ ଜେନା ଓ ଏସ୍‌ଡିପିଓ ତ୍ରିଲୋଚନ ସେଠୀ ପ୍ରମୁଖ ଯୋଗଦେଇ ଅନ୍ୟର ଧର୍ମ ପ୍ରତି ଆକ୍ରୋଶ ନକରିବାକୁ କହିଥିଲେ। ଦୋଷୀ ପ୍ରତି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଉଭୟ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ପୂର୍ବରୁ ଥିବା ଭାଇଚାରା କିପରି ଫେରିଆସିବ ସେ ସମ୍ପର୍କରେ ଆଲୋଚନା କରି ମତାମତ ଲୋଡ଼ିଥିଲେ। ଅନ୍ୟପଟେ ଶୁକ୍ରବାର ଅପରାହ୍ନରେ ବନ୍ଧଟିଆ ବଜାରରେ ଧାମନଗରର ଜୈନିକ ମୁସିଲିମ୍ ଯୁବକଙ୍କୁ ଦୁର୍ବ୍ୟବହାର କରିବା ନେଇ ଧାମନଗର ଥାନାରେ ଅଭିଯୋଗ ହେବା ପରେ ଥାନାଧିକାରୀ ଫଣିଭୂଷଣ ନାୟକ ଘଟଣାର ତଦନ୍ତ କରୁଛନ୍ତି। ଶେଷରେ ଧୁଷୁରୀ ଥାନା ଓଆଇସି ଶାନ୍ତନୁ ଜେନା ଧନ୍ୟବାଦ ଦେଇଥିଲେ।



# ମା’ ଗଜଲକ୍ଷ୍ମୀ ପୂଜା ପାଇଁ ମାଟିଉଠା ପର୍ବ



**ଭଣ୍ଡାରିପୋଖରୀ,୨୦।୯/ଏନ୍‌ଏନ୍‌ଏସ୍‌:** ଭଣ୍ଡାରିପୋଖରୀ ବ୍ଲକ୍ ମାଳଦାର ଜଗନ୍ନାଥ ବଜାର ବଣିକ ସଂଘ ପକ୍ଷରୁ ମା’ ଗଜଲକ୍ଷ୍ମୀ ପୂଜା ପାଇଁ ମା’ ଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣ ନିମନ୍ତେ ମାଟି ଉଠାପର୍ବ ସମ୍ପନ୍ନ ହୋଇଛି। ଏହି ପରିପ୍ରେକ୍ଷୀରେ ବୈଦିକ ରୀତିରେ ପୂଜାର୍ଚ୍ଚନା ହୋଇଥିବାବେଳେ କର୍ତ୍ତା ଭାବେ ଅନିଲ କୁମାର ଶତପଥୀ, ବଣିକ ସଂଘର ସଭାପତି ଚନ୍ଦ୍ରଶେଖର ମହାନ୍ତି, ଚନ୍ଦ୍ରଶେଖର ଦତ୍ତ, ଦୁର୍ଯ୍ୟୋଧନ ଦାସ, କମଳାକାନ୍ତ ସାମଲ, ନିଶିକାନ୍ତ ସୁତାର, ଧିରେନ୍ଦ୍ର ନାୟକ, ଦେବାଶିଷ ପଣ୍ଡା, ନିରଞ୍ଜନ ବେଉରିଆ, ଶ୍ରୀନାଥ ନାଏକ, ଲଳିତ ନାୟକ, ଗୋପାଳ କୁଅଁର, ଅଜୁ ବାରିକ, ଶ୍ୟାମସୁନ୍ଦର ଦାସ ଓ କ୍ଷେତ୍ରବାସୀ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ପୂଜକ ରାଜେଶ ତ୍ରିପାଠୀ ପୂଜାର୍ଚ୍ଚନା କରି ନିକଟସ୍ଥ ସର୍ତ୍ତା ନଦୀ ତଟରୁ ମାଟି ଉଠାଇଥିଲେ।

## ଚେନ୍ନାଇ ଟେଷ୍ଟ: ଅଶ୍ୱିନ୍‌ଙ୍କ ଶତକ ପରେ ବୁମ୍‌ରାଙ୍କ 'ଚୌକା'

# ଭାରତ ୩୦୮ ରନ୍‌ରେ ଆଗୁଆ

## ■ ବାଂଲାଦେଶ ୧୪୯ ରନ୍‌ରେ ଅଲ୍‌ଆଉଟ୍ ■ ଦ୍ୱିତୀୟ ଇନିଂସ୍‌ରେ ଭାରତ ୮୧/୩

**ଚେନ୍ନାଇ,୨୦।୯/ଏଜେନ୍ସି:** ଭାରତ ଏବଂ ବାଂଲାଦେଶ ମଧ୍ୟରେ ଚେନ୍ନାଇର ଚେପକସ୍ଥିତ ଏମ୍ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭାରତ ମଜଭୁତ ସ୍ଥିତିରେ ପହଞ୍ଚିଛି। ଶୁକ୍ରବାର ଦ୍ୱିତୀୟ ଦିନ ଭାରତ ଦ୍ୱିତୀୟ ଇନିଂସ୍‌ରେ ୩ ୱିକେଟ୍ ହରାଇ ୮୧ ରନ୍ କରିଛି। ଷ୍ଟମ୍ପସ ଶୁବମନ ଗିଲ୍ ୩୩ ଏବଂ ଋଷଭ ପନ୍ତ ୧୨ ରନ୍‌ରେ ବ୍ୟାଟିଂ କରୁଥିଲେ। ଏହା ସହିତ ଭାରତ ୩୦୮ ରନ୍‌ରେ ଆଗୁଆ ହୋଇଛି। ପ୍ରଥମ ଇନିଂସ୍‌ରେ ଭାରତ ୩୭୬ ରନ୍ କରିଥିବା ବେଳେ ବାଂଲାଦେଶ ୧୪୯ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଫଳରେ ଭାରତକୁ ପ୍ରଥମ ଇନିଂସ୍‌ରେ ୨୨୭ ରନ୍‌ର ଅଗ୍ରଣୀ ମିଳିଥିଲା।

ଶୁକ୍ରବାର ଭାରତ ୩୩୯/୬ ସ୍କୋର୍‌ରୁ ଅସମାପ୍ତ ପ୍ରଥମ ଇନିଂସ୍ ଆରମ୍ଭ କରି ଆଉ ମାତ୍ର ୩୭ ରନ୍ ଯୋଗ କରିବା ପରେ ଅଲ୍‌ଆଉଟ୍ ହୋଇଥିଲା। ପୂର୍ବଦିନ ୮୬ ରନ୍‌ରେ ଅପରାଜିତ ରହିଥିବା ରବୀନ୍ଦ୍ର ଜାଡ଼େଜା ନିଜର ସ୍କୋର୍‌ରେ ଆଉଟ୍ କୌଣସି ରନ୍ ଯୋଡ଼ିବା ପୂର୍ବରୁ ତାସ୍କିନ୍ ଅହମଦଙ୍କ ବଲ୍‌ରେ ଲିଟନ୍ ଦାସଙ୍କୁ କ୍ୟାଚ୍ ଦେଇ ଫେରିଥିଲେ। ପ୍ରଥମ ଦିନ ଶତକ ହାସଲ କରିଥିବା ଆର୍ ଅଶ୍ୱିନ୍ ୧୩୩ ବଲ୍‌ରୁ ୧୧ ଚୌକା ଓ ୨ ଛକା ସହାୟତାରେ ୧୧୩ ରନ୍ କରି ବିଦାୟ ନେଇଥିଲେ। ଆକାଶ ଦୀପ ୧୭ ଏବଂ ବୁମ୍‌ରା ୭ ରନ୍ କରିଥିବା ବେଳେ ସିରାଜ୍ ଶୂନ୍ୟରେ ଅପରାଜିତ ରହିଥିଲେ। ବାଂଲାଦେଶ ପକ୍ଷରୁ ହସନ ମହମୁଦ ୫ ୱିକେଟ୍ ନେଇଥିଲେ। ଭାରତରେ ଗୋଟିଏ ଇନିଂସ୍‌ରେ ୫ ୱିକେଟ୍ ହାସଲ କରିବାରେ ସେ ପ୍ରଥମ ବାଂଲାଦେଶୀ ବୋଲର୍ ହୋଇଛନ୍ତି। ତାସ୍କିନ୍ ଅହମଦ ୩, ନାହିଦ୍ ରାଣା ଓ ମେହଦୀ ହସନ୍ ମିରାଜ ଗୋଟିଏ ଲେଖାଏଁ ୱିକେଟ୍ ପାଇଥିଲେ।

ଜବାବରେ ବାଂଲାଦେଶର ପ୍ରଥମ ଇନିଂସ୍ ଆରମ୍ଭ ଖରାପ ଥିଲା। ମାତ୍ର ୪୦ ରନ୍ ମଧ୍ୟରେ ଶୀର୍ଷ ୫ ୱିକେଟ୍‌ର ପତନ ଘଟିଥିଲା। ଇନିଂସ୍‌ର ପ୍ରଥମ ଓଭର୍‌ରେ ହିଁ ଜସ୍‌ପ୍ରୀତ୍ ବୁମ୍‌ରା ଟିମ୍‌କୁ ଝଟ୍‌କା ଦେଇଥିଲେ। ଓଭର୍ ଅନ୍ତିମ ବଲ୍‌ରେ ଶାଦମାନ ଇସ୍ଲାମ (୨୦) କ୍ଲିନ୍ ବୋଲ୍ଡ ଆଉଟ୍ ହୋଇଥିଲେ। ଏହାପରେ ଆକାଶ ଦୀପଙ୍କ ଯାଦୁ ଆରମ୍ଭ ହୋଇଥିଲା। ସେ ୯ମ ଓଭର୍‌ର ଲଗାତାର ଦୁଇଟି ବଲ୍‌ରେ ଜାକିର ହସନ (୩) ଏବଂ ମୋମିନୁଲ୍ ହକ୍ (୨)ଙ୍କୁ କ୍ଲିନ୍ ବୋଲ୍ଡ କରିଥିଲେ। ଏକଦା ସେ ହ୍ୟାଟ୍ରିକ୍ ନେବା ଅବସ୍ଥାରେ ଥିଲେ ମଧ୍ୟ ମୁଶଫିକୁର ରହିମ୍ ଏହା ହେବାକୁ ଦେଇନଥିଲେ। କ୍ୟାପ୍‌ଟେନ୍ ନଜମୁଲ୍ ହୁସେନ୍ ଶାନ୍ତୋ (୨୦)ଙ୍କୁ କୋହଲି ହାତରେ କ୍ୟାଚ୍ କରାଇ ମହମ୍ମଦ ସିରାଜ୍ ବାଂଲାଦେଶର ଚତୁର୍ଥ ୱିକେଟ୍ ନେବାର କିଛି ସମୟ ପରେ ବୁମ୍‌ରା ଅନୁଭବୀ ମୁଶଫିକୁର ରହିମ (୮)ଙ୍କୁ ସ୍ଲିପ୍‌ରେ ରାହୁଲଙ୍କ ଦ୍ୱାରା କ୍ୟାଚ୍ କରାଇଥିଲେ। ଏହାପରେ ସାକିବ୍ ଅଲ୍ ହସନ୍ ଓ ଲିଟନ୍ ଦାସ ୫୧ ରନ୍‌ର ଭାଗୀଦାରି କରିଥିଲେ। ଲିଟନ୍ ଦାସ (୨୨) ଜାଡ଼େଜାଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଜାଡ଼େଜାଙ୍କ ପରବର୍ତ୍ତୀ ଓଭର୍‌ରେ ସାକିବ୍ (୩୨) କ୍ୟାଚ୍ ଆଉଟ୍ ହୋଇଥିଲେ। ହସନ୍ ମହମୁଦ (୯) ଓ ତାସ୍କିନ୍ ଅହମଦ (୧୧)ଙ୍କୁ ବୁମ୍‌ରା ନିଜ ଶିକାର ବନାଇଥିବା ବେଳେ ନାହିଦ୍ ରାଣା (୧୧)ଙ୍କୁ ସିରାଜ୍ କ୍ଲିନ୍ ବୋଲ୍ଡ କରିଥିଲେ। ମେହଦୀ ହସନ୍ ୨୭ ରନ୍‌ରେ ଅପରାଜିତ ରହିଥିଲେ।

ବାଂଲାଦେଶକୁ ଫଲୋଅନ୍ ଖେଳିବାକୁ ନଦେଇ ଟିମ୍ ଇଣ୍ଡିଆ କ୍ୟାପ୍‌ଟେନ୍ ରୋହିତ ଶର୍ମା ଦ୍ୱିତୀୟ ଇନିଂସ୍ ଖେଳିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ଦ୍ୱିତୀୟ ଇନିଂସ୍‌ର ତୃତୀୟ ଓଭର୍‌ରେ ଭାରତକୁ ପ୍ରଥମ ଝଟ୍‌କା ଲାଗିଥିଲା। କ୍ୟାପ୍‌ଟେନ୍ ରୋହିତ ଶର୍ମା ଫାଷ୍ଟ ବୋଲର୍ ତାସ୍କିନ୍ ଅହମଦଙ୍କ ବଲ୍‌ରେ ଜାକିର ହସନ୍‌ଙ୍କୁ କ୍ୟାଚ୍ ଦେଇ ଫେରିଥିଲେ। ରୋହିତ ୫ ରନ୍ କରିଥିଲେ। ଏହାପରେ ଯଶସ୍ୱୀ ଜୟସ୍ୱାଲ୍ (୧୦) ଫାଷ୍ଟ ବୋଲର୍ ନାହିଦ୍ ରାଣାଙ୍କ ବଲ୍‌ରେ ୱିକେଟ୍ ପଛରେ କ୍ୟାଚ୍ ହୋଇ ଫେରିଥିଲେ। ୬୭ ରନ୍‌ର ସ୍କୋର୍‌ରେ ଭାରତ ବିରାଟ କୋହଲିଙ୍କ ୱିକେଟ୍ ହରାଇଥିଲା। କୋହଲି ସ୍ପିନ୍ ବୋଲର୍ ମେହଦୀ ହସନ୍ ମିରାଜଙ୍କ ବଲ୍‌ରେ ଏଲ୍‌ବିଡବଲ୍ୟୁ ଆଉଟ୍ ହୋଇଥିଲେ। ୩୭ ବଲ୍‌ରେ ଦୁଇ ଚୌକା ସହାୟତାରେ କୋହଲି ୧୭ ରନ୍ କରିଥିଲେ। ଏହାପରେ ପନ୍ତ ଓ ଶୁବମନ ଆଉ କେଣସି କ୍ଷତି ହେବାକୁ ଦେଇନଥିଲେ।




## ରିଭ୍ୟୁ ନନେଇ ଆଉଟ୍ ହେଲେ କୋହଲି

ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟରେ ଟିମ୍ ଇଣ୍ଡିଆ ଷ୍ଟାର୍ ବ୍ୟାଟର୍ ବିରାଟ କୋହଲି କିଛି ଖାସ୍ କରିପାରି ନାହାନ୍ତି। ପ୍ରଥମ ଇନିଂସ୍‌ରେ ୬ ରନ୍ କରିଥିବା ଦ୍ୱିତୀୟ ଇନିଂସ୍‌ରେ ୧୭ ରନ୍ କରି ଆଉଟ୍ ହୋଇଛନ୍ତି। ସ୍ପିନର୍ ମେହଦୀ ହସନ୍ ମିରାଜ୍ ତାଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ୍ କରିଥିଲେ। ମିରାଜ୍‌ଙ୍କ ଫୁଲ୍ ଲେଙ୍ଗ୍‌ଥ ବଲ୍ ପ୍ରଥମେ କୋହଲିଙ୍କ ପ୍ୟାଡ୍‌ରେ ବାଜିଥିଲା। ବିପକ୍ଷ ଟିମ୍‌ର ଖେଳାଳି ଜୋରଦାର ଅପିଲ୍ କରିବା ପରେ ଫିଲ୍ଡ ଅମ୍ପାୟାର୍ ରିଚାର୍ଡ କେଟଲବୋରୋ ଆଉଟ୍ ଦେଇଥିଲେ। ମାତ୍ର ରିପ୍ଲେରେ ବଲ୍ ବ୍ୟାଟ୍‌ରେ ବାଜି ପରେ ପ୍ୟାଡ୍‌ରେ ଲାଗିଥିବା ଦେଖିବାକୁ ମିଳିଥିଲା। କୋହଲି ଡିଆର୍‌ଏସ୍ ନେଇଥିଲେ ଆଉଟ୍ ହେବାରୁ ବଞ୍ଚିଯାଇଥାନ୍ତେ। କିନ୍ତୁ ସାଥୀ ଖେଳାଳି ଶୁବମନ ଗିଲ୍‌ଙ୍କ ସହ ଆଲୋଚନା ପରେ କୋହଲି ରିଭ୍ୟୁ ନେଇନଥିଲେ। କୋହଲିଙ୍କ ଏହି ନିଷ୍ପତ୍ତିରେ ଡଗ୍ ଆଉଟ୍‌ରେ ବସିଥିବା କ୍ୟାପ୍‌ଟେନ୍ ରୋହିତ ଶର୍ମା ବହୁ ନିରାଶ ହୋଇଥିଲେ।




**ରେକର୍ଡ**

## ରୋହିତଙ୍କ ଏକ ହଜାର ଅନ୍ତର୍ଜାତୀୟ ରନ୍ ପୂରଣ

ଭାରତୀୟ କ୍ୟାପ୍‌ଟେନ୍ ରୋହିତ ଶର୍ମା ବାଂଲାଦେଶ ବିପକ୍ଷରେ ପ୍ରଥମ ଟେଷ୍ଟର ଦ୍ୱିତୀୟ ଇନିଂସ୍‌ରେ ୫ ରନ୍ କରି ଆଉଟ୍ ହୋଇଛନ୍ତି। ତେବେ ୪ ରନ୍ କରିବା ମାତ୍ରେ ହିଁ ଚଳିତ ବର୍ଷ ତାଙ୍କର ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୧୦୦୦ ରନ୍ ପୂରଣ ହୋଇଛି। ତିନୋଟି ଯାକ ଫର୍ମାଟ୍‌ରେ ଗୋଟିଏ କ୍ୟାଲେଣ୍ଡର ଇୟର୍‌ରେ ଏହା ରୋହିତଙ୍କ ୧୦ମ ଥର ଏକ ହଜାର ରନ୍ କରିଛନ୍ତି। ଏହି ତାଲିକାର ଶୀର୍ଷରେ ସଚିନ୍ ତେନ୍ଦୁଲକର ରହିଛନ୍ତି। ସେ ୧୬ ଥର ଏହି କାରନାମା କରିସାରିଛନ୍ତି। ସେହିପରି ବିରାଟ କୋହଲି ୧୨ ଥର ଏକ ହଜାରରୁ ଅଧିକ ରନ୍ କରିଛନ୍ତି।

**● ୪୦୦ ୱିକେଟ୍‌ରେ ବୁମ୍‌ରା ୬ଷ୍ଠ ଭାରତୀୟ**

ଭାରତୀୟ ଫାଷ୍ଟ ବୋଲର୍ ଜସ୍‌ପ୍ରୀତ୍ ବୁମ୍‌ରା ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟରେ ଏକ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୪୦୦ ୱିକେଟ୍ ପୂରଣ କରିବାରେ ସେ ୬ଷ୍ଠ ଭାରତୀୟ ପେସର୍ ହୋଇଛନ୍ତି। ୬୮୭ ୱିକେଟ୍ ସହ କପିଳ ଦେବ ଏହି ତାଲିକାର ଶୀର୍ଷରେ ରହିଛନ୍ତି। ବର୍ତ୍ତମାନ ବୁମ୍‌ରା ୱିକେଟ୍ ସଂଖ୍ୟା ୪୦୧ ହୋଇଛି।

**● ୧୦ ଟେଷ୍ଟ ପରେ ସର୍ବାଧିକ ରନ୍‌ରେ ଜୟସ୍ୱାଲ୍ ୪ର୍ଥ**

ଭାରତୀୟ ଯୁବ ଓପ୍ନର୍ ଯଶସ୍ୱୀ ଜୟସ୍ୱାଲ୍ ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟରେ ଏକ ବଡ଼ ଉପଲବ୍ଧି ହାସଲ କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୧୦ ଟେଷ୍ଟ ପରେ ସର୍ବାଧିକ ରନ୍ ତାଲିକାରେ ସେ ଚତୁର୍ଥ ସ୍ଥାନରେ ପହଞ୍ଚିଛନ୍ତି। ୧୦ ମ୍ୟାଚ୍‌ରେ ସେ ୧୦୯୪ ରନ୍ କରିଛନ୍ତି। ଏହି ତାଲିକା ଶୀର୍ଷରେ ଅଷ୍ଟ୍ରେଲିଆର ସାର୍ ଡନ୍ ବ୍ରାଡ୍‌ମ୍ୟାନ୍ (୧୪୪୬) ରହିଛନ୍ତି।




## ସେଣ୍ଟ୍ ଜାଭିୟର୍ସରେ ବାସ୍କେଟ୍ ବଲ୍ ମହାକୁମ୍ଭ

**କଟକ,୨୦।୯/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମ୍‌ଠୁ୍ୱେବରୁାର ସକାଳ ୧୦ଟାରେ ସିବିଏସ୍‌ଇ ବାସ୍କେଟ୍ ବଲ୍ ଟୁର୍ଣ୍ଣାମେଣ୍ଟ କ୍ଲଷ୍ଟର୍ ଉଦ୍‌ଘାଟିତ ହୋଇଛି। କଟକ ମେୟର୍ ସୁବାସ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ଓ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ପରେ ବିଦ୍ୟାଳୟର କ୍ରୀଡ଼ା ସମ୍ପାଦକ ଶ୍ରଦ୍ଧା ଭଞ୍ଜଦେଓ ଶପଥପାଠ କରାଇଥିଲେ। ଏହାପରେ ମେୟର୍ ଟୁର୍ଣ୍ଣାମେଣ୍ଟର ବିଧିବଦ୍ଧ ଆରମ୍ଭ ଘୋଷଣା କରିଥିଲେ। କ୍ରିକେଟ୍ ଓ ଫୁଟ୍‌ବଲ୍ ପରେ ବିଶେଷ ଭାବେ ଜନାଦୃତ ବାସ୍କେଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ଆୟୋଜନ ପାଇଁ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟର ପ୍ରୟାସକୁ ମେୟର ଶ୍ରୀ ସିଂ ପ୍ରଶଂସା କରିଥିଲେ। ଏହା ସହିତ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଭୁ ତରଣ ମହାନ୍ତି, ସିବିଏସ୍‌ଇ ନିରୀକ୍ଷକ ମୋନାଲିସା ମିଶ୍ର, ଓଡ଼ିଶା ବାସ୍କେଟ୍‌ବଲ୍ ଆସୋସିଏସନ୍ ସମ୍ପାଦକ ଅଶୋକ ସାହୁ, ବ୍ରହ୍ମପୁର ସେଣ୍ଟ ଜାଭିୟର୍ସର ନିର୍ଦ୍ଦେଶକ କୁନାଲ୍ କୌଶିକ, ନୂଆବଜାର ସେଣ୍ଟ ଜାଜିୟର୍ସର ଅଧ୍ୟକ୍ଷ ପ୍ରଦୀପ ତ୍ରିପାଠୀ, କୃଷ୍ଣମୂର୍ତ୍ତି ବାରବାଟୀର ଅଧ୍ୟକ୍ଷ ମନୋଜ ମେନନ୍ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବ କାର୍ଯ୍ୟକ୍ରମ ଆୟୋଜକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରିୟଦର୍ଶୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିଲା।

ଉଦଘାଟନୀ ମ୍ୟାଚ୍ ୧୯ ବର୍ଷରୁ କମ୍ ବାଳକ ବର୍ଗରେ ବେଦିକ୍ ଇଣ୍ଟର୍‌ନ୍ୟାସନାଲ ସ୍କୁଲ ଓ କାରୋମେଲ ସ୍କୁଲ୍ ମଧ୍ୟରେ ଏବଂ ବାଳିକା ବର୍ଗରେ ଏନ୍‌ଜି ଗୋୟଲ୍ ସ୍କୁଲ ଓ ପଶ୍ଚିମବଙ୍ଗର ଆର୍ମି ସ୍କୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ମୋଟ ୭୦ ମ୍ୟାଚ୍ ଖେଳାଯିବ। ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ସେପ୍ଟେମ୍ବର ୨୧ରେ ଆୟୋଜିତ ହେବ। ଅପରାହ୍ଣରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହେବ।




## କୋହଲିଙ୍କ କୀର୍ତ୍ତିମାନ

**ଚେନ୍ନାଇ,୨୦।୯/ଏଜେନ୍ସି:** ଟିମ୍ ଇଣ୍ଡିଆ ଷ୍ଟାର୍ ବ୍ୟାଟର୍ ବିରାଟ କୋହଲି ବାଂଲାଦେଶ ବିପକ୍ଷରେ ଚେନ୍ନାଇରେ ଖେଳାଯାଉଥିବା ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିନରେ ଏକ ବିଶେଷ ଉପଲବ୍ଧି ନିଜ ନାମରେ କରିଛନ୍ତି। ଘରୋଇ ମାଟିରେ କୋହଲି ୧୨ ହଜାର ଅନ୍ତର୍ଜାତୀୟ ରନ୍ ପୂରଣ କରିଛନ୍ତି। ଏହା କରିବାରେ ସେ ସଚିନ୍ ତେନ୍ଦୁଲକରଙ୍କ ପରେ ଦ୍ୱିତୀୟ ଭାରତୀୟ ବ୍ୟାଟର୍ ହୋଇଛନ୍ତି। ନିକଟରେ ଟି-୨୦ ଅନ୍ତର୍ଜାତୀୟରୁ ସନ୍ନ୍ୟାସ ନେଇଥିବା କୋହଲି ୨୧୯ତମ ମ୍ୟାଚ୍‌ରେ ଏହି ଉପଲବ୍ଧି ହାସଲ କରିଛନ୍ତି। ସେ ଘରୋଇ ମାଟିରେ ୫୮.୮୪ ହାରାହାରିରେ ମୋଟ ୧୨ ହଜାର ରନ୍ ପୂରଣ କରିଛନ୍ତି। ଏହା ମଧ୍ୟରେ ୩୮ ଶତକ ଏବଂ ୫୯ ଅର୍ଦ୍ଧଶତକ ସାମିଲ। ଭାରତୀୟ ପରିସ୍ଥିତିରେ ସଚିନ୍ ତେନ୍ଦୁଲକର ୨୫୮ ମ୍ୟାଚ୍‌ରେ ୫୦.୩୨ ହାରାହାରିରେ ୧୪୧୯୨ ରନ୍ କରିଛନ୍ତି, ଯେଉଁଥିରେ ୪୨ ଶତକ ଏବଂ ୭୦ ଅର୍ଦ୍ଧଶତକ ରହିଛି। ସକ୍ରିୟ ଖେଳାଳିଙ୍କ ମଧ୍ୟରେ କେବଳ ରୋହିତ ଶର୍ମା ଏପରି ଜଣେ ଖେଳାଳି ଯିଏ ଏହି ଦୁଇ ବ୍ୟାଟରଙ୍କ ପଛରେ ରହିଛନ୍ତି। ରୋହିତ ଘରୋଇ ପରିସ୍ଥିତିରେ ରନ୍ ସଂଗ୍ରହ ମାମଲାରେ କୋହଲିଙ୍କଠାରୁ ସାଢ଼େ ତିନି ହଜାର ରନ୍ ପଛରେ ରହିଛନ୍ତି।

## ମହିଳା ଟି-୨୦ ବିଶ୍ୱକପ୍

## ଶ୍ରୀଲଙ୍କା ଟିମ୍ ଘୋଷଣା

**କଲମ୍ବୋ,୨୦।୯/ଏଜେନ୍ସି:** ୟୁଏଇରେ ଅକ୍ଟୋବର ୩ରୁ ୨୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ମହିଳା ଟି-୨୦ ବିଶ୍ୱକପ୍ ପାଇଁ ଶୁକ୍ରବାର ୧୫ ଜଣିଆ ଶ୍ରୀଲଙ୍କା ଟିମ୍ ଘୋଷିତ ହୋଇଛି। ଚମାରୀ ଅଟାପାଟ୍ଟୁଙ୍କୁ ଟିମ୍‌ର ନେତୃତ୍ୱ ପ୍ରଦାନ କରାଯାଇଥିବା ବେଳେ ଇନୋକା ରଣାୱିରାଙ୍କ ପ୍ରତ୍ୟାବର୍ତ୍ତନ ଘଟିଛି। ଶ୍ରୀଲଙ୍କା ମହିଳା ଟିମ୍ ଇଂଲଣ୍ଡ ଏବଂ ସାଉଥ୍ ଆଫ୍ରିକା ବିପକ୍ଷରେ ସିରିଜ୍ ବିଜୟୀ ହୋଇଥିବା ବେଳେ ଚଳିତ ଜୁଲାଇରେ ପ୍ରଥମ ଥର ପାଇଁ ମହିଳା ଏସିଆ କପ୍ ଟାଇଟଲ୍ ଜିତିଛି। ଶ୍ରୀଲଙ୍କା ଟି-୨୦ ବିଶ୍ୱକପ୍‌ରେ ଅକ୍ଟୋବର ୩ରେ ପାକିସ୍ତାନ ବିପକ୍ଷରୁ ନିଜର ଅଭିଯାନ ଆରମ୍ଭ କରିବ।

**ଶ୍ରୀଲଙ୍କା ସ୍କ୍ୱାଡ୍:** ଚମାରୀ ଅଟାପାଟ୍ଟୁ (କ୍ୟାପ୍‌ଟେନ୍), ଅନୁଷ୍କା ସଞ୍ଜୀବନୀ, ହର୍ଷିତା ମାଧବୀ, ନିଲାକ୍ଷୀକା ଡି ସିଲ୍‌ଭା, ଇନୋକା ରଣାୱିରା, ହସିନି ପରେରା, କବିଶା ଦିଲ୍‌ହାରି, ସଚିନି ନିସାନ୍‌ସାଲା, ଭିସ୍ମି ଗୁଣରତ୍ନେ, ଉଦେଶିକା ପ୍ରବୋଧନୀ, ଅଚିନି କୁଲସୁରିୟା, ସୁଗନ୍ଧିକା କୁମାରୀ, ଇନୋଶୀ ପ୍ରୀୟଦର୍ଶିନୀ, ଶଶିନୀ ଗିମ୍‌ହାନି, ଅମା କଞ୍ଚନା। ରିଜର୍ଭ ଖେଳାଳି- କୌଶିନି ନୁଥ୍ୟାଙ୍ଗନା।

**ପ୍ରଥମ ଦିନିକିଆ: ହେଡ୍ ଓ ଲାବୁଶେନ୍‌ଙ୍କ ବିସ୍ଫୋରଣ**

## ୭ ୱିକେଟ୍‌ରେ ହାରିଲା ଇଂଲଣ୍ଡ

**ଲଣ୍ଡନ,୨୦।୯/ଏଜେନ୍ସି:** ଅଷ୍ଟ୍ରେଲିଆ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡକୁ ୭ ୱିକେଟ୍‌ରେ ହରାଇ ଦେଇଛି। ନଟିଂହମ୍‌ର ଟ୍ରେଣ୍ଟବ୍ରିଜ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୪୯.୪ ଓଭର୍‌ରେ ୩୧୫ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଅଷ୍ଟ୍ରେଲିଆ ୪୪ ଓଭର୍‌ରେ ୩ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଛି। ଆଉ ଏକ ବିସ୍ଫୋରଣ ଇନିଂସ୍ ଖେଳିଥିବା ଟ୍ରାଭିସ୍ ହେଡ୍ ଅପରାଜିତ ୧୫୪ ରନ୍ କରି କଙ୍ଗାରୁଙ୍କ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଏହା ବ୍ୟତୀତ ମାର୍ନସ୍ ଲାବୁଶେନ୍ ମଧ୍ୟ ଚମତ୍କାର ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଛନ୍ତି। ସେ ୩ଟି ୱିକେଟ୍ ନେବା ସହ ଅପରାଜିତ ୭୭ ରନ୍ ମଧ୍ୟ କରିଛନ୍ତି। ସିରିଜ୍‌ର ପରବର୍ତ୍ତୀ ମ୍ୟାଚ୍ ଲିଡ୍‌ସର ହେଡିଙ୍ଗ୍‌ଲେରେ ଖେଳାଯିବ।

ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ବେନ୍ ଡକେଟ୍ (୯୪) ଏବଂ ୱିଲ୍ ଜ୍ୟାକ୍ସ (୬୨)ଙ୍କ ଅର୍ଦ୍ଧଶତକ ବଳରେ ୪୯.୪ ଓଭର୍‌ରେ ୩୧୫ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଆଦମ୍ ଜାମ୍ପା ଓ ମାର୍ନସ୍ ଲାବୁଶେନ୍ ୩-୩ ୱିକେଟ୍ ନେଇଥିଲେ। ଟ୍ରାଭିସ୍ ହେଡ୍‌ଙ୍କୁ ଦୁଇଟି ସଫଳତା ମିଳିଥିଲା।

୩୧୬ ରନ୍‌ର ପିଛା କରୁଥିବା ଅଷ୍ଟ୍ରେଲିଆ କ୍ୟାପ୍‌ଟେନ୍ ମିଚେଲ୍ ମାର୍ଶ (୧୦ ରନ୍) ଶସ୍ତାରେ ଆଉଟ୍ ହୋଇଯାଇଥିଲେ। ଏହାପରେ ଷ୍ଟିଭ୍ ସ୍ମିଥ୍ (୩୨)ଙ୍କ ସହ ହେଡ୍ ୭୬ ରନ୍ ଏବଂ କାମେରନ୍ ଗ୍ରୀନ୍ (୩୨)ଙ୍କ ସହ ୭୩ ରନ୍‌ର ଭାଗୀଦାରି କରିଥିଲେ। ଏହାପରେ ଲାବୁଶେନ୍‌ଙ୍କ ସହ ହେଡ୍ ୧୪୮ ରନ୍‌ର ମ୍ୟାଚ୍ ବିଜୟୀ ଭାଗୀଦାରି କରିଥିଲେ। ଇତିମଧ୍ୟରେ ହେଡ୍ କ୍ୟାରିୟର୍‌ର ୬ଷ୍ଠ ଶତକ ହାସଲ କରିଥିଲେ। ୧୨୯ ବଲ୍‌ରେ ସେ ୨୦ ଚୌକା ଓ ପାଞ୍ଚ ଛକା ସହାୟତାରେ ୧୫୪ ରନ୍ କରି ଅପରାଜିତ ରହିଥିଲେ। ଲାବୁଶେନ୍ ୬୧ ବଲ୍‌ରେ ସାତ ଚୌକା ଓ ଦୁଇଟି ଛକା ସହାୟତାରେ ଅପରାଜିତ ୭୭ ରନ୍ କରିଥିଲେ।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, 2581886, 2582886, Fax: 0674-2583886, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra